ବର୍ଷ-୫୪ : ସଂଖ୍ୟା-୧ ଜାନୁଆରୀ, ୨୦୨୩ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜାନୁଆରୀ, ୨୦୨୩


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ଅଗ୍ରଗତି ଲାଗି ପ୍ରୟାସ | ... | ଶ୍ରୀମା | ... | ୮ |
| ଶ୍ରୀଅରବିନ୍ଦଙ୍କ ପ୍ରଥମ ସ୍ୱପ୍ନ : ସ୍ୱାଧୀନ ଓ ଅଖଣ୍ଡ ଭାରତ | ... | ଶେଖ ଅବଦୁଲ କାଶମ | ... | ୯ |
| ୨୦୨୩ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ | ... | ... | ... | ୧୩ |
| ଗୋଟିଏ ଦିନ - ଗୋଟିଏ ମୁହୂର୍ତ୍ତ | ... | ନୀରଦବରଣ | ... | ୧୪ |
| ନବ ଚେତନାର ସାଥେ ଆସ ତୁମେ ନୂଆବର୍ଷ ! (କବିତା) | ... | ଜ୍ୟୋସ୍ନାରାଣୀ ଦାଶ | ... | ୧୬ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୧୪) | ... | ... | ... | ୧୭ |
| ଶ୍ରୀମା, ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ | ... | ଶ୍ରୀମା | ... | ୨୧ |
| ସ୍ମିତହାସ୍ୟ (କବିତା) | ... | ସନ୍ତୋଷ ରଥ | ... | ୨୨ |
| ସଂକ୍ଷେପରେ ରାମାୟଣ ଚରିତ | ... | ରାମକୃଷ୍ଣ ଦାସ | ... | ୨୩ |
| ଆଧୁନିକ ଭାରତ ଓ ଯୁବ-ସମାଜ (୧) | ... | ପ୍ରପତ୍ତି | ... | ୨୭ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୬୯) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୩୦ |
| ଦ୍ୱୀପାନ୍ତରର କଥା (ଦ୍ୱିତୀୟ ପରିଚ୍ଛେଦ) | | | | |
| ଅକୂଳର ପରିଚୟ (୧) | ... | ବାରୀନ୍ଦ୍ର କୁମାର ଘୋଷ | ... | ୩୪ |
| ନୀରବତା (୩) | ... | ଗୟାଧର ଦାଶ | ... | ୩୬ |
| ନବବର୍ଷ କହେ (କବିତା) | ... | ରାମଚନ୍ଦ୍ର ପାଣି | ... | ୩୮ |
| ଆମ ପରିଚାଳନା ସମିତି | ... | ପ୍ରସାଦ ତ୍ରିପାଠୀ | ... | ୩୯ |
| ସନାତନ ଧର୍ମ (୨) | ... | କୁମାର ଚନ୍ଦ୍ର ମିଶ୍ର | ... | ୪୧ |
| ପ୍ରତିଶ୍ରୁତ ସମୟର (କବିତା) | ... | ଶାନ୍ତି ମହାନ୍ତି | ... | ୪୭ |
| ଇତିହାସର କେତୋଟି ମୁହୂର୍ତ୍ତ : | | | | |
| ବଳବାନ୍ ବନାମ କ୍ଷୁଦ୍ରାଦପି କ୍ଷୁଦ୍ର | ... | ମନୋଜ ଦାସ | ... | ୪୮ |
| ଏକଲବ୍ୟର ସାଧନା (୫) | ... | ... | ... | ୪୯ |
| ବଡ଼ରୁ ଛୋଟ ଯାଏଁ ସବୁ ଜୀବଜନ୍ତୁ | ... | ରସ୍କିନ୍ ବଣ୍ଡ୍ | ... | ୫୩ |
| ପରମାତ୍ମା ଉଦ୍ଦେଶ୍ୟରେ ଆତ୍ମ-ବିସ୍ମୃତର ଅଭିଯୋଗ | ... | ମନୋଜ ଦାସ | ... | ୫୮ |


❖

# ପ୍ରାର୍ଥନା

ହେ ପ୍ରଭୁ ! ମୋ ପ୍ରାର୍ଥନା ଶୁଣ ...

ମୋ ମଧ୍ୟରେ ତୁମେ ସର୍ବଶକ୍ତିମାନ୍, ମୋ ନିୟତିର ସାର୍ବଭୌମ ପ୍ରଭୁ, ଜୀବନର ଦିଶାରୀ, ଯାବତୀୟ ବିଘ୍ନବିନାଶକ, ପୂର୍ବ ଧାରଣାପ୍ରସୂତ ସଂକଳ୍ପସବୁ ଏବଂ ମାନସିକ ସଂସ୍କାର ଉପରେ ବିଜେତା । ସମ୍ଭବତଃ ବାହ୍ୟ ଜଗତରେ ସର୍ବଶକ୍ତିମାନ୍ ହେବା ନିମନ୍ତେ ତୁମର ପ୍ରୟୋଜନ ମୋ ମନର ଆୟୁଧ-ଭୂମିକା, ଯାହା ହେବ ସଂଗଠକ ଏବଂ କର୍ମପଦ୍ଧତିର ରୂପଦାତା; କିନ୍ତୁ ତୁମେ ଯଦି ଆୟୁଧଟିକୁ ପୂର୍ଣ୍ଣାଙ୍ଗ କରିପାରିବ, ତେବେ କାର୍ଯ୍ୟସିଦ୍ଧି ଦିଗରେ ସନ୍ଦେହର ଅବକାଶ ଅବା କାହୁଁ ଆସିବ ? ବିପରୀତ ଇଙ୍ଗିତ ଦେଉଥିବା ସମସ୍ତ ଅପଚ୍ଛାୟାକୁ ବହୁଦୂରକୁ ତଡ଼ି ଦେବାକୁ ହେବ ଏବଂ ତୁମର ଅସୀମ ଅନୁକମ୍ପା ଉପରେ ସମ୍ପୂର୍ଣ୍ଣ ତଥା ଅବିଚଳ ବିଶ୍ୱାସ ରଖି ତୁମକୁ କରୁଛି ଏହି ପ୍ରାର୍ଥନା :

ତୁମ ଶତ୍ରୁମାନଙ୍କୁ ମିତ୍ରରେ ରୂପାନ୍ତରିତ କର,

ଅନ୍ଧକାରକୁ ଆଲୋକରେ ପରିଣତ କର ।

ଏହି ବିପୁଳ ବୀରତ୍ୱପୂର୍ଣ୍ଣ ସଂଗ୍ରାମରେ, ବିଦ୍ୱେଷ ବିରୋଧରେ ପ୍ରେମର, ଅନ୍ୟାୟ ବିରୋଧରେ ନ୍ୟାୟର, ବିଦ୍ରୋହ ବିରୋଧରେ ତୁମର ଚୂଡ଼ାନ୍ତ ବିଧାନ ପ୍ରତି ଆନୁଗତ୍ୟର ଏହି ଯେଉଁ ମହତ୍ ସଂଗ୍ରାମ ଚାଲିଛି, ମୁଁ ଯେପରି କ୍ରମେ କ୍ରମେ ମାନବଜାତିକୁ ଆହୁରି ମହତ୍ତର ଏକ ଶାନ୍ତି ପାଇଁ ଯୋଗ୍ୟ କରିପାରେ, ଯହିଁ ସମସ୍ତ ଆନ୍ତର କଳହର ଅବସାନ ହୋଇ ମନୁଷ୍ୟର ସମସ୍ତ ପ୍ରୟାସ ତୁମ ଦିବ୍ୟସଂକଳ୍ପ ଏବଂ ପ୍ରଗତିଶୀଳ ଆଦର୍ଶର ଅଧିକରୁ ଅଧିକ ନିଖୁଣ ଏବଂ ପୂର୍ଣ୍ଣାଙ୍ଗ ଉପଲବ୍ଧିର ପ୍ରାପ୍ତି ସକାଶେ ଐକ୍ୟବଦ୍ଧ ହୋଇପାରେ ।

ଜାନୁଆରୀ ୧୮, ୧୯୧୫ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

There are no conditions for receiving the influence of Sri Aurobindo and the Mother except faith, an entire sincerity in following the spiritual path and a will and capacity to open oneself to the influence; but this capacity usually comes as the result of sincerity and faith.

(CWSA : Vol. 32, p. -106) – Sri Aurobindo

ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରଭାବକୁ ଗ୍ରହଣ କରିବା ଲାଗି ବିଶ୍ୱାସ, ଆଧାତ୍ମିକ ସାଧନାର ପଥ ଅନୁସରଣ କରିବା ଦିଗରେ ଏକ ପରିପୂର୍ଣ୍ଣ ଏକନିଷ୍ଠଭାବ ଏବଂ ଏହି ପ୍ରଭାବ ପ୍ରତି ନିଜକୁ ଉନ୍ମୁକ୍ତ ରଖିବା ନିମନ୍ତେ ଏକ ସଂକଳ୍ପ ତଥା ସାମର୍ଥ୍ୟ ଛଡ଼ା ଅନ୍ୟ କୌଣସି ପନ୍ଥା ନାହିଁ; କିନ୍ତୁ ଏହି ସାମର୍ଥ୍ୟ ସାଧାରଣତଃ ଏକନିଷ୍ଠତା ଓ ବିଶ୍ୱାସର ପରିଣାମ ରୂପେହିଁ ଆସିଥାଏ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୨୪)

## ଶ୍ରୀଅରବିନ୍ଦ

On all sides runs as if in a cosmic mosque
Tracing the scriptural verses of her laws
The daedal of her patterned arabesques,
Art of her wisdom, artifice of her lore.

ସତେଅବା ଏକ ମହାଜାଗତିକ ମସଜିଦରେ ତା' ବିଧାନଚୟର ଶାସ୍ତ୍ରଗତ ପଦାବଳୀ ଅଙ୍କିତ କରି ଚତୁଃପାର୍ଶ୍ୱରେ ଛାଇ ଯାଇଥାଏ ତାହାର ବିବିଧ ବିନ୍ୟାସଯୁକ୍ତ କାରୁକାର୍ଯ୍ୟମୟ ଚିତ୍ରାଳଙ୍କରଣ, ତା' ପ୍ରଜ୍ଞାର କଳା, ତା' ପାରମ୍ପରିକ ବିଦ୍ୟାର ସୂକ୍ଷ୍ମକୌଶଳ ।

This art, this artifice are her only stock.

ଏହି କଳା, ଏହି ସୂକ୍ଷ୍ମ କୌଶଳହିଁ ତାହାର ଏକମାତ୍ର ପୁଞ୍ଜି ।

In her high works of pure intelligence,
In her withdrawal from the senses' trap,
There comes no breaking of the walls of mind,
There leaps no rending flash of absolute power,
There dawns no light of heavenly certitude.

ତାହାର ଶୁଦ୍ଧ ବୁଦ୍ଧିର ଏହି ସମୁଚ୍ଚ କ୍ରିୟାକର୍ମ ସକଳରେ, ଇନ୍ଦ୍ରିୟାବଳୀର ପାଶରୁ ତାହାର ପ୍ରତ୍ୟାହୃତିରେ, ମନର ପ୍ରାଚୀରରାଜିରେ କୌଣସି ଫାଟ ସୃଷ୍ଟି ହୁଏ ନାହିଁ, ନିରଙ୍କୁଶ ଶକ୍ତିର କୌଣସି ଦିକ୍‌ବିଦାରୀ ଦୀପ୍ତିଶିଖା ଉଭାସି ଉଠେ ନାହିଁ, ପ୍ରକାଶିତ ହୁଏ ନାହିଁ ସ୍ୱର୍ଗୀୟ ନିଶ୍ଚିତତାର କୌଣସି ଆଲୋକ ।

A million faces wears her knowledge here
And every face is turbaned with a doubt.

ଏଠାରେ ତାହାର ଜ୍ଞାନ ପରିଧାନ କରିଥାଏ ଅୟୁତ ବଦନମଣ୍ଡଳ ଏବଂ ପ୍ରତିଟି ବଦନମଣ୍ଡଳର ଶିରୋଦେଶ ସଂସ୍ଥିତ ସଂଶୟର ପଗଡ଼ି ।

All now is questioned, all reduced to nought.

ସବୁକିଛି ଏବେ ପ୍ରଶ୍ନର ସମ୍ମୁଖୀନ, ସବୁକିଛି ଅବନମିତ ହୋଇ ଶୂନ୍ୟରେ ପରିଣତ ।

Once monumental in their massive craft
Her old great mythic writings disappear
And into their place start strict ephemeral signs;
This constant change spells
progress to her eyes:
Her thought is an endless march
without a goal.

ଏକଦା ସେଗୁଡ଼ିକର ସୁବିପୁଳ ଶିଳ୍ପକୃତିରେ ଚିରସ୍ମରଣୀୟ ତାହାର ସେଇ ପୁରାତନ ମହାନ୍ ପୌରାଣିକ ରଚନାବଳୀ ଅନ୍ତର୍ହିତ ହୋଇଯାଏ ଏବଂ ସେସବୁର ସ୍ଥାନରେ ଆରମ୍ଭ ହୁଏ ଏକାନ୍ତ କ୍ଷଣଭଙ୍ଗୁର ସଙ୍କେତମାଳା; ଏହି ନିତ୍ୟ ପରିବର୍ତ୍ତନ ତା' ଆଖିରେ ଦେଖାଦିଏ ଅଗ୍ରଗତି ରୂପେ : ଭାବନା ତାହାର ଏକ ଲକ୍ଷ୍ୟବିହୀନ ଅନ୍ତହୀନ ଅଭିଯାନ ।

There is no summit on which she can stand
And see in a single glance the Infinite's whole.

ଏମିତି କୌଣସି ଶିଖର ନାହିଁ ଯାହା ଉପରେ ସେ ଦଣ୍ଡାୟମାନ ହୋଇପାରେ ଓ ଏକହିଁ ଦୃଷ୍ଟିପାତରେ ଦେଖିପାରେ ଅନନ୍ତଙ୍କର ସମଗ୍ରତା ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଅଗ୍ରଗତି ଲାଗି ପ୍ରୟାସ

## ଶ୍ରୀମା

### (୧)

ତୁମେ ପ୍ରକୃତରେ ଅଗ୍ରଗତି କରୁଛ କି ନାହିଁ ତାହା ଜାଣିବାରେ ତୁମେ ସଂପୂର୍ଣ୍ଣ ଅସମର୍ଥ ବୋଲି ଜାଣି ରଖ । କାରଣ, ବହୁ ସମୟରେ ଆମକୁ ଯେଉଁ ଅବସ୍ଥାଟି ଅଚଳ ବା ସ୍ଥବିରାବସ୍ଥା ବୋଲି ଜଣାପଡ଼େ, ତାହା ବେଳେ ବେଳେ ବହୁକାଳ ଧରି ଚାଲିଥିଲେ ବି – ଅବଶ୍ୟ ଯେକୌଣସି କ୍ଷେତ୍ରରେ ସେହି ମାନ୍ଦାବସ୍ଥା ଅନ୍ତହୀନ ସମୟ ଯାଏ କେବେ ରହେ ନାହିଁ – ସେହି ଅବସ୍ଥାଟି ପ୍ରକୃତରେ ଦ୍ରୁତ ଗତିରେ ବହୁ ଦୂରକୁ ଲମ୍ଫ ଦେବା ପାଇଁ ଏକ ପ୍ରସ୍ତୁତି କାଳ ବୋଲି ଜାଣିବ । ଆମେ ବେଳେ ବେଳେ ସମୟକୁ ସପ୍ତାହ, ମାସ ଇତ୍ୟାଦିରେ ଚିହ୍ନଟ କରୁଥାଉ ଏବଂ ଦିନେ ଯାହା ସେହି ମାନ୍ଦାବସ୍ଥା ଭିତରେ ନିଜକୁ ପ୍ରସ୍ତୁତ କରୁଥିଲା, ତାହା ଅକସ୍ମାତ୍ ଆତ୍ମପ୍ରକାଶ କରିଦିଏ । ସେତେବେଳେ ଯାଇ ଆମେ ଦେଖୁ ଯେ ପ୍ରକୃତରେ ବେଶ୍ କିଛି ଏକ ପରିବର୍ତ୍ତନ ହୋଇ ଯାଇଛି ଏବଂ ଏକ ସମୟରେ **ବହୁ ବିଷୟ ଉପରେ** ଏ ପରିବର୍ତ୍ତନ ଘଟିଯାଇଛି ।

ଯୋଗମାର୍ଗରେ ଅନ୍ୟାନ୍ୟ କଥା ଭଳି, ଅଗ୍ରଗତି ଲାଗି ଯେଉଁ ପ୍ରୟାସ କରିବାକୁ ପଡ଼େ, ତାହା ଜଣେ ଅଗ୍ରଗତିର ପ୍ରୟାସ ପାଇଁ ଆଗ୍ରହ ଯୋଗୁଁ କରିବା ଉଚିତ । ପ୍ରୟାସର ଆନନ୍ଦ, ଅଗ୍ରଗତି ପାଇଁ ଆସ୍ପୃହା – ଏଗୁଡ଼ିକ ନିଜ ନିଜ ଭିତରେ ସ୍ୱୟଂସଂପୂର୍ଣ୍ଣ ହେବା ଉଚିତ । ଏହା କୌଣସି ଫଳାଫଳକୁ ଅପେକ୍ଷା କରେ ନାହିଁ । ଯୋଗମାର୍ଗରେ ଜଣେ ଯାହା କରେ ତାହା କରିବାର ଆନନ୍ଦ ପାଇଁହିଁ କରେ, କୌଣସି କାମ୍ୟ ଫଳ ପ୍ରାପ୍ତି ପାଇଁ ନୁହେଁ ।... ପ୍ରକୃତରେ ଜୀବନରେ, ସର୍ବଦା, ସର୍ବ ବିଷୟରେ ଫଳାଫଳରେ ଆମର କୌଣସି ଅଧିକାର ନାହିଁ । ଏବଂ ଆମେ ଯଦି ଯଥାର୍ଥରେ ଠିକ୍ ମନୋଭାବଟି ରଖିପାରୁ, ତେବେ ଆମକୁ ତଦନୁଯାୟୀ କାର୍ଯ୍ୟ କରିବାକୁ ହେବ, ଅନୁଭବ କରିବାକୁ ହେବ, ଚିନ୍ତା କରିବାକୁ ହେବ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବେ ଦୃଢ଼ ଭାବରେ ପ୍ରୟାସ କରିବାକୁ ହେବ । କାରଣ, **ତାହାହିଁ** କେବଳ ଆମର କରଣୀୟ । କେବେ ବି କୌଣସି ଫଳପ୍ରାପ୍ତି ଉଦ୍ଦେଶ୍ୟରେ ଆମେ କିଛି କରିବୁ ନାହିଁ ।

### (୨)

ଯେତେବେଳେ ଆମେ ଫଳ ବିଷୟ ଚିନ୍ତା କରୁ, ସେତେବେଳେ ଆମର ଦର କଷାକଷି ଆରମ୍ଭ ହୋଇଯାଏ ଏବଂ ସେତେବେଳେ ଆମ ପ୍ରୟାସରୁ ସମସ୍ତ ନିଷ୍ଠା ଚାଲିଯାଏ । ତୁମେ ଅଗ୍ରଗତି କରିବାକୁ ପ୍ରୟାସ କରିବାର ଅର୍ଥ ତୁମେ ତୁମ ହୃଦୟରେ ତା'ର ଆବଶ୍ୟକତା ଅନୁଭବ କରୁଛ, ପ୍ରୟାସ ଓ ଅଗ୍ରଗତି ପାଇଁ ଏକ **ଅନିବାର୍ଯ୍ୟ** ଆବଶ୍ୟକତା ଅନୁଭବ କରୁଛ; ଏବଂ ତୁମର ଏହି ପ୍ରୟାସଟି ହେଲା ତୁମ ଭିତରେ ଥିବା ଦିବ୍ୟଚେତନାଙ୍କୁ ଏକ ଉପହାର, ବିଶ୍ୱରେ ରହିଥିବା ଦିବ୍ୟଚେତନାଙ୍କୁ ମଧ୍ୟ ଏକ ଉପହାର । ଏହି ବାଟରେହିଁ ତୁମେ ତୁମର କୃତଜ୍ଞତା ପ୍ରକାଶ କରିଥାଅ, ନିଜକୁ ଅର୍ପଣ କରିଥାଅ; ଏବଂ ସେଇ ଅଗ୍ରଗତିରେ ତୁମେ କେତେ ଦୂର ଗତି କଲ ତାହା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଯେତେବେଳେ ତୁମର ଅଗ୍ରଗତି ପାଇଁ ନିର୍ଦ୍ଧାରିତ ସମୟ ଆସିବ ସେତେବେଳେ ତୁମେ ଅଗ୍ରଗତି କରିବ । କିନ୍ତୁ ତୁମେ ଚାହୁଁଚ ବୋଲି ଯେ ତୁମର ଅଗ୍ରଗତି ହୋଇଯିବ, ସେକଥା ଆଦୌ ନୁହେଁ ।

ଯଦି ତୁମେ ଅଗ୍ରଗତି କରିବାକୁ ଇଚ୍ଛା କରୁଥାଅ, ଉଦାହରଣ ସ୍ୱରୂପ, ତୁମେ ଯଦି ନିଜକୁ ସଂଯତ କରିବାକୁ, ତୁମର କେତେକ ଦୋଷତ୍ରୁଟିକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥାଅ, କେତେକ ଦୁର୍ବଳତାରୁ ମୁକ୍ତ ହେବାକୁ, କେତେକ ଅସମ୍ପୂର୍ଣ୍ଣତାକୁ ପୂରଣ କରିବାକୁ ଚେଷ୍ଟା କରୁଥାଅ ଏବଂ ତୁମେ ଯଦି ତୁମର ଏହି ପ୍ରୟାସରେ ଖୁବ୍ ଶୀଘ୍ର ଅଳ୍ପ ବା ବେଶୀ ସଫଳ ହୋଇଯିବ ବୋଲି ପ୍ରତ୍ୟାଶା କରୁଥାଅ, ତା'ହେଲେ ଜାଣିବ ଯେ ତୁମର ପ୍ରୟାସ ଭିତରୁ ନିଷ୍ଠା ଚାଲିଯାଉଛି, ଏହା ଏକ ମୂଲଚାଲ ବ୍ୟାପାରରେ ପରିଣତ ହୋଇଗଲାଣି ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦଙ୍କ ପ୍ରଥମ ସ୍ୱପ୍ନ : ସ୍ୱାଧୀନ ଓ ଅଖଣ୍ଡ ଭାରତ

## ଶେଖ ଅବଦୁଲ କାଶମ

୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ଉପଲକ୍ଷେ ଶ୍ରୀଅରବିନ୍ଦ ତିରୁଚିରାପଲ୍ଲୀ ଆକାଶବାଣୀ କେନ୍ଦ୍ର ଜରିଆରେ ଜାତି ଉଦ୍ଦେଶ୍ୟରେ ଏକ ବାର୍ତ୍ତା ଦେଇଥିଲେ ଯେଉଁଥିରେ ସେ ତାଙ୍କର ପାଞ୍ଚୋଟି ସ୍ୱପ୍ନ ବିଷୟରେ ଉଲ୍ଲେଖ କରିଥିଲେ । ଆମେ ଏଠାରେ ତାଙ୍କର ପ୍ରଥମ ସ୍ୱପ୍ନ ବିଷୟରେ ଆଲୋଚନା କରିବା ।

ଶ୍ରୀଅରବିନ୍ଦଙ୍କ ପ୍ରଥମ ସ୍ୱପ୍ନ ଥିଲା ବୈପ୍ଳବିକ ଆନ୍ଦୋଳନ ଦ୍ୱାରା ଏକ ସ୍ୱାଧୀନ ଓ ଅଖଣ୍ଡ ଭାରତର ଆବିର୍ଭାବ ଓ ରୂପାୟନ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା ସତ, ମାତ୍ର ତା'ର ଅଖଣ୍ଡତା ସେ ହାସଲ କରି ନ ଥିଲା । ଏ ସମ୍ପର୍କରେ ଶ୍ରୀଅରବିନ୍ଦ ପ୍ରାୟ ମାସକ ପୂର୍ବରୁ ଅର୍ଥାତ୍ ଜୁଲାଇ ୭ ତାରିଖରେ ସାମାନ୍ୟ ହତାଶାବ୍ୟଞ୍ଜକ ହାସ୍ୟରସ ସହ ପ୍ରକାଶ କରିଥିଲେ ଯେ ଭାରତର ସ୍ୱାଧୀନତା ରୂପକ ଯେଉଁ ଜନ୍ମଦିନର ଉପହାର ତାଙ୍କୁ ମିଳିବାକୁ ଯାଉଛି, ତାହା ମିଳୁଛି ଦୁଇଟି ପ୍ୟାକେଟରେ ଅର୍ଥାତ୍ ଭାରତ ଓ ପାକିସ୍ତାନ ରୂପରେ ।

ଅଖଣ୍ଡ ଭାରତର ଯେଉଁ ପରିକଳ୍ପନା କରାଯାଇଛି ସେଥିରେ ରହିଛି ଭାରତ, ପାକିସ୍ତାନ, ନେପାଳ, ବଙ୍ଗଳାଦେଶ, ଆଫଗାନିସ୍ତାନ, ଶ୍ରୀଲଙ୍କା, ମିଆଁମାର, ଭୁଟାନ ଓ ଚୀନ ଅଧିକୃତ କେତେକ ଅଞ୍ଚଳ । ଦେଶ ବିଭାଜନର ପରବର୍ତ୍ତୀ କାଳରେ ଶ୍ରୀମା' ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମର ଖେଳ ପଡ଼ିଆରେ ଅଖଣ୍ଡ ଭାରତବର୍ଷର ଯେଉଁ ମାନଚିତ୍ର ଅଙ୍କନ କରାଇ ଥିଲେ ସେଥିରେ ଏହି ଦେଶଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସେହି ମାନଚିତ୍ର ଆମ ଭିତରେ ଦୃଢ଼ ଆଶା ଓ ବିଶ୍ୱାସ ସୃଷ୍ଟି କରେ ଯେ ଭାରତ ଅବଶ୍ୟ ଦିନେ ତା'ର ପୂର୍ଣ୍ଣ ଅଖଣ୍ଡ ସ୍ୱରୂପ ଲାଭ କରିବ । ସେତେବେଳେ ଶ୍ରୀମା' ଘୋଷଣା କରିଥିଲେ – "It is the map of the true India in spite of all passing appearances, and it will always remain the map of the true India, whatever people may think about it."

(MCW : Vol. 13, p. - 360)

ସୁତରାଂ ବାହ୍ୟ ଘଟଣା ଯାହା ହେଉ ନା କାହିଁକି ଆମକୁ ଏହି ଯଥାର୍ଥ ଭାରତର ମାନଚିତ୍ରକୁ ସ୍ମରଣ କରିବାକୁ ହେବ ତଥା ତାକୁ ସମ୍ମାନ ଦେବାକୁ ହେବ ।

ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘଟିତ ଦ୍ୱିତୀୟ ଥରର ଯୁଦ୍ଧ କାଳରେ ୧୯୬୫ ମସିହା ସେପ୍ଟେମ୍ବର ୧୬ ତାରିଖରେ ଶ୍ରୀମା' ଏକ ବାର୍ତ୍ତା ଦେଇ କହିଥିଲେ – "It is for the sake and triumph of Truth that India is fighting and must fight until India and Pakistan have once more become *One* because that is the truth of their being."

(MCW : Vol. 13, p. - 364)

ଅର୍ଥାତ୍, ଯୁଦ୍ଧ ମାଧ୍ୟମରେ ହେଉ ବା ଯେକୌଣସି ଉପାୟରେ ହେଉ ଭାରତ ଓ ପାକିସ୍ତାନକୁ ଏକ ହେବାକୁ ପଡ଼ିବ କାରଣ ସତ୍ୟର ବିଜୟ ଓ ସତ୍ୟର ଅଭିବ୍ୟକ୍ତି ପାଇଁ ଏହା ଏକାନ୍ତ ଆବଶ୍ୟକ । ଦୁର୍ଭାଗ୍ୟକ୍ରମେ ସେତେବେଳେ ଯୁଦ୍ଧ ବନ୍ଦ କରି ଦିଆଗଲା ଏବଂ ଦୁଇ ଦେଶ ମଧ୍ୟରେ ସନ୍ଧି ସ୍ୱାକ୍ଷରିତ ହେଲା, ଯାହା ଫଳରେ ଭାରତ ଓ ପାକିସ୍ତାନ ଏକ ହେବାର ସୁବର୍ଣ୍ଣ ସୁଯୋଗ ହାତଛଡ଼ା ହୋଇଗଲା ।

ସ୍ୱାଧୀନତା ଦିବସର ବାର୍ତ୍ତାରେ ଶ୍ରୀଅରବିନ୍ଦ ପ୍ରକାଶ କରିଥିଲେ ଯେ ହିନ୍ଦୁ ଓ ମୁସଲମାନମାନଙ୍କର ପୁରୁଣା ସାମ୍ପ୍ରଦାୟିକ ବିଭେଦ ଏକ ସ୍ଥାୟୀ ରାଜନୈତିକ ବିଭେଦରେ ଦୃଢ଼ୀଭୂତ ହୋଇଥିବା ପରି ମନେ ହେଉଛି । ଏହି ବିଭେଦ ଓ ଦ୍ୱନ୍ଦ୍ୱ ଯଦି ବରାବର ଲାଗି ରହେ ତା'ହେଲେ ଭାରତବର୍ଷ ଗୁରୁତର ଭାବେ ଦୁର୍ବଳ ଓ ଏପରିକି ପଙ୍ଗୁ ମଧ୍ୟ ହୋଇ ଯାଇପାରେ । ଏହି ସାମ୍ପ୍ରଦାୟିକ ଦ୍ୱନ୍ଦ୍ୱ ଫଳରେ ଦେଶରେ ସବୁବେଳେ ଗୃହଯୁଦ୍ଧର ସମ୍ଭାବନା ଦେଖା ଯାଇପାରେ ଏବଂ ଏପରିକି ପୁଣି ଏକ ନୂତନ ଆକ୍ରମଣ ଓ ବିଦେଶୀ ଅଧିକାରର ସମ୍ଭାବନା ମଧ୍ୟ ରହିଛି । ଏହି ସମସ୍ୟାର ଯଦି ସମାଧାନ କରା ନ ଯାଏ ତାହାହେଲେ ଭାରତର ଆଭ୍ୟନ୍ତରୀଣ ବିକାଶ ଓ ସମୃଦ୍ଧି ବାଧାପ୍ରାପ୍ତ ହୋଇପାରେ, ଅନ୍ୟାନ୍ୟ ରାଷ୍ଟ୍ର ଗହଣରେ ତା'ର ସ୍ଥିତି ଦୁର୍ବଳ ହୋଇପାରେ, ତା'ର ନିୟତି କ୍ଷତିଗ୍ରସ୍ତ ବା ଏପରିକି ନିଷ୍ଫଳ ହୋଇପାରେ ।

ତେବେ ଶ୍ରୀଅରବିନ୍ଦ ଆଶା ପ୍ରକାଶ କରିଥିଲେ ଯେ ଏପରି ଦୁର୍ଦ୍ଦିନର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ, କାରଣ ଭାରତର ଏହା ଚୂଡ଼ାନ୍ତ ନିୟତି ନୁହେଁ ଏବଂ ଏହି ବିଭାଜନ ଅବଶ୍ୟ ଦୂରୀଭୂତ ହେବ ।

ହିନ୍ଦୁ-ମୁସଲମାନ ବିଭେଦ ସମସ୍ୟାଟିକୁ ଗୁରୁତ୍ୱର ସହ ବୁଝିବାକୁ ହେବ । ଶ୍ରୀଅରବିନ୍ଦ ୧୯୨୩ ମସିହାରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କୁ କହିଥିଲେ ଯେ ଇଂରେଜମାନେ ଭାରତ ଛାଡ଼ି ଚାଲିଯିବା ପୂର୍ବରୁ ଏହି ହିନ୍ଦୁ-ମୁସଲମାନ ସମସ୍ୟାଟିକୁ ସମାଧାନ କରିବାକୁ ପଡ଼ିବ, ନଚେତ୍ ଗୃହଯୁଦ୍ଧର ବିପଦ ସବୁବେଳେ ରହିଥିବ । ଚିତ୍ତରଂଜନ ଦାସ ଏଥିସହ ଏକମତ ହୋଇଥିଲେ ଏବଂ ସେ ଦିଗରେ କିଛି ପ୍ରୟାସ ମଧ୍ୟ କରିଥିଲେ । ସେତେବେଳେ କଂଗ୍ରେସର ତୁଙ୍ଗ ନେତାମାନେ ଏକଥାଟିକୁ ବୁଝିପାରୁ ନଥିଲେ । ଯାହା ଅତ୍ୟାବଶ୍ୟକ ତାହା ନକରି ସେମାନେ ବିଚ୍ଛିନ୍ନତାବାଦୀ ନେତା ମହମ୍ମଦ ଜିନ୍ନାଙ୍କ ସହିତ ଛଳନାପୂର୍ଣ୍ଣ ବୁଝାମଣା କରିବାକୁ ଚେଷ୍ଟା କରୁଥିଲେ ଯଦ୍ଦ୍ୱାରା ଜିନ୍ନାଙ୍କ ଜିଦ୍‌ଖୋର ମନୋବୃତ୍ତି ଦୃଢ଼ୀଭୂତ ହେଉଥିଲା । ହିନ୍ଦୁ ଓ ମୁସଲମାନମାନେ ଯେ କଦାପି ଏକତ୍ର ବାସ କରିପାରିବେ ନାହିଁ ସେକଥାର ପ୍ରମାଣ ପ୍ରଦର୍ଶନ ପାଇଁ ଜିନ୍ନା ସର୍ବଦା ଉତ୍ସୁକ ଥିଲେ ।

୧୯୩୫ ମସିହାରେ ଏକ ସାନ୍ଧ୍ୟ ବୈଠକ ବେଳେ ଜଣେ ଶିଷ୍ୟ ଭାରତର ସ୍ୱାଧୀନତା ଓ ହିନ୍ଦୁ-ମୁସଲମାନ ସମସ୍ୟା ସମ୍ପର୍କରେ ପ୍ରଶ୍ନ କରିବାରୁ ଶ୍ରୀଅରବିନ୍ଦ ମନ୍ତବ୍ୟ ଦେଇଥିଲେ – ''ଭାରତର ସ୍ୱାଧୀନତା ବିଷୟଟି ସ୍ଥିରୀକୃତ ହୋଇ ସାରିଛି । କେବଳ ତାହା କାର୍ଯ୍ୟରେ ପରିଣତ ହେବା ବାକି ରହିଛି । ଅସଲ ପ୍ରଶ୍ନଟି ହେଲା ଭାରତ ସ୍ୱାଧୀନ ହେଲା ପରେ ତା'ର ସ୍ୱାଧୀନତାକୁ ନେଇ ସେ କ'ଣ କରିବାକୁ ଯାଉଛି । ସାମ୍ପ୍ରଦାୟିକ ହିଂସାକାଣ୍ଡ ? ବୋଲ୍‌ସେଭିକ୍ ଭଳି ସଂଖ୍ୟାଗରିଷ୍ଠ ଦଳର ଉଗ୍ରବାଦୀ ରାଜନୈତିକ କାର୍ଯ୍ୟ ? ଗୁଣ୍ଡାରାଜ ? ଏଭଳି କିଛି ଘଟଣା ଘଟିବ ନାହିଁ ତ ? ବସ୍ତୁ ସକଳ ଅଶୁଭଙ୍କର ମନେ ହେଉଛି ।''

ଶ୍ରୀଅରବିନ୍ଦଙ୍କ ମତରେ ଖିଲାଫତ୍ ଆନ୍ଦୋଳନ ପ୍ରତି ସମର୍ଥନ ଏବଂ କଂଗ୍ରେସ ଦ୍ୱାରା ସମ୍ପ୍ରଦାୟଗତ ନୀତି (Communal principle)କୁ ସ୍ୱୀକୃତି ଦେବା, ଏ ଦୁଇଟି ଥିଲା ହିନ୍ଦୁ-ମୁସଲମାନ ବିଭେଦର ମୁଖ୍ୟ କାରଣ । ଏହା ଫଳରେ ଏକ ପୃଥକ୍ ରାଜନୈତିକ ସତ୍ତାକୁ ସ୍ଥାୟୀ ରୂପେ ସଙ୍ଗଠିତ କରି ଦିଆଗଲା ଯାହା ଜାତି ଭିତ୍ତିରେ ଭାରତ ବିଭାଜନ ପାଇଁ ପଥ ଉନ୍ମୁକ୍ତ କରି ଦେଲା । ଅନ୍ୟଥା ଭାରତବର୍ଷରେ ସର୍ବଦା ଜାତି, ବର୍ଣ୍ଣ, ଭାଷା, ପରମ୍ପରା ଓ ଅଞ୍ଚଳକୁ ନେଇ ଯେଉଁ ବିବିଧତା ରହିଛି ସେସବୁକୁ ଏକ ରାଜନୈତିକ ସମଗ୍ରତା ରୂପେ ଏକତ୍ରୀଭୂତ କରିବାର ଚେଷ୍ଟା ବରାବର ହୋଇ ଆସିଛି । ଏପରିକି ଏକ ସ୍ୱତନ୍ତ୍ର ଧର୍ମ ଓ ପୃଥକ୍ ସାମାଜିକ ଢାଞ୍ଚା ନେଇ ମୁସଲମାନ ସମୁଦାୟଙ୍କ ଆଗମନ ପରେ ମଧ୍ୟ ରାଜନୈତିକ ଏକୀକରଣ ଓ ସାଂସ୍କୃତିକ ମିଳନ ନିମିତ୍ତ ପ୍ରୟାସ ଅବ୍ୟାହତ ରହି ଆସିଛି । ନାନକ ଓ କବୀରଙ୍କ ଭଳି ସନ୍ଥ ଏବଂ ଆକବରଙ୍କ ଭଳି ଉଦାରମନା ସମ୍ରାଟମାନେ ବିଭିନ୍ନ ଧର୍ମ ଭିତରେ ସୌହାର୍ଦ୍ଦ୍ୟ ଓ ସମନ୍ୱୟ ଆଣିବା ପାଇଁ ଚେଷ୍ଟା କରିଛନ୍ତି । ବିବିଧତା ଭାରତର ଏକତା ପାଇଁ ଆଦୌ ଅନ୍ତରାୟ ନୁହେଁ । ଶ୍ରୀଅରବିନ୍ଦ ୧୯୪୮ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ଦେଇଥିବା ତାଙ୍କ ବାର୍ତ୍ତାରେ କହିଥିଲେ –

"There is no possibility any longer that this diversity will endanger or diminish the unity of India. ... The idea of federation and a complete machinery for its perfect working have been discovered and will be at full work. Above all, the spirit of patriotic unity has been too firmly established in the people to be easily effaced or diminished, ..."

ବିବିଧତା ଉପରେ ପ୍ରତିଷ୍ଠିତ ସଂଘୀୟ ବ୍ୟବସ୍ଥା ଭାରତରେ ଏକତାକୁ ଦୃଢ଼ୀଭୂତ କରିଛି । ଦେଶାତ୍ମବୋଧ ଉପରେ ଆଧାରିତ ଏକତାର ଗୁରୁତ୍ୱକୁ ଭାରତମାତାର ସନ୍ତାନମାନେ ଭଲଭାବେ ହୃଦୟଙ୍ଗମ କରିଛନ୍ତି ।

ଶ୍ରୀଅରବିନ୍ଦଙ୍କ ଆଲୋକରେ ବିଚାର କରି ଦେଖିଲେ ଜଣାଯିବ ଯେ ହିନ୍ଦୁ-ମୁସଲମାନ ସମସ୍ୟାର ସମାଧାନର ପ୍ରଥମ ସୂତ୍ର ହେଉଛି ଆଧ୍ୟାତ୍ମିକତା । ଧର୍ମଗତ ବାହ୍ୟ ଅନୁଷ୍ଠାନଗୁଡ଼ିକରୁ ଊର୍ଦ୍ଧ୍ୱକୁ ଉଠି ଯଦି ଅସଲ ଅଧ୍ୟାତ୍ମ ଉପରେ ଗୁରୁତ୍ୱ ଦିଆଯାଏ, ଯଦି ଆତ୍ମାର ଭୂମିରେ ଚେତନାର ଉତ୍କର୍ଷ ସାଧନ ନିମନ୍ତେ ପ୍ରୟାସ କରାଯାଏ ତେବେ ଏକତା ପ୍ରତିଷ୍ଠା ସହଜ ହୋଇଯିବ । ସେଥିପାଇଁ ଶ୍ରୀମା' ୧୯୬୭ ମସିହାରେ ଡକ୍‌ଟର କରଣ ସିଂଙ୍କ ମାଧ୍ୟମରେ ଭାରତ ବର୍ଷ ପାଇଁ ଏକ ବାର୍ତ୍ତା ଦେଇଥିଲେ –

"O India, land of light and spiritual knowledge ! Wake up to your true mission in

the world, show the way to union and harmony." (MCW : Vol. 13, p. - 367)

ବିଶ୍ୱଜନୀନ ଭ୍ରାତୃତ୍ୱର ଆଦର୍ଶକୁ ଅଧିକରୁ ଅଧିକ ଜନମାନସ ଭିତରେ ପ୍ରବେଶ କରାଇବା ଆବଶ୍ୟକ । ଏହା ବୁଝିବାକୁ ପଡ଼ିବ ଯେ ସକଳ ପ୍ରକାର ଧର୍ମାନ୍ଧତା (fanaticism) ହେଉଛି ମିଥ୍ୟାରହିଁ ରୂପ । ଏହା ଭଗବାନଙ୍କ ଓ ପରମ ସତ୍ୟର ମୂଳ ପ୍ରକୃତିକୁହିଁ ବିରୋଧ କରୁଛି । କୌଣସି ଧର୍ମଗ୍ରନ୍ଥ ତାହା ଯେତେ ମହାନ୍ ହେଲେ ମଧ୍ୟ ତା' ଭିତରେ ପରମ ସତ୍ୟକୁ ସୀମିତ କରି ରଖାଯାଇ ପାରିବ ନାହିଁ । ଭଗବାନ୍ ହେଉଛନ୍ତି ଅନନ୍ତ ଓ ଅସୀମ, ଶାଶ୍ୱତ ଓ ସନାତନ, ସମଗ୍ର ବିଶ୍ୱରେ ସେ ପରିବ୍ୟାପ୍ତ । ତେଣୁ କୌଣସି ଧର୍ମ ତାଙ୍କୁ ନିଜର ଏକାଧିକାର ଭିତରେ ବାନ୍ଧି ରଖି ପାରିବ ନାହିଁ । ହିନ୍ଦୁ ଓ ମୁସଲମାନ ଏହି ଉଭୟ ଧର୍ମର ଲୋକେ ଯଦି ଉଦାରତା ଓ ସହିଷ୍ଣୁତାର ନୀତିକୁ ପୂର୍ଣ୍ଣ ରୂପେ ତଥା ନିଷ୍କପଟଭାବେ ଅନୁସରଣ କରନ୍ତେ ତେବେ ଏକତା ସହଜସାଧ୍ୟ ହୁଅନ୍ତା । ମୁସଲମାନମାନଙ୍କୁ ତାଙ୍କର ଧର୍ମାନ୍ଧତା (fanatic faith) ପରିହାର କରିବାକୁ ହେବ ଏବଂ ହିନ୍ଦୁମାନଙ୍କୁ ଆହୁରି ଶକ୍ତିଶାଳୀ ଓ ସଙ୍ଗଠିତ ହେବାକୁ ପଡ଼ିବ । ଭାରତୀୟ ସଂସ୍କୃତିକୁ ଅକ୍ଷତ ଓ ଜୀବନ୍ତ ରଖିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ହେବ । ଶ୍ରୀଅରବିନ୍ଦଙ୍କ ମତରେ ମୁସଲମାନମାନେ ଯଦି ଭାରତର କେନ୍ଦ୍ରୀୟ ସତ୍ୟ (Central Truth)କୁ ଅର୍ଥାତ୍ ମୂଳ ଆଧ୍ୟାତ୍ମିକତାକୁ ସ୍ୱୀକାର କରି ନେବେ ତାହାହେଲେ ସେମାନେ ଭାରତୀୟ ଜୀବନର ମୁଖ୍ୟ ଧାରାରେ ପୂର୍ଣ୍ଣତଃ ସାମିଲ ହୋଇ ପାରିବେ । ରାଜନୈତିକ ସ୍ତରରେ କୌଣସି ନିର୍ଦ୍ଦିଷ୍ଟ ଧର୍ମର ତୁଷ୍ଟିକରଣ ଦ୍ୱାରା ଏକତା ପ୍ରତିଷ୍ଠା ସମ୍ଭବ ନୁହେଁ । ବରଂ ସମଗ୍ର ଦେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ସୁଯୋଗ ଓ ବାତାବରଣ ସୃଷ୍ଟି କରିବାକୁ ହେବ ।

୧୯୦୯ ମସିହାରେ 'କର୍ମଯୋଗୀନ୍' ପତ୍ରିକାରେ ଶ୍ରୀଅରବିନ୍ଦ ହିନ୍ଦୁ-ମୁସଲମାନ ଏକତା କିପରି ସମ୍ଭବ ସେ ବିଷୟରେ ଆଲୋକପାତ କରିଥିଲେ । ତାଙ୍କ ଭାଷାରେ –

"... Hindu-Mahomedan unity cannot be effected by political adjustments or Congress flatteries. It must be sought deeper down, in the heart and the mind, for where the causes of disunion are, there the remedies must be sought. We shall do well... to remember, ... that love compels love and that strength conciliates the strong. ... we must extend the unfaltering love of the patriot to our Musulman brother, remembering always that in him too Narayana dwells and to him too our Mother has given a permanent place in her bosom; but we must cease to approach him falsely or flatter out of a selfish weakness and cowardice."

(CWSA : Vol. 8, p. - 31)

ସଂକ୍ଷେପରେ ଏହାର ସାରାଂଶ ହେଲା, ''ରାଜନୈତିକ ବନ୍ଦୋବସ୍ତ ବା ତୋଷାମଦ ଦ୍ୱାରା ହିନ୍ଦୁ-ମୁସଲମାନ ଏକତା ସମ୍ଭବ ହେବ ନାହିଁ । ମାତ୍ର ହୃଦୟରେ ପ୍ରେମ ଓ ସଦିଚ୍ଛା ପୋଷଣ କରି, ମନରେ ସଦ୍‌ଭାବନା ଓ ସତ୍ ବିଚାର ଆଣି ଏବଂ ଦେଶ-ପ୍ରେମର ଆବେଗ ସହ ପରସ୍ପରର ନିକଟବର୍ତ୍ତୀ ହେବା ଦ୍ୱାରା ହିନ୍ଦୁ-ମୁସଲମାନ ଏକତା ସମ୍ଭବ ହୋଇପାରିବ । ପ୍ରତ୍ୟେକଙ୍କ ଭିତରେ ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରିବାକୁ ହେବ । ସମସ୍ତ ପ୍ରକାର ସ୍ୱାର୍ଥପରତା, ଦୁର୍ବଳତା ଓ ଭୀରୁତା ବର୍ଜନ କରିବା ତଥା ଶରୀର ଓ ପ୍ରାଣରେ ଅଫୁରନ୍ତ ଶକ୍ତିର ଅଧିକାରୀ ହେବା ଦ୍ୱାରା ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି, ସଂହତି ଓ ସଦ୍ଭାବ ପ୍ରତିଷ୍ଠିତ ହୋଇପାରିବ । ଭାରତର ଏକତା ଓ ଅଖଣ୍ଡତା ନିମନ୍ତେ ଏହା ଏକାନ୍ତ ଆବଶ୍ୟକ ।''

ଦେଶର ଏକତା, ଅଖଣ୍ଡତା ଓ ସାମଗ୍ରିକ ପ୍ରଗତିକୁ ଦୃଷ୍ଟିରେ ରଖି ଉଭୟ ଧର୍ମର ଲୋକେ ଯଦି ମିଳିତ ଭାବେ ଜାତୀୟ କର୍ମ (national work) ସମ୍ପାଦନ ଉପରେ ଅଭିନିବିଷ୍ଟ ହେବେ, ତେବେ ତାହା ସମସ୍ୟା ସମାଧାନରେ ସହାୟକ ହେବ । ଶ୍ରୀଅରବିନ୍ଦ ତାଙ୍କର ପ୍ରଥମ ସ୍ୱପ୍ନ ବିଷୟରେ ଆଲୋଚନା କଲାବେଳେ ସାଧାରଣ କାର୍ଯ୍ୟପନ୍ଥା (Common action)ର ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ ।

ଭାରତ ଓ ପାକିସ୍ତାନର ଏକତ୍ରୀକରଣ ନିୟତି ନିର୍ଦ୍ଦିଷ୍ଟ ଅଟେ । ଭାରତର ଆତ୍ମା ଜାଗ୍ରତ୍ ହେଉଛି । ରାଜନୈତିକ ପଦକ୍ଷେପ ଦ୍ୱାରା ନୁହେଁ, ଭାରତର ଆନ୍ତର ସତ୍ତାର କ୍ରିୟା ଦ୍ୱାରା ଏହି ଏକତ୍ରୀକରଣ ସାଧିତ ହେବ ।

୧୯୪୮ ମସିହା ଜାନୁଆରୀ ୩୦ ତାରିଖରେ ଆତତାୟୀ ଦ୍ୱାରା ମହାତ୍ମାଗାନ୍ଧୀଙ୍କ ହତ୍ୟାର କିଛି ଦିନ ପରେ

ଶ୍ରୀଅରବିନ୍ଦ ଆକାଶବାଣୀ ମାଧ୍ୟମରେ ଏକ ବାର୍ତ୍ତା ଦେଇ କହିଥିଲେ – ''ଯେଉଁ ଦିବ୍ୟଶକ୍ତି ଆମକୁ ସଂଘର୍ଷ ଓ ଯନ୍ତ୍ରଣା ମଧ୍ୟ ଦେଇ ସ୍ୱାଧୀନତାରେ ଆଣି ପହଞ୍ଚାଇ ଦେଇଥିଲା ସେହି ଦିବ୍ୟ ଶକ୍ତି ଯାବତୀୟ ଦୁଃଖ, ଦ୍ୱନ୍ଦ୍ୱ ମଧ୍ୟ ଦେଇ ଆମକୁ ସେହି ଲକ୍ଷ୍ୟରେ ପହଞ୍ଚାଇ ଦେବ ଯାହା ପରଲୋକଗତ ନେତାଙ୍କ ମୃତ୍ୟୁ ସମୟରେ ତାଙ୍କ ଭାବନାକୁ ଆଚ୍ଛନ୍ନ କରି ରଖିଥିଲା । ଯେପରି ତାହା ସ୍ୱାଧୀନତା ଆଣି ଦେଲା, ସେପରି ତାହା ଆମକୁ ସଂହତି ଆଣି ଦେବ । ଏକ ସ୍ୱାଧୀନ ଓ ଏକତାବଦ୍ଧ ଅଖଣ୍ଡ ଭାରତହିଁ ରହିଥିବ ଏବଂ ଦିବ୍ୟ ଜନନୀ ତାଙ୍କ ସନ୍ତାନମାନଙ୍କୁ ନିଜ ଚାରି ପାଖରେ ଏକତ୍ରିତ କରି ଏକ ମହାନ୍ ଓ ଐକ୍ୟବଦ୍ଧ ଜନସମୁଦାୟର ଜୀବନରେ ସେମାନଙ୍କୁ ଏକ ଜାତୀୟ ଶକ୍ତି ରୂପେ ଗଢ଼ି ତୋଳିବେ ।''

ଭାରତ ଓ ପାକିସ୍ତାନର ଏକତ୍ରୀକରଣ କେବେ ଘଟିବ ଏ ସମ୍ପର୍କରେ ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ତରରେ ନାନା ଆଲୋଚନା ଓ କଳ୍ପନାଜଳ୍ପନା କରାଯାଏ, ସଂଶୟ ପ୍ରକାଶ କରାଯାଏ ତଥା ସ୍ପଷ୍ଟତା ଅଭାବରୁ ଅସନ୍ତୋଷ ବି ବ୍ୟକ୍ତ କରାଯାଏ । ୧୯୯୧ ମସିହାରେ ଥରେ ଏହି ପ୍ରବନ୍ଧର ଲେଖକ ଏ ବିଷୟରେ ଜିଜ୍ଞାସା ପ୍ରକାଶ କରି ପ୍ରଫେସର ମନୋଜ ଦାସଙ୍କ ପାଖକୁ ଏକ ପତ୍ର ଲେଖିଥିଲା । ଶ୍ରୀଯୁକ୍ତ ଦାସ ଯେଉଁ ଉତ୍ତର ଦେଇଥିଲେ ତାହା ନିମ୍ନରେ ଉଦ୍ଧୃତ କରାଯାଉଛି –

"(1) ... As far as I know, the first man to put a question to the Mother regarding the possible unification of India and Pakistan was the veteran journalist Chamanlal and the Mother seems to have said, answering a specific question as to when the division would go, that if conditions were propitious or marked by goodwill – it could be even in ten years – thinks Sri Aurobindo. But when the interview was reported, the condition part of the statement was forgotten. Even then, since the Mother had uttered "ten years", Mr Ayub khan came to power after ten years and one of the first announcement he made concerned his wish to form a joint defence system for the two countries. Nobody took his proposal seriously either in India or in Pakistan. And, as the way most of the politicians go, Mr Ayub khan also soon began to drift from his idealistic stance, caught up in the vicissitudes of the developments in the sub-continent.

(2) Sri Aurobindo's or the Mother's was not a prophecy but rather a wish – an optimistic assurance that it is possible. But what is the use of a mere political union unless there is a true feeling of fraternity within ? All we can say is, Providence knows how to wait. An artificially formed country may not have a soul, but life or the vital can thrive for a while even without a soul. I believe, sooner or later, the division will go, but on a basis higher than visualised today, when man has sufficiently tired of his rotten religious and political ideas of the current times."

ଶ୍ରୀଯୁକ୍ତ ମନୋଜ ଦାସ ଏଠାରେ କହୁଛନ୍ତି ଯେ ମା'ଙ୍କ ଦୃଷ୍ଟିରେ ଭାରତ ପାକିସ୍ତାନ ଏକତ୍ରୀକରଣ ଲାଗି ପରିସ୍ଥିତି ଅନୁକୂଳ ହେବା ଆବଶ୍ୟକ ଏବଂ ଏଥିଲାଗି ଉଭୟ ଦେଶର ଶୁଭେଚ୍ଛା ଅପରିହାର୍ଯ୍ୟ । ଏହି ସର୍ତ୍ତକୁ ଆମେ ଭୁଲିଯିବା ଉଚିତ ନୁହେଁ । ବିଭାଜନ ତିଷ୍ଠି ରହିପାରିବ ନାହିଁ କାରଣ ଭାରତର ଆତ୍ମା ଏକ ଓ ତାହା ଜୀବନ୍ତ ହୋଇ ରହିଛି । ଗଭୀର ଦୃଷ୍ଟିରୁ ଦେଖିଲେ ପାକିସ୍ତାନର ସ୍ୱତନ୍ତ୍ର ବାସ୍ତବ ଅସ୍ତିତ୍ୱହିଁ ନାହିଁ, କେବଳ ବାହ୍ୟ ଖୋଳପାଟାହିଁ ରହିଛି । ମା'ଙ୍କୁ ବାରଂବାର ଏହି ଏକତ୍ରୀକରଣ କେବେ ହେବ ବୋଲି ପ୍ରଶ୍ନ ପଚାରିବାରୁ ଥରେ ସେ ଦୃଢ଼ ସ୍ୱରରେ ଓଲଟା ପ୍ରଶ୍ନ କରିଥିଲେ – "Where is Pakistan ? Where is Pakistan ?... I can't see any Pakistan." ମନୋଜ ଦାସ ଉକ୍ତ ଚିଠିରେ କହୁଛନ୍ତି ଯେ ଏକତ୍ରୀକରଣ ଅବଶ୍ୟ ଘଟିବ; କିନ୍ତୁ ଭଗବାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ସମୟରେହିଁ ହେବ, ତାଙ୍କରି ଇଚ୍ଛାରେ ତାହା ଘଟିବ, ଏକ ଉଚ୍ଚତର ଭିତ୍ତି ଉପରେ ତାହା କାର୍ଯ୍ୟକାରୀ ହେବ । ଏହା ଘଟିବା ପୂର୍ବରୁ ଏ ଦୁଇ ଦେଶର ଜନସାଧାରଣ ଅଧୁନାତନ

ଯୁଗର ଧର୍ମଗତ ଓ ରାଜନୈତିକ ବିଚାରଧାରାର ସଂକୀର୍ଣ୍ଣତା ଓ ନିଷ୍ଫଳତାକୁ ଦେଖି ବିରକ୍ତ ଓ ମୋହମୁକ୍ତ ହୋଇ ସାରିଥିବେ ।

୧୯୭୧ ମସିହାରେ ଶ୍ରୀମା' ଏକ ସମ୍ଭାବନା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ପାକିସ୍ତାନର ପାଞ୍ଚୋଟି ଅଞ୍ଚଳ ବିଚ୍ଛିନ୍ନ ଓ ସ୍ୱତନ୍ତ୍ର ହେବାକୁ ଚାହିଁ ଭାରତରେ ମିଶି ପାରନ୍ତି ଏବଂ ତଦ୍ଦ୍ୱାରା ଚୁକ୍ତିବଦ୍ଧ ରାଷ୍ଟ୍ରସଂଘ (Confederation) ଭଳି କିଛି ଗୋଟିଏ ଗଠିତ ହୋଇପାରେ ।

ଶ୍ରୀଅରବିନ୍ଦ ତାଙ୍କର ବାର୍ତ୍ତାରେ ଦୃଢ଼ୋକ୍ତି ପ୍ରକାଶ କରି କହିଥିଲେ – "... by whatever means, in whatever way, the division must go; unity must and will be achieved, for it is necessary for the greatness of India's future."

(CWSA : Vol. 36, p. - 479)

ଅର୍ଥାତ୍, ''...ଯେକୌଣସି ଉପାୟରେ, ଯେକୌଣସି ବାଟରେ ହେଉ ପଛେ ଏହି ବିଭାଜନ ନିଶ୍ଚୟ ଅପସାରିତ ହେବ; ନିଶ୍ଚିତଭାବେ ଓ ଅବଶ୍ୟ ଐକ୍ୟ ପ୍ରତିଷ୍ଠିତ ହେବ, କାରଣ ଭାରତର ଭବିଷ୍ୟତ୍ ମହାନତା ଲାଗି ଏହା ଅତ୍ୟାବଶ୍ୟକ ।''

ଶ୍ରୀଅରବିନ୍ଦ ଥରେ ମା'ଙ୍କୁ କହିଥିଲେ – ''ଭାରତ ଓ ପାକିସ୍ତାନ ଯଦି ବିଭାଜନକୁ ଦୂର କରିବା ପାଇଁ ସମ୍ମତ ହୋଇପାରିବେ ନାହିଁ, ତେବେ ସେମାନେ ଯୁଦ୍ଧ କରିବେ ।'' ଅଖଣ୍ଡ ଭାରତର ସ୍ୱପ୍ନ ନିଶ୍ଚୟ ସାକାର ହେବ । ଶ୍ରୀଅରବିନ୍ଦ ଦୃଢ଼ ସ୍ୱରରେ ଘୋଷଣା କରିଛନ୍ତି – "India will be reunited, I see it clearly."

ପୃଥିବୀର ଘଟଣାବଳୀ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କର କୌଣସି ଇଚ୍ଛା ବା ସଂକଳ୍ପ କେବେ ଅପୂରଣୀୟ ହୋଇ ରହି ନାହିଁ । ତାଙ୍କରି ଭାଷାରେ –

"I have never had a strong and persistent will for anything to happen in the world – I am not speaking of personal things – which did not eventually happen even after delay, defeat or even disaster."

(CWSA : Vol. 35, p. - 208)

୧୯୪୭ ମସିହା ଜୁନ୍ ୩ ତାରିଖରେ ଶ୍ରୀମା' ଦେଇଥିବା ଏକ ବାଣୀକୁ ଆମେ ସର୍ବଦା ମନେ ରଖିବା –

"In spite of all, India has a single soul and while we have to wait till we can speak of an India one and indivisible, our cry must be :

Let the soul of India live forever !"

(MCW : Vol. 13, p. - 351)

ଭାରତର ଏକ ଆତ୍ମା ରହିଛି ଯାହା ତାକୁ ଏକ ଓ ଅବିଭାଜ୍ୟ କରି ରଖିବ । ସେହି ଅଖଣ୍ଡ ଅବିନାଶୀ ଆତ୍ମାର ଜାଗୃତି ଓ ପୂର୍ଣ୍ଣ ଅଭିବ୍ୟକ୍ତି ନିମିତ୍ତ ଆମକୁ ସତତ ପ୍ରାର୍ଥନା କରିବାକୁ ହେବ । ❑



## ୨୦୨୩ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ

A Wisdom knows and guides the mysteried world;
A Truth-gaze shapes its beings and events;

ଏକ ପ୍ରଜ୍ଞା ଜାଣେ ଏବଂ ଏ ରହସ୍ୟାପ୍ଲୁତ ପୃଥିବୀକୁ ଦିଏ ଦିଗ୍‌ଦର୍ଶନ;
ଏକ ସତ୍ୟ-ଦୃଷ୍ଟି ଏହାର ସତ୍ତାସବୁକୁ ଏବଂ ଘଟଣାବଳିର କରେ ରୂପାୟନ;

# ଗୋଟିଏ ଦିନ - ଗୋଟିଏ ମୁହୂର୍ତ୍ତ

## ନୀରଦବରଣ

ଜାଣେ ନାହିଁ, କେମିତି ସେ ସୌଭାଗ୍ୟ ମୋର ଥରେ ମାତ୍ର ଲାଭ ହୋଇଥିଲା – ମୁହୂର୍ତ୍ତ କେତୋଟି ଲାଗି । ହୁଏତ ଜାଣେ ତା'ର ରହସ୍ୟ, ମାତ୍ର ସେ ଜାଣିବା ମୋ ଭିତରର ଜାଣିବା, ତାହା ମୋର ଅନ୍ତରର ପ୍ରତ୍ୟୟ, ବାହାର ପ୍ରମାଣ କିଛି ନାହିଁ, ସେଥିପାଇଁ କାହାରିକୁ ବିଶ୍ୱାସ ଆଣି ଦେବାର ବି ପ୍ରୟୋଜନ ନାହିଁ । କେବଳ ଯେଉଁମାନେ ଅନ୍ତରବାସୀ, ଯେଉଁମାନେ ଅତୀନ୍ଦ୍ରିୟ ଅନୁଭବର ଜଗତରେ ସୂକ୍ଷ୍ମ ନିଦର୍ଶନ ଉପରେ ଆସ୍ଥା ରଖନ୍ତି, ସେଇମାନଙ୍କ ଲାଗି ଏଇ କଥାଟି ଲେଖୁଛି; ସେମାନଙ୍କ ପାଖରେ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣାଭାବାତ୍ ନୁହେଁ ।

ସେଦିନ, ତାଙ୍କର (ପ୍ରଭୁ ଶ୍ରୀଅରବିନ୍ଦଙ୍କର) ଦେହ-ତ୍ୟାଗର କିଛିଦିନ ପୂର୍ବର ଘଟଣା, ମୋର ସହକର୍ମୀ ଚମ୍ପକଲାଲ ଖୁବ୍ ଅନିଚ୍ଛାସତ୍ତ୍ୱେ ତଳକୁ ଓହ୍ଲାଇ ଯାଇଛନ୍ତି ବିଶେଷ କାମରେ । ସେ ଇତସ୍ତତଃ ହେଉଥିଲେ – ଯିବେ କି ନାହିଁ ବୋଲି, କାହିଁକି ନା ଏଇ ସମୟରେ ଗୁରୁଦେବ ନିଜ ଘରେ ପଦଚାଳନା କରନ୍ତି ତାଙ୍କ କାନ୍ଧରେ ଭରା ଦେଇ । ୧୯୩୮ ମସିହା ପ୍ରଥମ ଦୁର୍ଘଟଣା ପରେ ବି ତାଙ୍କର କାନ୍ଧରେ ଭରା ଦେଇ ପ୍ରଭୁଙ୍କୁ ଅନେକ ଦିନ ଧରି ଚାଲିବାକୁ ପଡ଼ିଛି । ଏମାନେ ଭାଗ୍ୟବାନ୍, ବିଶେଷ କରି ବନ୍ଧୁ ଚମ୍ପକଲାଲ । ସେ ସମୟରେ ଅନେକେ ମନ୍ତବ୍ୟ କରିଛନ୍ତି : 'ଚମ୍ପକଲାଲର କାନ୍ଧଟିକୁ ସୁନା ଛାଉଣୀ କରିଦେବା ଉଚିତ' । ଏଭଳି ଯେଉଁ ସୁଯୋଗ ବନ୍ଧୁବର ଭକ୍ତ-ସେବକ ଗୋଟିଏ ମୁହୂର୍ତ୍ତ ଲାଗି ଛାଡ଼ିବାକୁ ଚାହିଁବେ ଅବା କାହିଁକି ? ସେ କହୁଥିଲେ – 'ଏଇ ସେବାହିଁ ତାଙ୍କ ଜୀବନ ଓ ତାହାର ପୋଷକ ଖାଦ୍ୟ' ।

ମୋ ଭିତରେ ବି ଏ ସୌଭାଗ୍ୟ ଲାଭ କରିବାର ଲୋଭ ଉଙ୍କି ମାରିଛି, ତେବେ ସେଇଟିକୁ ମୁଁ ବେଶୀ ପ୍ରଶ୍ରୟ ଦେଇ ନାହିଁ । ପ୍ରଥମତଃ ମୋ ଶରୀର ମୋଟେ ଶକ୍ତ ନୁହେଁ; ଯେଉଁ ଗୁରୁଭାର ଚମ୍ପକଲାଲ ସ୍ୱଚ୍ଛନ୍ଦରେ ଆପଣା ସବଳ କାନ୍ଧରେ ବହି ପାରନ୍ତି, ମୁଁ ତାହା ପାରିବି ନାହିଁ; ଗୁରୁ ନିଜର କୃପାରେ ବୋଝଟିକୁ ହାଲୁକା କଲେ ବି ମୁଁ ନିଜ ଲଜ୍ଜାର ଭାରରେ ନଇଁ ପଡ଼ିବି । ସେଇ କାରଣରୁ କୌଣସି ଦିନ ଯଦି ସୁଯୋଗର ବିନ୍ଦୁମାତ୍ର ଆଶଙ୍କା ଉପସ୍ଥିତ ହୋଇଛି, ସେଇମାତ୍ର ମୁଁ ଦୂରେଇ ଯାଇଛି । ଅନ୍ତରଙ୍ଗତାର ଏକ ସୂକ୍ଷ୍ମ ବ୍ୟବଧାନ ରଖିବା ଯେପରି ମୋର ପ୍ରକୃତିଗତ ବୈଷମ୍ୟ । ଏବେ ଅନୁତାପ ଆସୁଛି, ତେବେ ଆଉ ସେ ଅନୁତାପର ମୂଲ୍ୟ କ'ଣ ? ତା' ସତ୍ତ୍ୱେ ବି ଗୋପନ ତଳଚାରୀ ସେଇ ଅନୁକ୍ତ ନିହିତ ବାସନାର ଲଜ୍ଜା ଭାଙ୍ଗି ଦେଇ ଯେଉଁ ଅମୃତର ସ୍ପର୍ଶ ଦେଇ ଯାଇଛନ୍ତି ସିଏ, ସେଇ କଥାଟି ଏଠାରେ ମୁଁ କହିବାକୁ ଯାଉଛି ।

କହୁଥିଲି ନା, ସେଦିନ ଚମ୍ପକଲାଲ ତଳକୁ ଓହ୍ଲାଇ ଯିବେ କି ନାହିଁ, ସେ ବିଷୟରେ ଦ୍ୱିଧା କରୁଥିଲେ – ଦ୍ୱିଧା ଏଇ କାରଣରୁ ଯେ ଧର ଯଦି ସେଇ ସମୟରେ ମା' ହଠାତ୍ ଆସି ପହଞ୍ଚି ଯାଆନ୍ତି, ତା'ହେଲେ ତ ଗୁରୁଦେବ ଚାଲିବା ଆରମ୍ଭ କରିଦେବେ – ଯଦିଓ ମା'ଙ୍କର ଆସିବା ସମୟ ସେତେବେଳକୁ ଅନେକ ଡେରି ଅଛି । କିନ୍ତୁ ଏମାନଙ୍କ କଥା ଆମେ ଜୋର୍ କରି କେବେ କହି ପାରିଛୁ କି ? ଏମାନେ ରାତିକୁ କରନ୍ତି ଦିନ, ଦିନକୁ ରାତି; ସାଧାରଣ ନିୟମକାନୁନର ଛାଞ୍ଚ ମଧରେ ତ ଏମାନଙ୍କୁ ବାନ୍ଧି ଦିଆଯାଇ ପାରିବ ନାହିଁ ! ଏପରି ଚେଷ୍ଟା କରି ଆଗରୁ ଆମେହିଁ ଠକି ଯାଇଛୁ । ଆମେ ମନେ ପକାଇଛୁ ଯେ ଏଭଳି ଭାଗବତ-ପୁରୁଷଙ୍କର ନିୟମ ଆମଠାରୁ ସଂପୂର୍ଣ୍ଣ ଅଲଗା । ସ୍ଥାନ, କାଳ ଓ ପାତ୍ର – ଏଇ ତିନୋଟି ଆୟତନର ଊର୍ଦ୍ଧ୍ୱରେ ସେମାନଙ୍କର ଅଧିଷ୍ଠାନ । ସେଇଥି ପାଇଁ ଚିରଦିନ ଆମ ପାଖରେ ସେମାନେ ଅବୁଝା । ...

ଯା'ହେଉ, ଭାବିବା ବନ୍ଦ କରି ଜୋର୍‌ରେ ଚମ୍ପକଲାଲ ତଳକୁ ଯିବାକୁ ସ୍ଥିର କଲେ; ମୁଁ ମଧ ସେଥିରେ 'ହଁ' ଭରିଲି ଏବଂ ପ୍ରତିଶ୍ରୁତି ଦେଲି ଯେ ମା'ଙ୍କର ପାଦ ଶବ୍ଦ ଶୁଣିଲା ମାତ୍ରେହିଁ ସାଙ୍ଗେ ସାଙ୍ଗେ ତାଙ୍କୁ ତଳବ ଦେବି । ଅଥଚ :

ହଠାତ୍ ସେ ଯେମିତି ତଳକୁ ଯାଇଛନ୍ତି, ସେମିତି ମା' ଆସି ହାଜର । ମୁଁ କ'ଣ କରିବି କିଛି ବୁଝିପାରିଲି ନାହିଁ । ଅସହାୟ ଭଳି କହିଲି, ''ଚମ୍ପକ ତ ତଳକୁ ଯାଇଛି, ତାକୁ ଡାକି ଆଣେ ?'' ଉତ୍ତର ଦେବାକୁ ଅପେକ୍ଷା ନ କରି ଗୁରୁଦେବ ଆଗେହିଁ ଉଠି ପଡ଼ିଲେ, ଅପେକ୍ଷା କରିବା ପାଇଁ ଯେମିତି ଟିକିଏ ବି ଧୈର୍ଯ୍ୟ ନାହିଁ ... । ବାଧ ହୋଇ ମୁଁ ଆଗେଇ ଗଲି

ତାଙ୍କ ଆଡ଼କୁ । ଆଉ ସେ ମଧ୍ୟ ବାମ ବାହୁ ବଢ଼ାଇ ମୋ କାନ୍ଧ ଉପରେ ରଖିଲେ ଓ ମୋତେ ପ୍ରାୟ ଟାଣି ନେଇ ଚାଲିବାକୁ ଆରମ୍ଭ କଲେ । ହାତଟା ମୋ କାନ୍ଧରେ ପଡ଼ିବା ସଙ୍ଗେ ସଙ୍ଗେ ଯେମିତି ବରଫର ଶୀତଳ ସ୍ପର୍ଶ ମୋ ଶରୀରକୁ ଭେଦି ଗଲା – ସତେ ଯେମିତି କେହି ଶୀତଳ ଚନ୍ଦନର ପ୍ରଲେପ ମୋ ଦେହର ଉପର ଅଙ୍ଗରେ ଲଗାଇ ଦେଲା । ସୁଦୀର୍ଘ ବାରବର୍ଷ ତାଙ୍କର ପାଖେ ପାଖେ ରହିଛି, ସ୍ପର୍ଶ କରିଛି ଓ ସ୍ପର୍ଶ ପାଇଛି ମଧ୍ୟ; ମାତ୍ର ସେଦିନର କ୍ଷଣିକ ଅତିଥିର ସ୍ପର୍ଶ ଅନିର୍ବଚନୀୟ । ଯେଉଁମାନେ ମରମୀ ସେଇମାନେ କେବଳ ସେଇ ଅନୁଭୂତି ବୁଝିବାକୁ ସକ୍ଷମ ହେବେ ।

ସେଦିନ ଦୁଇ, ଚାରି ଥର ଏପାଖରୁ ସେପାଖ ପଦଚାରଣା କରିନେଇ ଗୁରୁଦେବ ବସି ପଡ଼ିଲେ । ଏହା ମଧ୍ୟରେ ଚମ୍ପକଲାଲ ଶିଡ଼ି କମ୍ପାଇ ଧପ୍ ଧପ୍ ଶବ୍ଦ କରି ଉପରେ ଆସି ହାଜର ଏବଂ ପରିସ୍ଥିତିର ଗତିବିଧି ଦେଖି ଆଖି ବଡ଼ ବଡ଼ କରି ଚାହିଁ ରହିଲେ ଖାଲି, ମୁଖ ପାଂଶୁବର୍ଣ୍ଣ ତାଙ୍କର, ଆଉ ମୋର କଳା ମୁହଁ ଆଜି ଆଲୋକୋଜ୍ଜ୍ୱଳ । ବିଚରାର ହତାଶାବ୍ୟଞ୍ଜକ ଚେହେରା ଗୁରୁଙ୍କର ଯେ ଦୃଷ୍ଟି ଆକର୍ଷଣ ନ କରିଛି, ତା' ନୁହେଁ; ଚାଲି ଯାଉ ଯାଉ ତାଙ୍କ ଦିଗରେ ଟିକିଏ ଚାହିଁ ଏମିତି ମନଲୋଭା ହସ ହସିଲେ ଯାହା ତାଙ୍କର ସମସ୍ତ ବିଷାଦକୁ ପୋଛି ନେଇଗଲା । ଅଗତ୍ୟା ସେ ମଧ୍ୟ ହସି ପକାଇ ସେଦିନର ତାଙ୍କ ଅଦୃଷ୍ଟକୁ ମାନି ନେଲେ । ପରେ ମୋତେ କହିଲେ – ''ଗଲାବେଳେ ବୁଝିଥିଲି ଯେ ମୋର ତଳକୁ ଯିବା ଅନ୍ୟାୟ ହେଉଛି, ମନ ନେଇ ବୁଝିବାକୁ ଗଲେ ଏଇୟା ତ ହୋଇଥାଏ ।'' ତା'ପରେ ଟିକିଏ ହସି ନରମ ହୋଇ କହିଲେ – ''କିନ୍ତୁ ମୋର ଆଉ ଦୁଃଖ ନାହିଁ'' । କହିଲେ ଅବଶ୍ୟ – କିନ୍ତୁ ଭକ୍ତର ପ୍ରାଣ ତ ! ପୁନରାୟ ଯେମିତି ସେ ମୋ ମନର କଥା ଜାଣି ପାରିଲେ, ସେମିତି କହିଲେ – ''ସତ କହୁଛି, ଦୁଃଖ ମୋର ଆଉ ନାହିଁ, ତା' ଛଡ଼ା ବୁଝିପାରୁଛି ଆଜି ତୁମ କପାଳରେହିଁ ଏ ସୁଖ ଲେଖା ଥିଲା ।''

– ''ମୋର ?''

– ଅବାକ୍ ହେଉଛ ଯେ ! ତୁମକୁ ଯେ ସିଏ ବିଶେଷ କରୁଣା କଲେ ଆଜି, ସେକଥା ବୁଝି ପାରିଲ ନାହିଁ ବୋଲି କୁହନା ଆଉ । ସତ କରି କହିଲ, ଏ ପ୍ରକାର ସ୍ପର୍ଶ କେବେ ଜୀବନରେ ଅନୁଭବ କରିଥିଲ ?

ମୁଁ ଉତ୍ତର ଦେଲି ନାହିଁ ଏ କଥାର, ମୃଦୁ ମୃଦୁ ହସି ମାନି ନେଲି କଥାଟା ସତ । ଭାବିଲି ମୋର ଭାଷାଟା ସେ ଯେପରି ଚୋରି କରି ନେଇଛନ୍ତି ।

ସେଇ ସ୍ପର୍ଶର ସ୍ମୃତି ମଝିରେ ମଝିରେ ଜାଗି ଉଠେ, ପ୍ରାଣକୁ ଆକୁଳ କରେ । ମନ ଯେବେ ମେଘର ଆଢୁଆଳରେ ଢଙ୍କା ପଡ଼ିଯାଏ, ସେଇ ମୃଦୁ ହସର ବିଦ୍ୟୁତ୍ ଆଭାସ ଖୋଜି ବୁଲେ ମୁଁ ଦିଗ୍-ଦିଗନ୍ତେ । ଆଜି ବି ଯେବେ ସେ ସ୍ମୃତିରୁ ଖସି ଯାଇ ଅନ୍ଧକାର ଗର୍ଭରେ ମନ ହଜି ଯାଇଥିବା ମଣିମାଣିକ୍ୟ ଖୋଜିବାକୁ ବସେ, ସେତେବେଳେ ହଠାତ୍ ସେଇ ଦୃଶ୍ୟ, ସେଇ ସ୍ପର୍ଶ ଭାସି ଉଠେ ଜ୍ୟୋତିର୍ମୟ କରି ଅନ୍ତରକୁ – ଚନ୍ଦ୍ରାବଳୀର ଧବଳିମା ଭଳି ତାଙ୍କର ମୁକ୍ତ ହସ୍ତ, ତାଙ୍କର ବାହୁବନ୍ଧନ; ଅନୁଭବ କରେ ତାଙ୍କର ସାନ୍ନିଧ୍ୟ, ରଜତଶୁଭ୍ର କର ସ୍ପର୍ଶ । ପଲକରେ ଅପସରି ଯାଏ ବିଷଣ୍ଣ ଅନ୍ଧାର । ସେଇ ବନ୍ଧନ ଭିତରେ କେବଳ ନିଜକୁ ଦେଖେ ନାହିଁ, ସମଗ୍ର ପୃଥିବୀ ବୃତ୍ତାକାରେ ବିଧୃତ ହୋଇଛି ଯେମିତି ତାଙ୍କର ବିସ୍ତୃତ ବାହୁବେଷ୍ଟନୀ ମଧ୍ୟରେ । ଏ ପୃଥିବୀ କ'ଣ ତାହା ବୁଝି ନାହିଁ ? ବୁଝି ନାହିଁ କ'ଣ ଯୁଗେ ଯୁଗେ ତା'ର କୋଳକୁ କେତେ ଦେବ-ଶିଶୁ ଓହ୍ଲାଇ ଆସିଛନ୍ତି, କେତେ ମହାପୁରୁଷ, ମହାଶକ୍ତି ଓ ଅବତାର ତା'ର ବକ୍ଷକୁ ଆସି ଯାଇଛନ୍ତି, ତୋଳି ଧରିଛନ୍ତି ତା'ର ଚେତନାକୁ ଊର୍ଦ୍ଧ୍ୱର ଆଲୋକ ମଧ୍ୟରେ, ସ୍ୱର୍ଗର ସୁଧା ପୃଥ୍ୱୀପୃଷ୍ଠକୁ ନେଇ ଆସିଛନ୍ତି ? ସେସବୁର ଶେଷ ପରିଣତି ସ୍ୱରୂପ ଅର୍ଦ୍ଧ ମାନବଜାତିର ଜୀବନ ବୃକ୍ଷରେ ଯେଉଁ ପାରିଜାତ ପୁଷ୍ପ ଫୁଟି ଉଠିଛି, ତାହାରି ମୂଳରେ କାହାର ସ୍ପର୍ଶ ରହିଛି ? କାହାର ଦକ୍ଷିଣ ହସ୍ତ ସେଇ ବୀଜ ବପନ କରିଛି ? ଏକଥା କ'ଣ ଏ ଧରା ବୁଝେ ନାହିଁ ? ତାହା ସେ ବୁଝିଛି କିନ୍ତୁ ଭାଷା ତା'ର ନାହିଁ ସାଧାରଣ ମନୁଷ୍ୟକୁ ବୁଝାଇବାର; ଆଉ ଯେଉଁମାନଙ୍କର ବି ଭାଷା ରହିଛି, ସେମାନେ ଅବା କେତେ ଟିକିଏ ସମର୍ଥ ଏଇ ଗଭୀର ସତ୍ୟକୁ ଉପଲବ୍ଧି କରି ଭାଷାରେ ବ୍ୟକ୍ତ କରି ପାରିବେ ? ତେବେ ବି ଯେତିକି କୁହାଯାଇଛି – ସେଇ କହିବାରେହିଁ ସେମାନଙ୍କର ଆନନ୍ଦ ଯେମିତି ପ୍ରସ୍ରବଣର ଆନନ୍ଦ ଅକାରଣରେ ବହି ଯିବାରେ । ତେଣୁ ଏଇ ଯେଉଁ କ୍ଷଣିକ ସୁଖସ୍ପର୍ଶ ମୋତେ ଦେଇଯାଇଛି ସ୍ପର୍ଶାତୀତ ଆନନ୍ଦର ଆଭାସ ତାହା ବିନା ପ୍ରୟୋଜନରେ ମୁହଁର କଥାରେ ମୁଖରିତ ହୋଇଛି । ଏ ସ୍ପର୍ଶର ସ୍ୱରୂପ ବ୍ୟାଖ୍ୟା କରିବା ମୋର ସାଧ୍ୟାତୀତ, ତୁଳନା କରିବାକୁ ସମ୍ପଦ ପାଉ ନାହିଁ । କେବଳ ବୁଝିଛି – ମା'ର ସ୍ନେହ-ସୁଧାମଖା ଆଲିଙ୍ଗନ, ପ୍ରିୟାର ବାହୁବନ୍ଧନ, ଶିଶୁର ସୁଶୀତଳ

ଦେହବଲ୍ଲରୀଠାରୁ ବି ପବିତ୍ର, କୋମଳ ଓ ମଧୁର ସେଇ ବାହୁ-ପଲ୍ଲବର ସ୍ପର୍ଶ । ବୁଝିପାରେ, ବୈଷ୍ଣବ କବି କାହିଁକି ଅଧୀର ହୋଇ ଗାଇ ଯାଇଛନ୍ତି –

''ଲାଖ ଲାଖ ଯୁଗ ହିୟେ ହିୟା ରାଖନୁ ।
ତବୁ ହିୟା ନା ତିରପିତ ଭେଲ ।''

ପ୍ରଭୁଙ୍କର ସେଇ କରୁଣାର ସ୍ପର୍ଶ ମୋର ତୃଷିତ ଆତ୍ମାରେ ଜଗାଇ ଦେଇଛି ଏକ ମର୍ମର ଧ୍ୱନି, ଅବିରାମ ଛନ୍ଦ, ଯାହାର ଆବେଗ ଉତ୍ତରୋତ୍ତର ସ୍ଫୀତ ହୋଇ ତରଙ୍ଗଭଙ୍ଗରେ ହୃଦୟର ଉପକୂଳରେ ଆଣି ପହଞ୍ଚାଇ ଦେଉଛି ସେଇ ଦେବାଦିଦେବଙ୍କର ଆଶିଷବାର୍ତ୍ତା, ଯାହା ଗାନ କରୁଛି :

''ତୁମର ସକଳ କଣ୍ଟକ ଧନ୍ୟ କରି
ଗୋଲାପ ହୋଇ ଫୁଟିବ ତୁମେ ।''

(ସୁବର୍ଣ୍ଣ-ଜୟନ୍ତୀ 'ଶୃଣ୍ୱନ୍ତୁ'ର ସଂକଳନ-ବିଶେଷାଙ୍କରୁ)

ଅନୁବାଦ : କୃଷ୍ଣାଦେବୀ ❑

# ନବ ଚେତନାର ସାଥେ ଆସ ତୁମେ ନୂଆବର୍ଷ !

## ଜ୍ୟୋସ୍ନାରାଣୀ ଦାଶ

ନବ ଚେତନାର ସାଥେ
ଆସ ତୁମେ ନୂଆବର୍ଷ !
ତୁମେ ଆସିଗଲେ
ଆମ ଅଭୀପ୍ସାର କଳିସବୁ ପାଖୁଡ଼ା ମେଲିବେ
ଚେତନାର ଆକାଶରେ ହେବ
ନବ ଜୀବନର ସୂର୍ଯ୍ୟୋଦୟ ।

ଅଜ୍ଞାନତା, ଅହଂକାର ହଜି ଯିବେ
ନୂତନ ଆଲୋକେ ଦିବ୍ୟ ଭ୍ରାତୃତ୍ୱର
ସ୍ନିଗ୍ଧ ମଧୁର ମହକ
ଭରିଯିବ ପୃଥିବୀର କୋଣେ ଅନୁକୋଣେ ।

ତୁମେ ଆସିଗଲେ...
ମନ, ପ୍ରାଣ, ଶରୀରରୁ ହଜିଯିବ
ସବୁ ଅପୂର୍ଣ୍ଣତା, ନବ ଚେତନାରେ ଅବଗାହୀ
ସେମାନେ ଚାହିଁବେ ହେବା ପାଇଁ ରୂପାନ୍ତର ।
ପୁରାତନମାନେ ଛାଡ଼ି ଦେବେ ନୂତନକୁ ପଥ
ତାଙ୍କ ସିଂହାସନ ।

ପୂର୍ଣ୍ଣତା ବିରୋଧି ଯେତେ ଯେତେ ଅପଶକ୍ତି
ଅପସରି ଯିବା ପାଇଁ ନ ପାଇବେ ବାଟ ।

ତୁମେ ଆସିଗଲେ...
ଦିଗ ଆଉ ଦିଗନ୍ତରେ ଲାଗିଯିବ ପୂର୍ଣ୍ଣତାର
ମଧୁ ମହୋତ୍ସବ ।
ଅତିମାନସ ସୃଷ୍ଟିର ନୂତନ ପ୍ରକାଶ
ପୃଥିବୀର ସାମୀପ୍ୟ ଲଭିବ ।

ଆସ ନବବର୍ଷ !
ମହା ମାହେଶ୍ୱରୀଙ୍କର ଅଫୁରନ୍ତ କରୁଣାକୁ ନେଇ
ମହାକାଳୀଙ୍କର ସର୍ବଜୟୀ ସଂକଳ୍ପରେ
ଭରିଯାଉ ଗଗନ ପବନ ।

ମହାଲକ୍ଷ୍ମୀଙ୍କ ସୌନ୍ଦର୍ଯ୍ୟେ
ପୂର୍ଣ୍ଣ ହେଉ ସସାଗରା ଧରା
ମହାସରସ୍ୱତୀଙ୍କର ପରମ ପୂର୍ଣ୍ଣତା
ପରିବ୍ୟାପ୍ତ ହୋଇ ଯାଉ ଭୂମିରୁ ଭୂମାକୁ ।

ତୁମେ ଆସ ଧରିତ୍ରୀର ଆଶା ପୂର୍ଣ୍ଣ କରି
ମିଥ୍ୟା, ଅହଂକାର ନାଶି ତ୍ୱରାନ୍ୱିତ କରିବାକୁ
ଦିବ୍ୟପ୍ରେମ, ସତ୍ୟର ପ୍ରକାଶ । ❑



ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୧୪)

### ଆଶ୍ରମରେ 'ବଡ଼ ଦିନ ପର୍ବ' ପାଳନ :

ନାରାୟଣ ପ୍ରସାଦଙ୍କ ବର୍ଣ୍ଣନାରୁ : ''୧୯୪୪ ପର୍ଯ୍ୟନ୍ତ ଆଶ୍ରମରେ କୌଣସି ଧାର୍ମିକ ଉତ୍ସବ ପାଳନ କରାଯାଉ ନଥିଲା; କେବଳ କତିପୟ ଅନ୍ତେବାସୀ ସାଧକ-ସାଧିକା ଦଶହରା, ଦୀପାବଳି ଓ ଅନ୍ୟାନ୍ୟ ବିଶେଷ ଦିବସରେ ଶ୍ରୀମା'ଙ୍କ ଅନୁମତି କ୍ରମେ ମା'ଙ୍କ ପାଖକୁ ଯାଇ ପ୍ରଣାମ ନିବେଦନପୂର୍ବକ ଆଶୀର୍ବାଦ ଲାଭ କରୁଥିଲେ ।

''୧୯୪୪ରେ କଲିକତାରୁ ଆସିଥିବା ଜନୈକା ନବାଗତ ସାଧିକା ଆଶ୍ରମରେ ସ୍ଥାୟୀ ହୋଇ ରହିବାର ଅନୁମତି ପ୍ରାପ୍ତ ହେବା ପରେ ଏଠାରେ ପୂଜା (ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା, କାଳି ପୂଜା ଏବଂ ସରସ୍ୱତୀ ପୂଜା) ଦିବସଗୁଡ଼ିକୁ ଉତ୍ସବ ରୂପେ ପାଳନ କରିବାର ସୂତ୍ରପାତ କରିଥିଲେ ।...''

ତଥାପି ଏହିସବୁ ଉତ୍ସବ ଦିନରେ ଆଶ୍ରମର ଆଭ୍ୟନ୍ତରୀଣ ବାତାବରଣ ଶ୍ରୀମାଶ୍ରୀଅରବିନ୍ଦଙ୍କ ଦିବ୍ୟ ଉପସ୍ଥିତି ଓ ଆଧ୍ୟାତ୍ମିକ ଶକ୍ତିର ତୀବ୍ର ପ୍ରଭାବରେ ସ୍ପନ୍ଦିତ ହୋଇ ଉଠୁଥିଲା; ବିଶେଷ କରି ଶ୍ରୀମା'ଙ୍କର ଦର୍ଶନ ଓ ଆଶୀର୍ବାଦ ଲାଭ କରିବା ମୁହୂର୍ତ୍ତରେ । ସାଧିକା ପ୍ରୀତି-ଦି' ତାଙ୍କର 'ଅବିସ୍ମରଣୀୟ ମୁହୂର୍ତ୍ତ' ପୁସ୍ତକରେ ଏହି ମର୍ମରେ ଉଲ୍ଲେଖ କରିଛନ୍ତି ଯେ ଏହା ଦ୍ୱାରା ଆମେ ଶ୍ରୀମା'ଙ୍କର ମହେଶ୍ୱରୀ, ମହାଲକ୍ଷ୍ମୀ, ମହାକାଳୀ ଏବଂ ମହାସରସ୍ୱତୀଙ୍କର ସ୍ୱରୂପ ଦର୍ଶନ କରିବାର ଅପୂର୍ବ ସୁଯୋଗ ଲାଭ କରୁଥିଲୁ । ...

ତେଣୁ ଆଶ୍ରମରେ ଶ୍ରୀମା' ଯେଉଁସବୁ ଉତ୍ସବ ପାଳନ କରିବାକୁ ଅନୁମତି ଦେଇଥିଲେ, ଯାହାକୁ ଆମେ ସାଧାରଣତଃ ଦର୍ଶନ ଦିବସ ତଥା ଉତ୍ସବ ଦିବସ ରୂପେ କହିଥାଉ, ସେସବୁ ଦିବସରେ ଯଥାର୍ଥ ମନୋଭାବ ପୋଷଣ କରିବା ହେଉଛି ପ୍ରଧାନ କଥା ।

*

ଜଣେ ସାଧକ ମା'ଙ୍କୁ ପ୍ରଶ୍ନ କରିଛନ୍ତି : ମା', ଆମେ ଶ୍ରୀଅରବିନ୍ଦଙ୍କର ଜନ୍ମଦିନରେ କିପରି ହୋଇ ଉଠିବା ଉଚିତ ?

ଶ୍ରୀମା'ଙ୍କର ଉତ୍ତର : ଆନ୍ତରିକ ଓ କ୍ରମପ୍ରଗତିଶୀଳ ।

(MCW, Vol. 13, p. 31)

ଏହି ପରିପ୍ରେକ୍ଷୀରେ ଆଶ୍ରମ ସ୍କୁଲର ଜନୈକା ଷୋହଳ ବର୍ଷୀୟା ଛାତ୍ରୀଟି ଶ୍ରୀମା'ଙ୍କୁ ପଚାରି ଥିବା ପ୍ରଶ୍ନଗୁଡ଼ିକ ମଧ୍ୟରୁ ଗୋଟିଏ ପ୍ରଶ୍ନ ଏଠାରେ ସ୍ମରଣରେ ଆଣିପାରୁ :

ପ୍ରଶ୍ନ : ମଧୁମୟୀ ମା', ୫ ଓ ୯ ଡିସେମ୍ବରର ଦର୍ଶନ ଦିବସଗୁଡ଼ିକୁ ଏବଂ ନିଜର ଜନ୍ମଦିନଟିକୁ କିପରି ଭାବରେ ବିତାଇବା ଉଚିତ ?

ମା'ଙ୍କ ଉତ୍ତର : ସାଧାରଣ ଜ୍ଞାନ ଅପେକ୍ଷା ଅଧିକ ଗଭୀରତର ଜ୍ଞାନର ଅନ୍ୱେଷଣ କରିବାରେ ।

ଡିସେମ୍ବର ୫ ଓ ୯ ଦିବସରେ ମୃତ୍ୟୁ କହିଲେ କ'ଣ ବୁଝାଏ – ସେ ସମ୍ବନ୍ଧରେ ଯଥାର୍ଥ ରୂପେ ଜାଣିବାରେ ।

ଜନ୍ମଦିନଟିରେ ଜୀବନର ଉଦ୍ଦେଶ୍ୟ ସମ୍ବନ୍ଧରେ ଆବିଷ୍କାର କରିବାରେ ।

*ଆଶୀର୍ବାଦ ।* – ଶ୍ରୀମା

(MCW, Vol. 16, p. 415)

*

ସେଦିନ ଥିଲା ୨୫ ଡିସେମ୍ବର ୧୯୫୦ । ଆଶ୍ରମର ପ୍ଲେ-ଗ୍ରାଉଣ୍ଡରେ ଏକତ୍ରିତ ପିଲାମାନଙ୍କୁ ପବିତ୍ର ଦା' ସେହି ଦିବସଟିର ତାତ୍ପର୍ଯ୍ୟ ସମ୍ବନ୍ଧରେ ବୁଝାଉଥିଲେ – ବର୍ଷର ଶେଷ ମାସ ଡିସେମ୍ବର ୨୧ ବେଳକୁ ସୂର୍ଯ୍ୟଙ୍କର ଦକ୍ଷିଣାୟନର ଅନ୍ତିମ ଦିବସ ଆସି ଯାଇଥାଏ; ସେ ଦିନଟି ବର୍ଷର ସବୁଠାରୁ ଛୋଟ ଦିନ । ଏହାପରେ କ୍ରମଶଃ ଦିନର ପରିସର ବଢ଼ି ଚାଲେ; ଅର୍ଥାତ୍ ସୂର୍ଯ୍ୟଙ୍କର ଉତ୍ତରାୟଣ ଆରମ୍ଭ ହୋଇଥାଏ ଏବଂ ୨୫ ଡିସେମ୍ବର ବେଳକୁ ଦିନର ପରିସର ପୂର୍ବବତ୍ ହୋଇ ଉଠିଥାଏ ।

ଇତି ମଧ୍ୟରେ ଶ୍ରୀମା ଆସି ତାଙ୍କ ଚେୟାରରେ ବସୁ ବସୁ ନିମ୍ନ ମନ୍ତବ୍ୟଟି ଦେଇଥିଲେ :

''ସେଥିପାଇଁ ଯିଶୁଖ୍ରୀଷ୍ଟଙ୍କର ଆବିର୍ଭାବର ବହୁ ପୂର୍ବରୁ ୨୫ ଡିସେମ୍ବର ଦିବ୍ୟ ଆଲୋକର ଏକ ଉତ୍ସବ ଦିବସ ରୂପେ ପାଳିତ ହୋଇ ଆସୁଥିଲା । ଖ୍ରୀଷ୍ଟଧର୍ମ ପ୍ରଚଳନର ବହୁ ପୂର୍ବରୁ

ଏହା ବେଶ୍ ଜନପ୍ରିୟ ହୋଇ ଉଠିଥିଲା; ପ୍ରାଚୀନ ଇଜିପ୍ଟ (ମିଶର ଦେଶ)ରୁହିଁ ଏହାର ସୂତ୍ରପାତ । ଦିବ୍ୟ ଆଲୋକର ପୁନରାଗମନ ଦିବସ ରୂପେ ଏବଂ ଖୁବ୍ ସମ୍ଭବତଃ ପରେ ଖ୍ରୀଷ୍ଟଙ୍କର ଜନ୍ମ ଏହି ସମାନ ଦିନରେ ହୋଇଥିଲା ବୋଲି ସ୍ଥିର କରାଯାଇଥିଲା ।'' (MCW, Vol. 4, p. 6)

ମା'ଙ୍କର ଏହି ସମାନ ଧରଣର ବ୍ୟାଖ୍ୟା ଉଦାର ଓ ଗୌରୀ-ଦି'ଙ୍କର ସ୍ମୃତିକଥାରେ ବର୍ଣ୍ଣିତ ହୋଇଛି । ସେ ଦୁଇଜଣଙ୍କର ବର୍ଣ୍ଣନାର ସାରମର୍ମ ଏହିପରି :

ପ୍ରତି ବୁଧବାର ଦିନ ମା' ପିଲାମାନଙ୍କର କ୍ଲାସ ନେଉଥିଲେ । ସେତେବେଳେ ଖ୍ରୀଷ୍ଟମାସ ସମୟ ହୋଇଥିବାରୁ ଶ୍ରୀମା' ପିଲାମାନଙ୍କୁ ଦିବ୍ୟ ଆଲୋକର ଉତ୍ସବ ପାଳନର ଉଦ୍ଭବ ଏବଂ ଏଠାରେ ଆଶ୍ରମରେ ଆମେ କାହିଁକି ଏହା ପାଳନ କରୁ ସେସବୁର ତାତ୍ପର୍ଯ୍ୟ ସମ୍ବନ୍ଧେ କହିଲେ ।

ଏହି ଉତ୍ସବ ପାଳନର ଉଦ୍ଭବ ହୁଏ ପ୍ରାଚୀନ ଇଜିପ୍ଟର କ୍ୟାଲ୍‌ଡ଼ିଆ ପରମ୍ପରାରୁ । (ଏହି କ୍ୟାଲ୍‌ଡ଼ିଆ ଅଧିବାସୀ ମେସୋପଟାମିଆରେ ଇଉଫ୍ରାଟିସ ନଦୀ ଉପକୂଳରେ ବସବାସ କରୁଥିଲେ ଏବଂ ଏମାନଙ୍କ ମଧ୍ୟରେ ଅନେକ ପ୍ରଭାବଶାଳୀ ଜ୍ୟୋତିର୍ବିଦ୍ ଓ ଐନ୍ଦ୍ରଜାଲିକ ଥିଲେ ।) ତଦାନୀନ୍ତନ କେତେକ ବିଜ୍ଞ ବ୍ୟକ୍ତି ଲକ୍ଷ୍ୟ କଲେ ଯେ ବର୍ଷର ଶେଷ ଆଡ଼କୁ ଦିନର ପରିସର କ୍ରମଶଃ ହ୍ରାସ ପାଇ ରାତ୍ରିର ପରିସର ବଢ଼ିବାରେ ଲାଗିଛି । ସେମାନେ ମର୍ମେ ମର୍ମେ ଅନୁଭବ କଲେ ଯେ ଏମିତି ହେଲେ ଅନ୍ଧକାର ବଢ଼ି ବଢ଼ି ପୃଥିବୀକୁ ଗ୍ରାସ କରି ନେବ ଏବଂ ଜୀବନଧାରଣ କରିବା ଅସମ୍ଭବ ହୋଇ ଉଠିବ । ତେଣୁ ସେମାନେ ଏକତ୍ର ହୋଇ ଧ୍ୟାନସ୍ଥ ହେଲେ ଏବଂ ଈଶ୍ୱରଙ୍କୁ ପ୍ରାର୍ଥନା ଜଣାଇବାକୁ ଲାଗିଲେ । ତା'ପରେ ସେମାନେ ଲକ୍ଷ୍ୟ କଲେ ଯେ ୨୨ ଡିସେମ୍ବର ଠାରୁ ଦିନର ପରିସର ଧୀରେ ଧୀରେ ବଢ଼ିବାକୁ ଆରମ୍ଭ କରିଛି ଏବଂ ଘନ ଅନ୍ଧକାରର ସମୟ ସେହି ଅନୁପାତରେ କମିଯାଇଛି ଏବଂ ୨୫ ଡିସେମ୍ବର ବେଳକୁ ପ୍ରାୟଶଃ ସ୍ୱାଭାବିକ ହୋଇ ଉଠିଛି । ତେଣୁ ଏହି ୨୫ ତାରିଖଟିକୁ ସେମାନେ 'ଆଲୋକର ପୁନଃ-ଆବିର୍ଭାବ' (Return of Light) ଦିବସ ରୂପେ ପାଳନ କରି ଆସୁଥିଲେ । ପରବର୍ତ୍ତୀ କାଳରେ ଯିଶୁଖ୍ରୀଷ୍ଟଙ୍କର ଜନ୍ମଦିନଟିକୁ ପରିଶେଷରେ ପ୍ରତୀକାତ୍ମକ ଦୃଷ୍ଟିରୁ ଏହି ଦିବ୍ୟ ଆଲୋକର ପୁନରାବିର୍ଭାବର ଦିବସ ରୂପେ ପାଳିତ କରାହେଉଛି ।

ଆଶ୍ରମରେ ୨୫ ଡିସେମ୍ବରକୁ ଏହି 'ଆଲୋକର ପୁନରାବିର୍ଭାବ'ର ଦିବସ ରୂପେ ପାଳନ କରାଯାଉଥିଲା । ପରବର୍ତ୍ତୀ କାଳରେ ଏହା 'ଖ୍ରୀଷ୍ଟମାସ ଉତ୍ସବ'ରେ ପରିଣତ ହୋଇ ଉଠିଲା । ଦୁର୍ଗାପୂଜାଦି ଉତ୍ସବ ପାଳନର ଯେମିତି ଏକ ଇତିହାସ ଥିଲା, ଏହିଟିର ମଧ୍ୟ ସେମିତି ଏକ ଇତିହାସ ରହିଛି ସତ, ତଥାପି ଆଶ୍ରମରେ ମୂଳତଃ ଏହା 'ଆଲୋକର ପୁନରାବିର୍ଭାବ' ଉତ୍ସବ ।

*୨୬ ଡିସେମ୍ବର ୧୯୬୯ରେ ଆଶ୍ରମ ପ୍ଲେ-ଗ୍ରାଉଣ୍ଡର ଜଣେ ତରୁଣ କ୍ୟାପ୍ଟେନ୍ ମା'ଙ୍କୁ ପ୍ରଶ୍ନ ପଚାରିଥିଲେ : ମଧୁମୟୀ ମା', ଆମେ ଏଠାରେ ଖ୍ରୀଷ୍ଟମାସ (ବଡ଼ଦିନ ପର୍ବ) କାହିଁକି ପାଳନ କରୁ ? ଆମମାନଙ୍କ ସକାଶେ ଏହି ଦିବସଟିର ବିଶେଷ ତାତ୍ପର୍ଯ୍ୟ କ'ଣ ରହିଛି ? ଏହି ଖ୍ରୀଷ୍ଟମାସ ଦିବସରେ ଇଉରୋପୀୟ ଏବଂ ଭାରତୀୟମାନଙ୍କ ମଧ୍ୟରେ ଏଠାରେ ଏକ ପାର୍ଥକ୍ୟ ନିରୂପଣ କରାଯାଇଥାଏ କାହିଁକି ?*

ଶ୍ରୀମା'ଙ୍କର ଉତ୍ତର : ''ଖ୍ରୀଷ୍ଟଧର୍ମରେ ଡିସେମ୍ବର ୨୫ ତାରିଖକୁ ଯିଶୁଖ୍ରୀଷ୍ଟଙ୍କର ଜନ୍ମଦିବସ ରୂପେ ନିଷ୍ପତ୍ତି ନେବାର ଅନେକ ପୂର୍ବରୁ ଏହି ଦିବସଟିକୁ ସୂର୍ଯ୍ୟଙ୍କର ପୁନରାଗମନର ଦିବସ, ଆଲୋକର ଦିବସ (The Day of Light) ରୂପେ ପାଳିତ ହେଉଥିଲା । ପ୍ରାଚୀନ କାଳରୁ ଆଲୋକର ପୁନଃ ଆବିର୍ଭାବର ଏହି ନିହିତାର୍ଥ (This very ancient symbol of the rebirth of the Light) ବହନ କରି ଆସୁଥିବା ଦିବସଟିକୁ ଆମେ ଏଠାରେ ଉତ୍ସବ ରୂପେ ପାଳନ କରିବାକୁ ଅଭିଳାଷ ରଖିଛୁ ।

''ମୁଁ ଯେତେଦୂର ଜାଣେ ଆଶ୍ରମର ପ୍ରତ୍ୟେକ ଅନ୍ତେବାସୀଙ୍କୁ ଖ୍ରୀଷ୍ଟମାସ ବୃକ୍ଷ ପାଖକୁ ଆସି ବିତରଣ କରାଯାଉଥିବା ଉପହାର ଦ୍ରବ୍ୟକୁ ଗ୍ରହଣ କରିବା ସକାଶେ ଅନୁମତି ଦିଆ ଯାଇଥାଏ ।

''ପାରମ୍ପରିକ ରୀତିରେ ଛୋଟ ଛୋଟ ସୁନ୍ଦର ଚାଙ୍ଗୁଡ଼ିରେ ଉପହାର ଦ୍ରବ୍ୟସବୁ ରଖି ପରସ୍ପରଙ୍କୁ ଭେଟିବା – ଏହି ପ୍ରଥାଟି ଇଉରୋପ ତଥା ଆମେରିକାରେ ପ୍ରାୟତଃ ପ୍ରଚଳିତ । ସେହି ଦୃଷ୍ଟିରୁ ଏଠାରେ ପାଶ୍ଚାତ୍ୟବାସୀମାନଙ୍କ ପାଖକୁ ମଧ୍ୟ ଉପହାରମାନ ସେମିତି ପଠାଯାଇଥାଏ । ସେମାନେ ଜାନୁଆରୀ ପହିଲାରେ ଏହା ପାଳନ ନକରି ଖ୍ରୀଷ୍ଟମାସ ଦିବସରେହିଁ କରିଥା'ନ୍ତି । ବାସ୍ କଥାଟି ଏତିକି ।

*ଆଶୀର୍ବାଦ ।* (MCW, Vol. 17, p. 366)

*

ଏବେ ଆଶ୍ରମରେ ଖ୍ରୀଷ୍ଟମାସ ପର୍ବର ଇତିହାସ ସମ୍ବନ୍ଧେ ପଦେ ଅଧେ :

୧୫ ଅଗଷ୍ଟ ୧୯୩୭ରେ ଉଦାର ଏବଂ ମୋନା (ନବଦମ୍ପତି) ପ୍ରଥମ କରି ଆଶ୍ରମକୁ ଆସି ଶ୍ରୀମା-ଶ୍ରୀଅରବିନ୍ଦଙ୍କର ଦର୍ଶନ ଲାଭ କରିବା ପରେ ଦୁହିଁଙ୍କର ଜୀବନଧାରା କହିବାକୁ ଗଲେ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ ହୋଇ ଯାଇଥିଲା । ୧୬ ନଭେମ୍ବର ୧୯୩୭ରେ କନ୍ୟା ଗୌରୀ ଜନ୍ମଲାଭ କରିବାର ଅବ୍ୟବହିତ ପରେ ଶ୍ରୀମା'ଙ୍କ ଅନୁମତି କ୍ରମେ ସପରିବାର ଏକ ଭଡ଼ା ଘର 'ଲିଟିଲ୍ ହାଉସ୍'ରେ ଆସି ଆଶ୍ରମର ଅନ୍ତେବାସୀ ରୂପେ ବସବାସ କଲେ । ପରବର୍ତ୍ତୀ ସମୟରେ ୨୫ ଡିସେମ୍ବରରେ ଶ୍ରୀମା'ଙ୍କ ଦ୍ୱାରା ଅନୁସୃତ ଖ୍ରୀଷ୍ଟମାସ ଦିବସ (as the rebirth of Light)ରେ ଶ୍ରୀମା'ଙ୍କର ଆଶୀର୍ବାଦ ଗ୍ରହଣ କଲେ ।

ମୋନା ପାରମ୍ପରିକ ଧାରାରେ ପ୍ରଥମ କରି ନିଜ ବାସଭବନରେ ଖ୍ରୀଷ୍ଟମାସ ଉତ୍ସବ ପାଳନ କଲେ; ଗୌରୀଙ୍କୁ ସେତେବେଳେ ମାତ୍ର ଏକ ବର୍ଷ (୧୯୩୮) । ଘରେ ଖ୍ରୀଷ୍ଟମାସ ବୃକ୍ଷ ଏବଂ ଘରର ଛାତରୁ ଖ୍ରୀଷ୍ଟମାସ-ଟ୍ରୀ ଉପରକୁ ଓହଳି ଥିବା ବଡ଼ ଆକାରର 'ଷ୍ଟାର୍' ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣସବୁ ମୋନା ସାଧାରଣ ଭାବରେ ସଜାଇ ଥିଲେ । ଏହି ଉତ୍ସବରେ ଯେଉଁ ବନ୍ଧୁମାନେ ଯୋଗ ଦେଇଥିଲେ ସେମାନେ ହେଲେ ଆଶ୍ରମର ସୁପରିଚିତ ଅନ୍ତେବାସୀ – ନିଷ୍ଠା, ଇଞ୍ଜିନିୟର ସ୍ୟାମାର୍ ଏବଂ ଅମ୍ବୁ । (ବଡ଼ 'ଷ୍ଟାର୍'ଟିକୁ ନିଷ୍ଠା ଉପହାର ସ୍ୱରୂପ ଦେଇଥିଲେ ।) ଏହି ଉତ୍ସବରେ ମୋନା ଓ ଉଦାର ନିଜର ହୃଦୟଭରା କୃତଜ୍ଞତା ସହ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଉପହାର ଦେଇଥିଲେ । ପରବର୍ଷ ୧୯୩୯ରେ ମଧ୍ୟ ଠିକ୍ ସେମିତି ଉତ୍ସବ ପାଳନ ହୋଇଥିଲା । ଇତି ମଧ୍ୟରେ ଶ୍ରୀମା' ମୋନାଙ୍କର ବାସଭବନ 'ରେଡ୍ ହାଉସ୍' (ଆଶ୍ରମର ପ୍ରଧାନ ଲାଇବ୍ରେରି ସମୀପସ୍ଥ ବାସଭବନ)କୁ ସ୍ଥାନାନ୍ତରିତ କରି ଦେଇଥା'ନ୍ତି ।

ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭର ଅବ୍ୟବହିତ ପରେ ଆଶ୍ରମକୁ ଅନେକ ଶିଶୁଙ୍କର ଆଗମନ ଘଟିଛି । ୧୯୪୧-୪୨ ବେଳକୁ ଆଶ୍ରମରେ ପ୍ରାୟ ବାର ଚଉଦ ଜଣ ପିଲା ଥିଲେ । ମୋନା ଖ୍ରୀଷ୍ଟମାସ ଦିନ ତାଙ୍କ ଘରକୁ ଏହି ପିଲାମାନଙ୍କୁ ଆମନ୍ତ୍ରଣ କରି ସାରାଦିନ ବିବିଧ ଆମୋଦପ୍ରଦ କାର୍ଯ୍ୟକ୍ରମରେ ବ୍ୟାପୃତ ରଖୁଥିଲେ ଏବଂ ବିଭିନ୍ନ ପ୍ରକାର ଖେଳନା ଉପହାର ଦେଉଥିଲେ । ସେହି ସମୟରେ ଶ୍ରୀମା ପ୍ରାୟ ସକାଳ ୧୧ଟାରୁ ୧୨ଟା ଭିତରେ ଆଶ୍ରମର ଉପର ଛାତରେ ପଦଚାରଣ କରୁଥିଲେ । ମୋନାଙ୍କ ବାସଭବନରୁ ପିଲାମାନେ ରଙ୍ଗବେରଙ୍ଗର କାଗଜ ଟୋପି ପିନ୍ଧି ଆମୋଦ-ପ୍ରମୋଦରେ ଉଚ୍ଛ୍ୱସିତ ହୋଇ ଆନନ୍ଦରେ ନାଚି ନାଚି, ଗୀତ ଗାଇ ଶ୍ରୀମା'ଙ୍କୁ ଦର୍ଶନ କରିବାକୁ ଆସୁଥିଲେ ।

୧୯୪୩-୪୪ରେ ହଠାତ୍ ଏକା ସାଥିରେ ତିରିଶ କି ପଞ୍ଚତିରିଶ ଜଣ ପିଲା ଆଶ୍ରମକୁ ଆସିବା ଫଳରେ ଶ୍ରୀମା ମୋନାଙ୍କୁ କହିଲେ ଯେ ତୁମେ ସବୁ ପିଲାଙ୍କ ସକାଶେ ଶୃଙ୍ଖଳିତ ଭାବରେ ଛୋଟ ଆକାରରେ ଏକ ଖ୍ରୀଷ୍ଟମାସ ଉତ୍ସବର ଆୟୋଜନ କର । ତେଣୁ ମୋନା ଓ ଉଦାର ଉଭୟେ ପିଲାମାନଙ୍କ ସକାଶେ କୌତୁକପ୍ରଦ ବିଭିନ୍ନ ଖେଳର ପ୍ରତିଯୋଗିତା ଏବଂ ଲଟେରିସବୁର ବନ୍ଦୋବସ୍ତ କଲେ । କହିବା ବାହୁଲ୍ୟ ଏହିସବୁ ଉପହାର ଦ୍ରବ୍ୟ ଓ ଉପକରଣର ପ୍ରସ୍ତୁତି ତଥା ଆୟୋଜନ ମୋନା ତାଙ୍କ ସହକର୍ମୀବୃନ୍ଦଙ୍କ ସହାୟତାରେ ଗୋଲକୁଣ୍ଡରେହିଁ କରୁଥିଲେ । ଏପରିକି ସ୍ୱତନ୍ତ୍ର ଭାବରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ସକାଶେ ଦୁଇଟି ସୁଦୃଶ୍ୟ କାରୁକାର୍ଯ୍ୟପୂର୍ଣ୍ଣ ମୁକୁଟ ମଧ୍ୟ ଏଇଠି ନିର୍ମିତ ହେଉଥିଲା ।

ଖ୍ରୀଷ୍ଟମାସ ଉତ୍ସବଟି 'ରେଡ୍ ହାଉସ୍'ରେହିଁ ପାଳିତ ହେଉଥିଲା । ଦ୍ୟୁମାନ୍ ତାଙ୍କ ସକାଶେ ପ୍ରସ୍ତୁତ ବିଶେଷ ଧରଣର ଟୋପି ପିନ୍ଧି ରାସ୍ତାକୁ ବାହାରି ଆସି ସଜୋରରେ ତୁରୀ ବଜାଉଥିଲେ ଏବଂ ସମସ୍ତେ ଆନନ୍ଦ କୋଳାହଳରେ ରାସ୍ତାକୁ ବାହାରି ଆସି ଦ୍ୟୁମାନ୍‌ଙ୍କ ସହିତ ଶ୍ରୀମା'ଙ୍କର ଦର୍ଶନକୁ ଆସୁଥିଲେ । ୧୯୪୫ ପର୍ଯ୍ୟନ୍ତ ଖ୍ରୀଷ୍ଟମାସ ଉତ୍ସବ 'ରେଡ୍ ହାଉସ୍'ରେହିଁ ଅନୁଷ୍ଠିତ ହେଉଥିଲା । ଏହି ବର୍ଷ ଉଦାରଙ୍କର ବାସଭବନ 'ଫନେଟ୍ର୍'କୁ ସ୍ଥାନାନ୍ତରିତ ହେବାରୁ ୧୯୪୬ରେ ଖ୍ରୀଷ୍ଟମାସ ଉତ୍ସବ ଏହି ନୂତନ ବାସଭବନରେହିଁ ଅନୁଷ୍ଠିତ ହୋଇଥିଲା । ଏହାର ଅଗଣାଟି କିନ୍ତୁ ଅପେକ୍ଷାକୃତ ଛୋଟ ଥିଲା, ତେଣୁ ସ୍ୱଭାବତଃ ଉତ୍ସବ ସକାଶେ ସ୍ଥାନର ଅଭାବ ଘଟିଲା ।

୧୯୪୫-୪୬ରେ ଖ୍ରୀଷ୍ଟମାସ ଦିନ ସମସ୍ତ ପିଲା ଆଶ୍ରମର ଅଙ୍ଗନରେ ଏକତ୍ରିତ ହୋଇ ଧାଡ଼ି କରି ଉପର ମହଲାକୁ ଯାଇ ଶ୍ରୀମା'ଙ୍କୁ ପ୍ରଣାମ ଜଣାଇ ଥିଲେ ।

କିନ୍ତୁ 'ଫନେଟ୍ର୍' ଅଗଣା ଛୋଟ ଥିବାରୁ ସେଠାରେ ଏହି ଉତ୍ସବ ସକାଶେ ସ୍ଥାନର ଅଭାବ ଘଟିଲା । ଫଳରେ ଶ୍ରୀମା' ସିଦ୍ଧାନ୍ତ ନେଲେ ପରବର୍ତ୍ତୀ ବର୍ଷ (୧୯୪୭)ରୁ ଏହି ଉତ୍ସବଟି

ଆଶ୍ରମର ପ୍ଲେ-ଗ୍ରାଉଣ୍ଡରେହିଁ ଅନୁଷ୍ଠିତ ହେବ; ଏଥିରେ ଆଶ୍ରମର ପ୍ରତ୍ୟେକ ଅନ୍ତେବାସୀ ଅଂଶ ଗ୍ରହଣ କରିବେ ଏବଂ ତାଙ୍କରି ହାତରୁ ଉପହାର ଗ୍ରହଣ କରିବେ ଏବଂ ପାରମ୍ପରିକ ରୀତିରେହିଁ ଏହା ଅନୁଷ୍ଠିତ ହେବ ।

ତେଣୁ ପିଲାମାନଙ୍କ ସହିତ ଯୁବକ ତଥା ଅନ୍ୟ ଆଗ୍ରହୀ ସାଧକଗଣ ଖ୍ରୀଷ୍ଟମାସ ବୃକ୍ଷକୁ ସୁନ୍ଦର ଭାବରେ ସଜାଇଲେ । ସମସ୍ତେ ଗିର୍ଜାରେ ଏହି ଉପଲକ୍ଷେ ଅନୁଷ୍ଠିତ ସମବେତ କଣ୍ଠ ସଙ୍ଗୀତ (କୋୟାର୍)କୁ ଅଭ୍ୟାସ କରିବାକୁ ଲାଗିଲେ । ଶ୍ରୀମା' ଖ୍ରୀଷ୍ଟମାସ ବୃକ୍ଷ ପାଖରେ ଉପବେଶନ କରିବା ପରେ ବିଭିନ୍ନ ବାଦ୍ୟଯନ୍ତ୍ରର ସହାୟତାରେ ସମବେତ ସଙ୍ଗୀତର ମୂର୍ଚ୍ଛନାରେ ପ୍ଲେ-ଗ୍ରାଉଣ୍ଡ ସ୍ପନ୍ଦିତ ହୋଇ ଉଠୁଥିଲା । ଶ୍ରୀମା' ସମସ୍ତଙ୍କୁ ଉପହାର ପ୍ୟାକେଟ ବିତରଣ କରୁଥିଲେ । ସ୍ୱଳ୍ପ ସମୟ ଭିତରେ ପ୍ରତ୍ୟେକେ ଏହି ସରଳ ନିରାଡ଼ମ୍ବର ଉତ୍ସବରେ ଶ୍ରୀମା'ଙ୍କର ଦିବ୍ୟ-ଉପସ୍ଥିତିରେ ବେଶ୍ ଆନନ୍ଦ ଉପଭୋଗ କରୁଥିଲେ । ଏମିତି ଦଶ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ଚାଲିଥିଲା । କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ଏଥିରେ ଦାଉ ସାଧିଲା । କେବେ କେବେ ବର୍ଷା ପୁଣି ପ୍ରବଳ ଝଡ଼ ତୋଫାନ – ତେଣୁ ତରବରରେ ସବୁକିଛି ବସ୍ତୁକୁ ପାଖ ଘର ଭିତରେ ଜମା କରିବାକୁ ପଡୁଥାଏ, ତୋଫାନରେ ଖ୍ରୀଷ୍ଟମାସ ବୃକ୍ଷ ଏକେବାରେ ଶ୍ରୀହୀନ ହୋଇ ଉଠୁଥିଲା ।

୧୯୫୬ରେ ଆଶ୍ରମର ଥିଏଟର ହଲ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୯୫୮ରେ ଏହାର ପରିସମାପ୍ତି ଘଟିବା ପରେ ଶ୍ରୀମା' ଏହି ଉତ୍ସବର ଅନୁଷ୍ଠାନ ସେହିଠାରେ ଆରମ୍ଭ କଲେ । ୧୯୫୮ରୁ ୧୯୬୦ ପର୍ଯ୍ୟନ୍ତ ନିଜେ ଉପହାର ବିତରଣ କରୁଥିଲେ । ୧୯୬୧ରେ ସେଠାକୁ ଯାଇ ବିତରଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ଆଶ୍ରମକୁ ଫେରି ଆସିଥିଲେ । ଖ୍ରୀଷ୍ଟମାସ ଦିବସରେ ଏହାହିଁ ତାଙ୍କର ଥିଏଟର ହଲ୍‌କୁ ଶେଷ ଆଗମନ । ପରବର୍ତ୍ତୀକାଳରେ ଏହି ଉତ୍ସବର ସମସ୍ତ ଦାୟିତ୍ୱ ଶ୍ରୀମା' ଅର୍ପଣ କରିଥିଲେ ମୋନାଙ୍କ ଉପରେ । ମୋନା ଏହି ଦାୟିତ୍ୱ ଦୀର୍ଘ ୩୧ ବର୍ଷ ଧରି ୨୦୦୨ ପର୍ଯ୍ୟନ୍ତ ସୁଚାରୁ ରୂପେ ତୁଲାଇ ଥିଲେ । ୨୧ମେ ୨୦୦୪ରେ ୯୨ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଖ୍ରୀଷ୍ଟମାସର ପରବର୍ତ୍ତୀ ଘଟଣା ସର୍ବଜନବିଦିତ ।

୧୯୫୯ରୁ ୧୯୭୨ ପର୍ଯ୍ୟନ୍ତ ଶ୍ରୀମା' ପ୍ରତି ବର୍ଷ ଖ୍ରୀଷ୍ଟମାସ ଉତ୍ସବ ସକାଶେ ତାଙ୍କର ବାଣୀ ଦେଉଥିଲେ । ସେସବୁ ଅବଶ୍ୟ ପଠନୀୟ । ଏହା ଶ୍ରୀମା'ଙ୍କର ରଚନା ସଂଗ୍ରହ, ୧୫ ନମ୍ବର ଗ୍ରନ୍ଥରେ 'ଖ୍ରୀଷ୍ଟମାସ ସକାଶେ ବାଣୀ' ('Christmas Messages') ଶିରୋନାମାରେ ପ୍ରକାଶ ପାଇଛି ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**


(1) Narayan Prasad : 'Life in Sri Aurobindo Ashram' (Chapter : Ashram Celebrations), 2010.

(2) Anie Nunally : (Interview with Gauri Pinto); 'The Golden Path', 2008.

(3) 'Udar : One of Mother's Children'; (Chapter : Noel-Christmas).


May the New Light illumine your thoughts and your lives, govern your hearts and guide your action.

Blessings. The Mother

ନୂତନ ଆଲୋକ ତୁମମାନଙ୍କର ଭାବନାରାଜି ଓ ଜୀବନକୁ ଆଲୋକିତ କରୁ, ତୁମର ହୃଦୟରେ ରାଜତ୍ୱ କରୁ ଓ ତୁମର କାର୍ଯ୍ୟାବଳୀର ମାର୍ଗଦର୍ଶକ ହେଉ ।

ଆଶୀର୍ବାଦ – ଶ୍ରୀମା

[୧୯୬୨ର ବଡ଼ଦିନ (Christmas) ଉପଲକ୍ଷେ ଶ୍ରୀମାଙ୍କ ବାଣୀ]

# ଶ୍ରୀମା, ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ

## ଶ୍ରୀମା

*ପ୍ରଶ୍ନ : ମାଆ, ଆପଣଙ୍କର ଓ ଶ୍ରୀଅରବିନ୍ଦଙ୍କର ରଚନାଗୁଡ଼ିକୁ କେବଳ ଉପର ମନରେ ନ ବୁଝି ସେଗୁଡ଼ିକ ଯେପରି ଆମର ଚେତନା କ୍ଷେତ୍ରରେ ପ୍ରବେଶ କରିପାରିବ, ସେଥିଲାଗି ଆମେ ସେଗୁଡ଼ିକୁ ପ୍ରକୃତରେ କିପରି ଭାବରେ ଅଧ୍ୟୟନ କରିବୁ ?*

**ଶ୍ରୀମା** : ମୋ ଲେଖା ବହିଗୁଡ଼ିକୁ ପଢ଼ିବା ମୋଟେ କଷ୍ଟକର ହେବ ନାହିଁ, କାରଣ ସେଗୁଡ଼ିକ ଅତି ସରଳ ଭାଷାରେ ଲେଖା ହୋଇଛି, ପ୍ରାୟ ସାଧାରଣ କଥିତ ଭାଷାରେ ଲେଖା ହୋଇଛି । ସେଗୁଡ଼ିକ ପଢ଼ି ଯଥାର୍ଥ ଭାବରେ ଉପକୃତ ହେବାକୁ ହେଲେ ସେଗୁଡ଼ିକୁ ମନୋଯୋଗ, ଅଭିନିବେଶ ଏବଂ ଅନ୍ତର୍ଗତ ସଦିଚ୍ଛାର ଏକ ଦୃଷ୍ଟିକୋଣ ସହିତ ପଢ଼ିବାହିଁ ଯଥେଷ୍ଟ ହେବ; ଏବଂ ସେଥିରେ ଯାହାସବୁ ଶିକ୍ଷା ଦିଆଯାଇଛି, ତାହାକୁ ଗ୍ରହଣ କରିବା ଓ ଜୀବନରେ ଅଭ୍ୟାସ କରିବା ଲାଗି ଏକ ଇଚ୍ଛା ମଧ୍ୟ ସେଥିରେ ରହିଥିବା ଉଚିତ ।

ଶ୍ରୀଅରବିନ୍ଦ ଯାହାସବୁ ଲେଖିଛନ୍ତି ତାକୁ ପଢ଼ିବା ଅପେକ୍ଷାକୃତ ଅଧିକ କଷ୍ଟ, କାରଣ ସେଗୁଡ଼ିକ ଏକ ଅତି ଉଚ୍ଚ ବୌଦ୍ଧିକ ସ୍ତରର ଅଭିବ୍ୟକ୍ତିକୁ ଗ୍ରହଣ କରିଥାଏ ଏବଂ ତାହାର ଭାଷା ମଧ୍ୟ ଅନେକ ଅଧିକ ପରିମାଣରେ ସାହିତ୍ୟିକ ଓ ଦାର୍ଶନିକ ଧରଣର ବି ହୋଇଥାଏ । ସେଗୁଡ଼ିକୁ ଯଥାର୍ଥ ଭାବରେ ବୁଝିପାରିବା ଲାଗି ମସ୍ତିଷ୍କ ପାଇଁ ଏକ ପ୍ରସ୍ତୁତିର ପ୍ରୟୋଜନ ରହିଥାଏ ଏବଂ ସେହି ପ୍ରସ୍ତୁତି ଲାଗି ସାଧାରଣତଃ ସମୟ ଲାଗେ । ଅବଶ୍ୟ କୌଣସି ପାଠକ ଭିତରେ ଏକ ଅନ୍ତର୍ଗତ ସଂବୋଧିଗତ ବିଶେଷ ସାମର୍ଥ୍ୟ ରହିଥିଲେ ତାହା ନିଶ୍ଚୟ ସ୍ୱତନ୍ତ୍ର କଥା ହେବ ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ,ଥରକେ ସେଥିରୁ କେବଳ ଅଳ୍ପକିଛି ପଢ଼ିବାକୁହିଁ ମୁଁ ପରାମର୍ଶ ଦେବି । ସେତେବେଳେ ତୁମର ମନ ଯଥାଶକ୍ତି ଅଧିକ ନିଶ୍ଚଳ ହୋଇ ରହିଥିବ, ତୁମେ ବୁଝିବା ଲାଗି ଜାଣିଶୁଣି କୌଣସି ଚେଷ୍ଟା କରୁ ନ ଥିବ; ମାତ୍ର ତୁମର ମୁଣ୍ଡଟାକୁ ଯଥାସମ୍ଭବ ଅଧିକ ପରିମାଣରେ ନୀରବ କରି ରଖିଥିବ ଏବଂ ତୁମର ପଠିତ ଅଂଶଗୁଡ଼ିକରେ ଯେଉଁ ଶକ୍ତି ନିହିତ ହୋଇ ରହିଛି, ତାହାକୁ ତୁମ ଭିତରେ ଅନେକ ଗଭୀର ଯାଏ ପ୍ରବେଶ କରିବା ଲାଗି ବାଟ ଛାଡ଼ି ଦେଉଥିବ । ସେହି ଶାନ୍ତ ଓ ନୀରବ ଅବସ୍ଥାରେ ତୁମେ ଏହି ଯେଉଁ ଶକ୍ତିଟିକୁ ଲାଭ କରିବ, ତାହାହିଁ ତୁମ ଭିତରେ ଆଲୋକର ଯାବତୀୟ କାର୍ଯ୍ୟଟିକୁ ସଂଘଟିତ କରାଇବ ଏବଂ ପ୍ରୟୋଜନ ହେଲେ ତୁମ ମସ୍ତିଷ୍କ ଭିତରେ ବୁଝିବା ସକାଶେ ଆବଶ୍ୟକ ହେଉଥିବା କୋଷଗୁଡ଼ିକୁ ତିଆରି କରିନେବ । ତା'ପରେ, ଯେତେବେଳେ ତୁମେ ପୁଣି କେତେ ମାସ ପରେ ତାହାକୁ ଆଉ ଥରେ ପଢ଼ିବ ସେତେବେଳେ ତୁମେ ନିଶ୍ଚୟ ଜାଣିବାକୁ ପାଇବ ଯେ ସେହି ଗ୍ରନ୍ଥରେ ବ୍ୟକ୍ତ କରାଯାଇଥିବା ବିଷୟଗୁଡ଼ିକ ଏଥର ଅନେକ ଅଧିକ ପରିମାଣରେ ସ୍ପଷ୍ଟ ଓ ବୋଧଗମ୍ୟ ହୋଇଗଲାଣି, ଏପରିକି ବେଳେ ବେଳେ ଅତ୍ୟନ୍ତ ନିକଟ ଏବଂ ପରିଚିତ ପରି ମନେ ହେଉଛି ।

ଅଧିକ ଭଲ କଥା ହେବ ଯଦି ତୁମେ ସେଗୁଡ଼ିକୁ ପ୍ରତ୍ୟହ ଅଳ୍ପ ଅଳ୍ପ କରି ନିୟମିତ ଭାବରେ ପଢ଼ିବ । ଯଦି ସମ୍ଭବ ହେବ, ତେବେ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ପଢ଼ିବ । ଏହାଦ୍ୱାରା ତୁମ ମସ୍ତିଷ୍କର ଗ୍ରହଣ ସାମର୍ଥ୍ୟ ସହଜ ହୋଇଯିବ ।

*ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ରଚନାବଳୀ ପାଠ କରିବା ଲାଗି ପ୍ରକୃତ ପ୍ରଣାଳୀଟି କ'ଣ ?*

**ଶ୍ରୀମା** : ପ୍ରକୃତ ପ୍ରଣାଳୀଟି ହେଉଛି ତୁମେ ପ୍ରତ୍ୟେକ ଥର ଅଳ୍ପ ଅଳ୍ପ କରି ପଢ଼ିବ, ଅଭିନିବେଶ ସହ ପଢ଼ିବ, ମନକୁ ଯଥାସମ୍ଭବ ଅଧିକ ନିରବ କରି ରଖିଥିବ ଏବଂ ଚେଷ୍ଟା କରି ବୁଝିବା ଲାଗି ମୋଟେ କୌଣସି ସକ୍ରିୟତା ଦେଖାଇବ ନାହିଁ । ମାତ୍ର, ସେହିପରି ନିରବ ଭାବରେ ଊର୍ଦ୍ଧ୍ୱାୟିତ ହୋଇ ରହିଥିବ ଏବଂ ଆଲୋକ ସକାଶେ ଅଭୀପ୍ସା କରୁଥିବ । ତେବେ ଅର୍ଥବୋଧ ମଧ୍ୟ ଅଳ୍ପ ଅଳ୍ପ କରି ଆସିଯିବ ।

ଏବଂ ପରେ ବର୍ଷେ ବା ଦୁଇ ବର୍ଷ ଭିତରେ ତୁମେ ପୁଣି ଯେତେବେଳେ ସେହି ବିଷୟଟି ପାଠ କରିବ ସେତେବେଳେ ତୁମେ ନିଶ୍ଚୟ ଜାଣିବାକୁ ପାଇବ ଯେ ତାହା ସହିତ ତୁମର ପ୍ରଥମ ସମ୍ପର୍କଟି ପ୍ରକୃତରେ ଭାରି ଅସ୍ପଷ୍ଟ ଏବଂ ଅସମ୍ପୂର୍ଣ୍ଣ ହୋଇ ରହିଥିଲା । ତୁମେ ଏହି କଥାଟିକୁ ମଧ୍ୟ ଜାଣି ପାରିବ ଯେ ଯଥାର୍ଥବୋଧ ପ୍ରକୃତରେ ପରେ ଆସେ, ସେହି ବିଷୟକୁ ଜୀବନକ୍ଷେତ୍ରରେ ପ୍ରୟୋଗ କରିସାରିବା ପରେ ଯାଇ ଆସେ । ❑

ସିନ୍ଧୁରୁ ବିନ୍ଦୁଏ :

# ସ୍ମିତହାସ୍ୟ

## ସନ୍ତୋଷ ରଥ

ନୁହେଁ ସ୍ମିତହାସ୍ୟ ଥଟ୍ଟା ପରିହାସ
ଉପହାସ ମିଶା ଗଞ୍ଜଣା
ଅଟ୍ଟହାସ୍ୟ ସ୍ୱାଦ ରିକ୍ତ ପରମାଦ
ଚକ୍ରବୃଦ୍ଧି ସୁଧ ଖଜଣା ।୧।

କପଟୀର ହସ ସତରଞ୍ଜି ଫାଶ
ସକାଳକୁ ଗ୍ରାସେ ଅକାଳ
ଫଳ ମହାକାଳ ଆରକ୍ତ କରାଳ
ମଧୁମଖା ତିକ୍ତ ରସାଳ ।୨।

ଖୋଲା ହସ କୂଳ ମେଳଣ ପ୍ରବାଳ
ଭଙ୍ଗା ନ ପାରଇ ଆଡ଼େଇ
ଉଆଁସୀ ଅନ୍ଧାର ଭାଗ୍ୟଲେଖା ଗାର
ନିମିଷକେ ଯାଏ ଉଭାଇ ।୩।

ଲାଗେ ଫିକା ଫିକା ମୟୂର ଚନ୍ଦ୍ରିକା
ଊଣା ଥିଲେ ହସ ଫରୁଆ
ଆଶା ଇନ୍ଦ୍ରପୁର ଦରିଦ୍ର କୁଟୀର
ପିତାମ୍ବରୀ ଲାଜେ ଗେରୁଆ ।୪।

ତପତ ଅଙ୍ଗାର ଯଦି ହୁଏ ଭାର
ତୁଟି ଯାଏ ସବୁ ସାହାରା
ହସ ପଞ୍ଚାମୃତ ସଞ୍ଜୀବନୀ ମନ୍ତ୍ର
କଅଁଳି ଉଠଇ ଟାଙ୍ଗରା ।୫।

ଢେଉ ଟଳମଳ ଫୁଟା କଳେବର
ସାତ ସିଆଁ ଭାଲ ଅଝାଲ
ହସର ଆହୁଲା ବାହିନିଏ ଭେଳା
କୂଳ ଛୁଏଁ ଶେଷ ପାହୁଲ ।୬।

ଉଛୁଳେ ଯମୁନା ଗୋପୀ ଆନମନା
ଶୁଣି ଦେଲେ ମଧୁ ମୂର୍ଚ୍ଛନା
ଗୋଲାପି ଅଧର ହାସ୍ୟ ବଂଶୀ ସ୍ୱର
କୁଞ୍ଜ ଶିରି କଞ୍ଜ ନୟନା ।୭।

ସେ ହସ ଆଧାର ଭୟ କରେ ଦୂର
ଫିଟି ଯାଏ ହୃଦ ଗୁମୁଟ
ମେଣ୍ଟି ଯାଏ ଆଣ୍ଟ ଷଡ଼୍‌ରିପୁ ଘଟ
ନିଜେହିଁ ନିଜର ସମ୍ରାଟ ।୮। ❑

Learn to smile always and in all circumstances; to smile at your sorrows as well as your joys, your sufferings as well as your hopes, for in a smile there is a sovereign power of self-mastery.

(CWM, Vol. 14, p. 177) – The Mother

ସର୍ବଦା ଓ ସକଳ ପରିସ୍ଥିତିରେ ତୁମେ ହସିବାକୁ ଶିଖ; ସୁଖ ପରି ଦୁଃଖରେ ମଧ୍ୟ ହସିବାକୁ ଶିଖ, ଯନ୍ତ୍ରଣା ଓ ଆଶା ସବୁରି ମଧ୍ୟରେ ହସିବାକୁ ଶିଖ, କାରଣ ଏହି ହସିବା ଭିତରେହିଁ ନିଜ ଉପରେ ପ୍ରଭୁତ୍ୱ ହାସଲ କରିବାର ସର୍ବୋଚ୍ଚ ଶକ୍ତିଟି ନିହିତ ହୋଇ ରହିଥାଏ ।

— ଶ୍ରୀମା

# ସଂକ୍ଷେପରେ ରାମାୟଣ ଚରିତ

## ରାମକୃଷ୍ଣ ଦାସ

ରାମାୟଣ ବେଦ-ଉପନିଷଦ୍‌ର ସରଳ ବ୍ୟାଖ୍ୟା ବୋଲି କୁହାଯାଇଛି : ‘‘ବେଦ ରାମାୟଣ ଚୈବ ପୁରାଣେ ଭାରତ ସ୍ଥଥା ।’’ ବୈଦିକ ଯୁଗରେ ବେଦ କେବଳ ଅଳ୍ପ କେତେକ ଋଷିମୁନିଙ୍କ ମଧ୍ୟରେ ସୀମାବଦ୍ଧ ଥିଲା । ତାହା ସେ କାଳର ବ୍ୟକ୍ତିଙ୍କ ପକ୍ଷେ ବୋଧଗମ୍ୟ ନ ହେବାରୁ ଋଷିମାନେ ଉପନିଷଦ୍ ରଚନା କଲେ । କାଳକ୍ରମେ ତାକୁ ବି ଅଧିକ ବ୍ୟକ୍ତି ବୁଝି ପାରିଲେ ନାହିଁ । ବେଦ, ଉପନିଷଦ୍ ମନ୍ତ୍ରର ଅର୍ଥ ଅତ୍ୟନ୍ତ ଗୂଢ଼ । ମନୁଷ୍ୟ ଅଧ୍ୟାତ୍ମ ସାଧନା ଦ୍ୱାରା ଉଚ୍ଚତର ଚେତନାରେ ପ୍ରବେଶ ନ କଲେ ତାହାର ଅର୍ଥ ହୃଦୟଙ୍ଗମ କରିବା ସହଜ ନୁହେଁ । ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷେ ଅଧ୍ୟାତ୍ମ ସାଧନା ସମ୍ଭବ ନୁହେଁ, ଅତଏବ ବେଦୋପନିଷଦ୍ କେବଳ କେତେକ ଉଚ୍ଚ କୋଟିର ଅଧ୍ୟାତ୍ମ ସାଧକ ଛଡ଼ା ସାଧାରଣ ବ୍ୟକ୍ତିଙ୍କ ପାଇଁ ଅଗମ୍ୟ ରହିଲା । କେହି କେହି ବିଦ୍ୱାନ୍ ବ୍ୟକ୍ତି ବେଦ, ଉପନିଷଦ୍ ବୁଝିବାକୁ ଯାଇ ଅର୍ଥକୁ ଅନର୍ଥ ମଧ୍ୟ କଲେ ।

ମନୁଷ୍ୟର ପଥପ୍ରଦର୍ଶକ ସତ୍ୟ ଓ ଯଥାର୍ଥ ବିବେକପୂର୍ଣ୍ଣ ଉପଦେଶ, ସତ୍ୟ ନିର୍ଦ୍ଦେଶ ବିନା ବ୍ୟକ୍ତି ଅନ୍ଧ ସଦୃଶ ପ୍ରାଣ, ମନ ଦ୍ୱାରା ପଶୁବତ୍ ପରିଚାଳିତ ହେଲେ ନିଜେ ଏବଂ ସଂସାର ଧ୍ୱଂସ ହେବା ସୁନିଶ୍ଚିତ । ସୁତରାଂ ବ୍ୟକ୍ତି ନିଜ ଚେତନାରେ ବୁଝିପାରିବା ଭଳି ଧର୍ମ-ନିର୍ଦ୍ଦେଶ ଆବଶ୍ୟକ ।

କାଳକ୍ରମେ ଉପନିଷଦ୍-ସତ୍ୟ ଜନସାଧାରଣଙ୍କ ସକାଶେ ଅଗମ୍ୟ ହେବାରୁ ସେହି ସତ୍ୟକୁ ମହାନ୍ ତଥା ଶ୍ରେଷ୍ଠ, ଦିବ୍ୟଗୁଣଯୁକ୍ତ ବ୍ୟକ୍ତିଙ୍କ ଜୀବନ-ଚରିତ୍ର ଦ୍ୱାରା ବ୍ୟାଖ୍ୟା କରିବାର ଆବଶ୍ୟକ ହେଲା । ଭଗବାନଙ୍କର ଏହି ଦିବ୍ୟ-ସଂକଳ୍ପ ପ୍ରତିଫଳିତ ହେଲା ମହର୍ଷି ବାଲ୍ମୀକିଙ୍କ ହୃଦୟରେ । ସେ ବେଦୋପନିଷଦ୍‌ର ମହାନ୍ ସତ୍ୟକୁ ଦଶରଥାତ୍ମଜ ଭଗବାନ୍ ଶ୍ରୀରାମଙ୍କ ଚରିତ ଅବଲମ୍ବନରେ ସୁଲଳିତ ଛନ୍ଦୋବଦ୍ଧ କରି ସଂସ୍କୃତ ଶ୍ଳୋକ ରଚନା କଲେ । ଉପନିଷଦ୍ ପରେ ପ୍ରଥମ କରି ମହାମୁନି ବାଲ୍ମୀକି କାବ୍ୟ ରୂପେ ରାମାୟଣ ରଚନା କରିଥିବାରୁ ରାମାୟଣ ହେଲା ମହାନ୍ ଆଦିକାବ୍ୟ । ତାହା ପୂର୍ବରୁ ଛନ୍ଦୋବଦ୍ଧ ଶ୍ଳୋକ ନ ଥିବାରୁ ବାଲ୍ମୀକି ରାମାୟଣ ମହାକାବ୍ୟ ହେଲା କେବଳ ମହର୍ଷିଙ୍କ ହୃଦୟର ସତ୍ୟ-ପ୍ରେରଣା । ଶ୍ଳୋକଗୁଡ଼ିକ ଲଳିତ, ମଧୁର, ଶ୍ରୁତିପ୍ରିୟ ଗୂଢ଼ ଅର୍ଥରେ ବିଭୂଷିତ । କିନ୍ତୁ ଏହି କାବ୍ୟ ରଚନା ହୋଇଥିବା ସମୟରେ ସଂସ୍କୃତ ବିଦ୍ୟା ବିଶେଷ ପ୍ରଚଳିତ ଥିଲା । ଲୋକେ ସେହି ଭାଷାରେ କଥାବାର୍ତ୍ତା ମଧ୍ୟ କରୁଥିଲେ ।

କାଳକ୍ରମେ ସଂସ୍କୃତ ବିଦ୍ୟା ହ୍ରାସ ପାଇବାରୁ ସଂସ୍କୃତରେ ରଚିତ ବାଲ୍ମୀକି ରାମାୟଣରୁ ସର୍ବସାଧାରଣ ଶିକ୍ଷା ଗ୍ରହଣ କରି ପାରିଲେ ନାହିଁ । ଶ୍ରୀଶିବ ଏବଂ ପାର୍ବତୀ ରାମାୟଣ ରଚନା କରିବା ସକାଶେ ଗୋସ୍ୱାମୀ ତୁଳସୀ ଦାସଙ୍କୁ ଆଦେଶ ଦେଲେ । କିନ୍ତୁ ସେ ରଚନା କଲେ ସଂସ୍କୃତରେ । ପ୍ରତିଦିନ ସେ ଯାହା ରଚନା କରନ୍ତି ରାତ୍ରିରେ ତାହା ଚୋରି ହୋଇଯାଏ । ସେ ବିଶେଷ ଚିନ୍ତିତ ହେବାରୁ ଶଙ୍କର ଓ ପାର୍ବତୀ ତାଙ୍କୁ ସ୍ୱପ୍ନ ତଥା ପ୍ରତ୍ୟକ୍ଷରେ କହିଲେ, ‘‘ହିନ୍ଦୀରେ ରଚନା କଲେ ସର୍ବସାଧାରଣଙ୍କର କଲ୍ୟାଣ ହେବ ।’’ ସେହିଦିନଠାରୁ ସେ ହିନ୍ଦୀରେ ରଚନା ଆରମ୍ଭ କଲେ । ସେହି ‘‘ରାମଚରିତ-ମାନସ’’ ହିନ୍ଦୀରେ ରଚିତ ହେବା ସତ୍ତ୍ୱେ ଆଦୃତ ହେଲା ସମଗ୍ର ଭାରତବର୍ଷ ତଥା ବିଦେଶରେ । ତଥାପି ଓଡ଼ିଶାବାସୀଙ୍କ ସକାଶେ ହିନ୍ଦୀ ରାମାୟଣ ବୋଧଗମ୍ୟ ହେଲା ନାହିଁ । ଭଗବାନଙ୍କ ବିଧାନରେ ପରମସନ୍ଥ ଶ୍ରୀ ବଳରାମ ଦାସ ଓଡ଼ିଆ ଭାଷାରେ ରାମାୟଣ ରଚନା କଲେ ।

ନଦୀସ୍ରୋତ ସଦୃଶ ସମୟ ଅହରହ ପ୍ରବାହିତ ହେଉଛି । ଏହି ପ୍ରବାହରେ ପ୍ରବାହିତ ହେଉଛି ମନୁଷ୍ୟର ସ୍ୱଭାବ । ମନୁଷ୍ୟ ବିକାଶ-ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ପୂର୍ବପ୍ରଚଳିତ ସମାଜ, ଶାସନ, ବିଧି-ବିଧାନ, ନିୟମ-ବ୍ୟବସ୍ଥା, ଚାଲିଚଳନ, ସ୍ୱଭାବକୁ ଛାଡ଼ି ଚାଲି ଆସିବା ସଙ୍ଗେ ସଙ୍ଗେ ସେଥିରେ ନିହିତ ଥିବା ସତ୍ୟକୁ ମଧ୍ୟ ଛାଡ଼ି ଆଗକୁ ବଢ଼ୁଛି । ଏହି କାରଣରୁ ସତ୍ୟପଥ ପ୍ରଦର୍ଶକ ଆମ୍ଭମାନଙ୍କ ପୂର୍ବ ଋଷିମୁନିଙ୍କ ରଚିତ ପୁରାଣ-ଶାସ୍ତ୍ର ପ୍ରତି ଆମ୍ଭମାନଙ୍କର ଶ୍ରଦ୍ଧା ବିଶ୍ୱାସ ରହୁ ନାହିଁ । ଏହି କାରଣରୁ ଜୀବନର ବିକାଶ-ମାର୍ଗରେ ଉପଦେଶନୀୟ ପୁରାଣ-ଚରିତ୍ରକୁ ଆଧୁନିକ ବ୍ୟକ୍ତିଙ୍କ ବୁଦ୍ଧି ଗ୍ରହଣ କରିବା ପ୍ରଣାଳୀରେ ଆଲୋଚନା କରିବା ଆବଶ୍ୟକ ହେଉଛି । ସୁତରାଂ ଶ୍ରୀମା’ଙ୍କ କୃପା ଆଶ୍ରୟରେ ଶିକ୍ଷଣୀୟ ରାମାୟଣ ଚରିତ୍ରକୁ

ଉପସ୍ଥିତ ସମୟୋପଯୋଗୀ ପ୍ରଣାଳୀରେ ଆଲୋଚନା କରିବା ପୂର୍ବରୁ ପ୍ରଥମେ ସଂକ୍ଷେପରେ କେବଳ ରାମାୟଣ ଚରିତ ଆଲୋଚନା କରିବା ।

## ମହର୍ଷି ବାଲ୍ମୀକିଙ୍କୁ ନାରଦଙ୍କର ସଂକ୍ଷିପ୍ତ ରାମାୟଣ କଥନ

ମହାମୁନି ନାରଦଙ୍କୁ ଅସୁର, ରାକ୍ଷସ, ଦେବତା ତଥା ସମସ୍ତ ପ୍ରାଣୀ ସମ୍ମାନ କରନ୍ତି । ଦିନେ ସେ ଆକସ୍ମିକଭାବେ ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ଉପନୀତ ହେଲେ । ନାରଦଙ୍କ ଦର୍ଶନରେ ବାଲ୍ମୀକି ବିଶେଷ ଆନନ୍ଦିତ ହୋଇ ଆଦର-ସତ୍କାର ସହ ବିଧିବତ୍ ପୂଜା କଲେ । ସନ୍ଥ, ମହାତ୍ମା, ଋଷିମୁନିଙ୍କ ଦର୍ଶନରେ ଭକ୍ତମାନଙ୍କ ହୃଦୟ ଆନନ୍ଦରେ ପରିପୂର୍ଣ୍ଣ ହୋଇଯାଏ । କାରଣ ସେମାନଙ୍କର ସତ୍ତା ଭଗବାନଙ୍କ ସଙ୍ଗେ ସମ୍ବନ୍ଧିତ ହୋଇଥାଏ । ସେମାନଙ୍କ ଦର୍ଶନରେ ଭଗବାନଙ୍କ ଦର୍ଶନ ସଦୃଶ ଦିବ୍ୟ ଆନନ୍ଦ ପ୍ରାପ୍ତ ହୁଏ ଏବଂ ସ୍ୱତଃସ୍ଫୂର୍ତ୍ତଭାବେ ଭଗବାନଙ୍କ ଗୁଣ-ଚରିତର ଚର୍ଚ୍ଚା ହୁଏ । ଶ୍ରୀନାରଦଜି ଆସନରେ ବସିବା ପରେ ତାଙ୍କୁ ବାଲ୍ମୀକି ପଚାରିଲେ –

''କୋ ନ୍ୱସ୍ମିନ୍‌ସାଂପ୍ରତଂ ଲୋକେ ଗୁଣବାନ୍ କଶ୍ଚ ବୀର୍ଯ୍ୟବାନ୍ ।
ଧର୍ମଜ୍ଞଶ୍ଚ କୃତଜ୍ଞଶ୍ଚ ସତ୍ୟବାକ୍ୟୋ ଦୃଢ଼ବ୍ରତଃ
ଚାରିତ୍ରେଣ ଚ କୋ ଯୁକ୍ତଃ ସର୍ବଭୂତେଷୁ କୋ ହିତଃ ।
ବିଦ୍ୱାନ୍ କଃ କଃ ସମର୍ଥଶ୍ଚ କଶ୍ଚୈକ ପ୍ରିୟଦର୍ଶନ ॥
ଆତ୍ମବାନ୍ କୋ ଜିତକ୍ରୋଧୋ ଦ୍ୟୁତିମାନ୍‌କୋଽସୂୟକଃ
କସ୍ୟ ବିଭ୍ୟତି ଦେବାଶ୍ଚ ଦାତରୋଷସ୍ୟ ସଂଯୁଗେ ॥''

''ବର୍ତ୍ତମାନ ସମୟରେ ଗୁଣବାନ୍, ବୀର୍ଯ୍ୟବାନ୍, ଧର୍ମଜ୍ଞ, କୃତଜ୍ଞ, ସତ୍ୟବାଦୀ, ଦୃଢ଼ବ୍ରତ, ବହୁବିଧ ଉତ୍ତମ କର୍ମ କରିଥିବା ପ୍ରାଣୀମାନଙ୍କର ହିତଚିନ୍ତକ, ବିଦ୍ୱାନ୍, ସମର୍ଥ, ଦର୍ଶନ କରିବାର ଯୋଗ୍ୟ, ଧୈର୍ଯ୍ୟବାନ୍, କ୍ରୋଧଜିତ୍, ତେଜସ୍ୱୀ, ଈର୍ଷାଶୂନ୍ୟ ତଥା ଯୁଦ୍ଧରେ ରାଗାନ୍ୱିତ ହେଲେ ଦେବତାମାନେ ମଧ୍ୟ ଯାହାକୁ ଭୟ କରନ୍ତି, ଏପରି ମହାନ୍ ବ୍ୟକ୍ତି କିଏ ?''

ମହର୍ଷିଙ୍କ ଉତ୍ତରରେ ଶ୍ରୀ ନାରଦ ମହାମୁନି କହିଲେ, ଏପରି ଦିବ୍ୟଗୁଣସମ୍ପନ୍ନ ବ୍ୟକ୍ତି ରାଜା ଇକ୍ଷ୍ୱାକୁଙ୍କ ବଂଶରେ ଉତ୍ପନ୍ନ ରାଜା ଦଶରଥଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀରାମ । ସେ ମନକୁ ଆୟତ୍ତ କରିଛନ୍ତି, ବଳବାନ୍, ଅତି ତେଜସ୍ୱୀ, ତାଙ୍କୁ ଦେଖିବା ମାତ୍ରେ ପରମାନନ୍ଦ ପ୍ରାପ୍ତ ହୁଏ; ସେ ସର୍ବଜ୍ଞ, ମର୍ଯ୍ୟାଦାବାନ୍, ନୀତିନିୟମ ପାଳନ କରନ୍ତି, ମଧୁରଭାଷୀ, ଦିବ୍ୟଗୁଣଯୁକ୍ତ ଶ୍ରୀମାନ୍, ଶତ୍ରୁ ନାଶକ, ସର୍ବାଙ୍ଗ ସୁନ୍ଦର ତଥା ବଳବାନ୍, ମହାଧନୁର୍ଦ୍ଧର ଏବଂ ମହାପରାକ୍ରମୀ । ସେ ଶରଣାଗତବତ୍ସଳ, ଧର୍ମର ମର୍ମ ଜାଣନ୍ତି, ପ୍ରତିଜ୍ଞାରେ ଦୃଢ଼, ମନୁଷ୍ୟର ହିତକାରୀ, ଆଶ୍ରିତର ରକ୍ଷକ, କୀର୍ତ୍ତିଯୁକ୍ତ । ଏପରି ମହାନ୍ ହେବା ସତ୍ତ୍ୱେ ଭକ୍ତର ଅଧୀନ; ବ୍ରହ୍ମାଙ୍କ ସଦୃଶ ପ୍ରଜା-ପାଳନ କରନ୍ତି, ବିଦ୍ରୋହୀ, ଆତତାୟୀ ଓ ଧର୍ମଦ୍ରୋହୀକୁ ବିନାଶ କରନ୍ତି; ସେ ଧର୍ମ-ପ୍ରବର୍ତ୍ତକ, ଧାର୍ମିକ, ଜ୍ଞାନୀମାନଙ୍କ ପୀଡ଼ା ଦୂର କରନ୍ତି; ସେ ବେଦର ତତ୍ତ୍ୱ ଉତ୍ତମ ରୂପେ ଜାଣନ୍ତି, ସେ ଧନୁର୍ବିଦ୍ୟାପ୍ରବୀଣ । ସେ ମହାନ୍ ପ୍ରତିଭାଶାଳୀ, ପ୍ରାଣୀ ମାତ୍ରର ପ୍ରିୟ, ପରମ ସାଧୁ, ଖୁବ୍ ଗମ୍ଭୀର, ସର୍ବକର୍ମକୁଶଳ, ସମସ୍ତ ଗୁଣଯୁକ୍ତ, ଗମ୍ଭୀରତାରେ ସମୁଦ୍ର ସମାନ, ଧୈର୍ଯ୍ୟରେ ହିମାଳୟ ସମାନ, ପରାକ୍ରମରେ ବିଷ୍ଣୁଙ୍କ ସମାନ, ଚନ୍ଦ୍ରମାଙ୍କ ସଦୃଶ ଆନନ୍ଦଦାୟକ, କ୍ରୋଧରେ କାଳାଗ୍ନି ସଦୃଶ, କ୍ଷମାରେ ପୃଥିବୀ ସଦୃଶ, ସତ୍ୟବାଦୀ ରୂପରେ ଦ୍ୱିତୀୟ ଧର୍ମ । ଏହିପରି ଦିବ୍ୟଗୁଣଯୁକ୍ତ ହେଉଛନ୍ତି ଶ୍ରୀରାମଚନ୍ଦ୍ର ।

ମହର୍ଷି ବାଲ୍ମୀକି ମହାମୁନି ନାରଦଙ୍କଠାରୁ ଶ୍ରୀରାମଚନ୍ଦ୍ରଙ୍କର ଅଲୌକିକ ଦିବ୍ୟଗୁଣ ଶୁଣି ତାଙ୍କ ଜନ୍ମ ତଥା କର୍ମ ସମ୍ବନ୍ଧେ ଜାଣିବାକୁ ଅତ୍ୟନ୍ତ କୌତୂହଳୀ ହେଲେ । ମହର୍ଷିଙ୍କ ଉତ୍କଣ୍ଠା ଦେଖି ନାରଦଜି ଶ୍ରୀରାମଚରିତ ସଂକ୍ଷେପରେ କହିବାକୁ ଆରମ୍ଭ କଲେ । ଶ୍ରୋତାର ଆଗ୍ରହ ବକ୍ତାର ଉତ୍ସାହ ବୃଦ୍ଧି କରେ ।

ନାରଦଜି କହିଲେ –

ମହାରାଜା ଇକ୍ଷ୍ୱାକୁବଂଶରେ ମହାପରାକ୍ରମୀ, ତେଜସ୍ୱୀ ରାଜା ହେଲେ ଦଶରଥ । ତାଙ୍କର କୌଶଲ୍ୟା, କୈକେୟୀ ଓ ସୁମିତ୍ରା ନାମରେ ତିନି ରାଣୀ ଥିଲେ କିନ୍ତୁ ରାଜାଙ୍କର ବାର୍ଦ୍ଧକ୍ୟ ଅବସ୍ଥା ପ୍ରାପ୍ତ ହେବା ସତ୍ତ୍ୱେ ପୁତ୍ର ନ ଥିବାରୁ ତାଙ୍କୁ ବଡ଼ ଚିନ୍ତା ହେଲା । ସେ ନିଜ ମାନସିକ ଚିନ୍ତାକୁ ଗୁରୁ ବଶିଷ୍ଠଙ୍କ ଚରଣରେ ନିବେଦନ କଲେ । ଗୁରୁଙ୍କ ଆଜ୍ଞାନୁସାରେ ପୁତ୍ର-କାମନାରେ ଋଷ୍ୟଶୃଙ୍ଗ ମୁନିଙ୍କ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞ କରାଇଲେ । ଯଜ୍ଞ ଚରୁଅନ୍ନ ରାଣୀମାନେ ଗ୍ରହଣ କରିବା ପରେ ପ୍ରଥମ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ଜାତ ହେଲେ ପରାତ୍ପର ପୁରୁଷୋତ୍ତମ ଶ୍ରୀରାମ, କୈକେୟୀଙ୍କ ଗର୍ଭରୁ ଭରତ ଓ ସୁମିତ୍ରାଙ୍କ ଗର୍ଭରୁ ଜାତ ହେଲେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ।

ବୃଦ୍ଧାବସ୍ଥାରେ ଚାରୋଟି ଅତ୍ୟନ୍ତ ସୁନ୍ଦର ପୁତ୍ର ପ୍ରାପ୍ତ ହୋଇ ରାଜାରାଣୀ ତଥା ଦାସଦାସୀଙ୍କର ଆନନ୍ଦର ସୀମା

ରହିଲା ନାହିଁ । ଅଯୋଧ୍ୟାରେ ମହାସମାରୋହରେ ଉତ୍ସବ ହେଲା । ମହାରାଜା ଗ୍ରହୀତାଙ୍କ ଇଚ୍ଛା ଅନୁସାରେ ଦାନ-ଖଇରାତ କଲେ । ଅଯୋଧ୍ୟାରେ ଗରିବ କେହି ରହିଲେ ନାହିଁ । ଚାରିଭାଇ ବଡ଼ ହେବା ସଙ୍ଗେ ସଙ୍ଗେ ଶିକ୍ଷା କଲେ ଧନୁର୍ବିଦ୍ୟା । ତୁଳସୀ ଦୁଇପତ୍ରରୁ ବାସେ । ସେମାନେ ବାଲ୍ୟାବସ୍ଥାରେହିଁ ବିଶେଷ ରୂପେ ଧନୁର୍ବିଦ୍ୟାରେ ପାରଙ୍ଗମ ହେଲେ ।

ଶ୍ରୀରାମଚନ୍ଦ୍ର ଚାରିଭାଇଙ୍କ ମଧ୍ୟରେ ଥିଲେ ସକଳ ଗୁଣରେ ଶ୍ରେଷ୍ଠ, ରାଜାଙ୍କର ପ୍ରାଣର ପ୍ରିୟ । ଦିନେ ରାଜମହଲରେ ଉପସ୍ଥିତ ହେଲେ ମହାନ୍ ତପସ୍ୱୀ ମୁନି ବିଶ୍ୱାମିତ୍ର । ତାଙ୍କ ଯଜ୍ଞରକ୍ଷା ନିମିତ୍ତ ଦୁଷ୍ଟ ରାକ୍ଷସ ସୁବାହୁ ତଥା ମାରିଚକୁ ବଧ କରିବା ସକାଶେ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ନେବାର ଇଚ୍ଛା ପ୍ରକାଶ କଲେ ମହାରାଜାଙ୍କ ପାଖରେ । ପ୍ରାଣରୁ ପ୍ରିୟ ବାଳକ ଶ୍ରୀରାମ ମାୟାବୀ ରାକ୍ଷସଙ୍କ ସହ ଯୁଦ୍ଧ କରିବା କଥା ଶୁଣି ମହାରାଜା ମୂର୍ଚ୍ଛିତ ହୋଇଗଲେ । କିନ୍ତୁ ଗୁରୁ ବଶିଷ୍ଠ ବୁଝାଇଦେବାରେ ଶ୍ରୀରାମ, ଲକ୍ଷ୍ମଣଙ୍କୁ ମୁନିଙ୍କ ସଙ୍ଗେ ବିଦାୟ ଦେଲେ । ଶ୍ରୀରାମ, ଲକ୍ଷ୍ମଣଙ୍କୁ ପାଇ ମହାମୁନି ବିଶ୍ୱାମିତ୍ରଙ୍କର ଆନନ୍ଦର ସୀମା ରହିଲା ନାହିଁ । ରାସ୍ତାରେ ଶ୍ରୀରାମ ତାଡ଼କା ରାକ୍ଷସୀକୁ ବଧ କରି ପହଞ୍ଚିଗଲେ ବକ୍ସରସ୍ଥ ବିଶ୍ୱାମିତ୍ରଙ୍କ ଆଶ୍ରମରେ । ଆଶ୍ରମର ଋଷିମାନେ ଶ୍ରୀରାମ, ଲକ୍ଷ୍ମଣଙ୍କୁ ଦେଖି ବହୁତ ଆନନ୍ଦିତ ହେଲେ ଏବଂ ଯଜ୍ଞ ଆରମ୍ଭ କଲେ ।

ଯଜ୍ଞ-ଧୂମ ଦେଖି ମାରିଚ, ସୁବାହୁ ବହୁତ କ୍ରୋଧାନ୍ୱିତ ହୋଇ ଯଜ୍ଞ ନଷ୍ଟ କରିବା ଉଦ୍ଦେଶ୍ୟରେ ସେନା ସହିତ ଯଜ୍ଞ ସ୍ଥାନରେ ପ୍ରବେଶ କରି ଯଜ୍ଞକୁଣ୍ଡକୁ ଘେରିଗଲେ । ଶ୍ରୀରାମ ପ୍ରଥମରେ ଗୋଟିଏ ଶରରେ ମାରିଚ ରାକ୍ଷସକୁ ଉଡ଼େଇ ନେଇ ସମୁଦ୍ରର ଅନ୍ୟ କୂଳରେ ପକାଇ ଦେଲେ । ଏତେ ଦୂରରେ ଯାଇ ପଡ଼ିବାରୁ ତା'ର ଆଣ୍ଠୁଗଣ୍ଠି ଭାଙ୍ଗିଗଲା । କିନ୍ତୁ ମୃତ୍ୟୁ ହେଲା ନାହିଁ । ସେତିକିରେ ତା'ର ଯୁଦ୍ଧର ଉତ୍ସାହ ସମାପ୍ତ ହୋଇଗଲା । ପରେ ଶ୍ରୀରାମ ସୁବାହୁକୁ ଗୋଟିଏ ବାଣରେ ଜଳାଇ ଦେଲେ । ଯେତେ ସେନା ଥିଲେ ସମସ୍ତଙ୍କୁ ଶରାଗ୍ନିରେ ସ୍ୱାହା କଲେ ଲକ୍ଷ୍ମଣ । ଋଷିମାନଙ୍କର ନିର୍ବିଘ୍ନରେ ହେଲା ଯଜ୍ଞ-ସମାପ୍ତି ।

ସେହି ସମୟରେ ଜନକପୁରରେ ମହାରାଜା ଜନକ କରାଉ ଥିଲେ ଧନୁ-ଯଜ୍ଞ । ତାଙ୍କର ଗୋଟିଏ ସର୍ବଦିବ୍ୟଗୁଣ ଯୁକ୍ତା, ତ୍ରୈଲୋକ୍ୟ-ସୁନ୍ଦରୀ କନ୍ୟା ଥିଲେ । ତାଙ୍କ ନାମ ଥିଲା ସୀତା । ସେ ଥିଲେ ଆଦ୍ୟା-ଆହ୍ଲାଦିନୀଶକ୍ତିଙ୍କ ଅବତାର । ରାଜା ଜନକଙ୍କୁ ଶଙ୍କର ଗୋଟିଏ ଧନୁ ଦେଇ କହିଥିଲେ, ''ଏହି ଧନୁକୁ ଯେ ଭାଙ୍ଗିବ, ତାକୁହିଁ ତୋ' କନ୍ୟାକୁ ପ୍ରଦାନ କରିବୁ ।'' କନ୍ୟାର ବିବାହ-ଉପଯୁକ୍ତ ସମୟ ଦେଖି ଜନକ ରାଜା ଧନୁସ୍ୟଜ୍ଞ ରଚନା କଲେ । ସେଥିରେ ନିମନ୍ତ୍ରଣ କଲେ ସମସ୍ତ ଦେଶର ରାଜାମାନଙ୍କୁ । ଏହି ଶୁଭକାର୍ଯ୍ୟ ଦେଖିବା ସକାଶେ ନିମନ୍ତ୍ରଣ କଲେ ମହାମୁନି ବିଶ୍ୱାମିତ୍ରଙ୍କୁ । ବିଶ୍ୱାମିତ୍ର ମୁନିମଣ୍ଡଳୀ ସହିତ ଶ୍ରୀରାମ, ଲକ୍ଷ୍ମଣଙ୍କୁ ସଙ୍ଗରେ ନେଇ ମିଥିଳା ଯାତ୍ରା କଲେ । ରାସ୍ତାରେ ଗୋଟିଏ ନାରୀରୂପ ଶିଳା ପଡ଼ିଥିଲା । ବିଶ୍ୱାମିତ୍ରଙ୍କ ଆଜ୍ଞାରେ ଶ୍ରୀରାମଙ୍କ ଚରଣ ସ୍ପର୍ଶରେ ସେହି ଶିଳା ନାରୀରୂପ ଧାରଣ କଲା ଏବଂ ସେହି ନାରୀ ଶ୍ରୀରାମଙ୍କୁ ସ୍ତୁତି କଲେ । ସେ ଥିଲେ ଋଷି ଗୌତମଙ୍କ ଧର୍ମପତ୍ନୀ ଅହଲ୍ୟା । ଗୌତମଙ୍କ ଶାପ ଯୋଗୁଁ ହୋଇଥିଲେ ପଥର ।

ଶ୍ରୀରାମ ଅହଲ୍ୟା-ଉଦ୍ଧାର କରି ଋଷିମଣ୍ଡଳୀ ସହିତ ପହଞ୍ଚିଲେ ଜନକପୁରରେ । ଋଷି ବିଶ୍ୱାମିତ୍ରଙ୍କ ସହିତ ସୁନ୍ଦର କିଶୋର ରାଜକୁମାର ଶ୍ରୀରାମଲକ୍ଷ୍ମଣଙ୍କୁ ଦେଖି ମିଥିଳାବାସୀ ନରନାରୀଙ୍କ ଆନନ୍ଦର ସୀମା ରହିଲା ନାହିଁ । ସବୁ ସ୍ଥାନରେ, ବିଶେଷତଃ ନାରୀମହଲରେ କେବଳ ଶ୍ରୀରାମଙ୍କର ରୂପଲାବଣ୍ୟର ଚର୍ଚ୍ଚା ହେବାକୁ ଲାଗିଲା । ସମସ୍ତଙ୍କର ଏକମାତ୍ର ଇଚ୍ଛା ଜାଗୁଥିଲା – ''ଶ୍ରୀରାମଙ୍କ ସହିତ ସୀତାଦେବୀଙ୍କର ବିବାହ ହେଲେ ଶ୍ରୀରାମ ଏଠାକୁ ବାରଂବାର ଆସନ୍ତେ, ଆମ୍ଭେମାନେ ତାଙ୍କ ଶ୍ରୀମୁଖ ଦର୍ଶନ କରିବାର ସୁଯୋଗ ପାଆନ୍ତୁ ।'' ବ୍ରହ୍ମଜ୍ଞାନୀ ମହାରାଜା ଜନକ ଶ୍ରୀରାମଙ୍କୁ ଦେଖି ତାଙ୍କ ସୌନ୍ଦର୍ଯ୍ୟରେ ପ୍ରଲୁବ୍ଧ ହୋଇ ତାଙ୍କୁ ଭଗବାନଙ୍କ ଅବତାର ବୋଲି ବୁଝିପାରିଲେ ।

ପରଦିନ ହେଲା ଧନୁଯଜ୍ଞ । ସମସ୍ତ ରାଜା, ବୀର, ଯୋଦ୍ଧା ଏକତ୍ର ହେଲେ ସେହି ସ୍ଥାନରେ । ଦର୍ଶକମାନଙ୍କ ସଂଖ୍ୟା ଅସୁମାରି । ସୀତାଙ୍କୁ ଦେଖି ଦୁଷ୍ଟ ରାଜାମାନେ ଧନୁ ଭାଙ୍ଗିବାକୁ ଉଦ୍‌ବିଗ୍ନ ହୋଇପଡ଼ିଲେ । ସେମାନେ ଭାବୁଥିଲେ – ''ପ୍ରଥମେ ଧନୁ ଭାଙ୍ଗିବାର ସୁଯୋଗ ଯାହାକୁ ମିଳିବ, ସେହିଁ ସୀତାଙ୍କୁ ଲାଭ କରିବ; ଆମ୍ଭଙ୍କୁ ନିରାଶ ହେବାକୁ ପଡ଼ିବ ।'' ସେଥିପାଇଁ ପ୍ରଥମରେ ଧନୁ ପାଖକୁ ଯିବା ସକାଶେ ସେମାନେ ବ୍ୟାକୁଳ ହେଉଥିଲେ । ମାତ୍ର ଭଗବାନଙ୍କର ବିଚିତ୍ର ଲୀଳାର ଗୂଢ଼ ରହସ୍ୟ ସେମାନଙ୍କୁ ଜଣା ନ ଥିଲା । ମହାବଳୀ ବାଣାସୁର, ଲଙ୍କେଶ୍ୱର ରାବଣ ଇତ୍ୟାଦି ମହାବୀରମାନେ ମଧ୍ୟ ଧନୁ ଭାଙ୍ଗିବାକୁ ଆସିଥିଲେ; କିନ୍ତୁ ସାହସ ନ ଥିବାରୁ ନିଜ ସମ୍ମାନ ରଖି ଫେରିଗଲେ । ସୀତାଦେବୀ ସଭାମଣ୍ଡପରେ ବିରାଜମାନ

କଲାପରେ ଧନୁଭଙ୍ଗ ଆରମ୍ଭ ହେଲା । ଅହଂକାରୀ ରାଜାମାନେ ବ୍ୟାକୁଳତା ସହ ଧଡ଼ପଡ଼ ହୋଇ ଧନୁପାଖକୁ ଗଲେ । ଧନୁ ଭାଙ୍ଗିବା ଦୂରେ ଥାଉ ଧନୁକୁ କେହି ହଲାଇ ପାରିଲେ ନାହିଁ । ଶେଷରେ ରାଜର୍ଷି ଜନକ ନିରାଶ ହୋଇ କହିଲେ, ''ମୁଁ ଜାଣିଲି ପୃଥିବୀ ବୀରଶୂନ୍ୟ ହୋଇ ଯାଇଛି, (ବୀରବିହୀନ ମହି ମୈଁ ଜାନା) । ଯଦି ପୂର୍ବରୁ ମୁଁ ଏହା ଜାଣିଥା'ନ୍ତି, ତେବେ ଏପରି ପ୍ରତିଜ୍ଞା କରି ଆଜି ଲୋକହସା ହୋଇ ନ ଥା'ନ୍ତି ।'' ସେହି ସଭାରେ ଶ୍ରୀରାମ, ଲକ୍ଷ୍ମଣ ଥିଲେ । ଜନକ ମହାରାଜାଙ୍କର ଏହି କଥାରେ ଲକ୍ଷ୍ମଣ ଖୁବ୍ ରାଗିଗଲେ ଏବଂ ଜନକ ପିତୃତୁଲ୍ୟ ହେବା ସତ୍ତ୍ୱେ ଶ୍ରୀରାମଙ୍କର ଉପସ୍ଥିତିରେ 'ବୀରବିହୀନ' କହିବା, ରାମଚନ୍ଦ୍ରଙ୍କ ପ୍ରତି ଏହି ଅପମାନସୂଚକ ଶବ୍ଦ ଲକ୍ଷ୍ମଣଙ୍କ ହୃଦୟରେ ଶର ସଦୃଶ ଲାଗିଥିଲା; ସେ ରାମଚନ୍ଦ୍ରଙ୍କୁ ପ୍ରଣାମ କରି କହିଲେ,

''ଜୌ ତୁମ୍ହାରି ଅନୁଶାସନ ପାବୌଂ ।
କନ୍ଦୁକ ଇବ ବ୍ରହ୍ମାଣ୍ଡ ଉଠାବୌଂ ॥
କାଁଚେ ଘଟ ଯିମି ଡାରୌ ଫୋରୀ ।
ସକୌଂ ମେରୁ ମୂଲକ ଜିମି ତୋରୀ ॥
ତବ ପ୍ରତାପମହିମା ଭଗବାନା ।
କା ବାପୁରୋ ପିନାକ ପୁରାନା ॥
ନାଥ ଜାନି ଅମ୍ ଆୟସୁ ହୋଉ ।
କୌତୁକୁ କରୌଂ ବିଲୋକିଅ ସୋଉ ॥
କମଲନାଲ ଜିମି ଚାପ ଚଢ଼ାବୌଂ ।
ଯୋଜନ ସତ ପ୍ରମାନ ଲୈ ଧାବୌଂ ॥
ତୋରୌଂ ଚକ୍ରକଦଣ୍ଡ ଜିମି, ତବ ପ୍ରତାପବଳ ନାଥ ।
ଜୌ ନ କରୌଂ ପ୍ରଭୁ-ପଦ-ଶପଥ,
କର ନ ଧରୌଂ ଧନୁ-ଭାଥ ॥''
(ତୁଳସୀ ରାମାୟଣ)

''ଆପଣଙ୍କ ଆଜ୍ଞା ପାଇଲେ ମୁଁ ବ୍ରହ୍ମାଣ୍ଡକୁ କନ୍ଦୁକ (ଖେଳିବା ପେଣ୍ଡୁ) ସଦୃଶ ଉଠେଇ ଶୁଖି ନ ଥିବା, ପୋଡ଼ା ହୋଇ ନ ଥିବା କଞ୍ଚା ମାଠିଆ ପରି ସହଜରେ ଭାଙ୍ଗି ପକାଇବି । ମେରୁକୁ ମୂଳା ପରି ଖଣ୍ଡ ଖଣ୍ଡ କରିପାରିବି । ତୁମ ପ୍ରତାପ-ମହିମା ଦ୍ୱାରା ମୁଁ ଏହା କରିପାରେ, ପୁଣି ଏହି ପୁରୁଣା ଧନୁକୁ କିଏ ପଚାରେ ? ପ୍ରଭୁ, ଧନୁ ଭାଙ୍ଗିବାକୁ ମୋତେ ଆଜ୍ଞା ଦିଅନ୍ତୁ, ମୋ କୌତୂହଳକୁ ଦେଖନ୍ତୁ । ପଦ୍ମନାଡ଼ ପରି ଚାପ ଚଢ଼ାଇ ଶହେ ଯୋଜନ ପର୍ଯ୍ୟନ୍ତ ନେଇ ଦୌଡ଼ିବି; ପରେ ହେ ନାଥ ! ତୁମରି ବଳପରାକ୍ରମରୁ ତାକୁ ଗୋବର ଛତୁ ପରି ଭାଙ୍ଗି ପକାଇବି । ମୁଁ ଆପଣଙ୍କ ଚରଣ ଛୁଇଁ ଶପଥ କରି କହୁଛି, ଏପରି ନ କଲେ ମୁଁ ହାତରେ ଧନୁ ଧାରଣ କରିବି ନାହିଁ ।''

ଲକ୍ଷ୍ମଣଙ୍କର ଏପରି ତେଜୋଦୀପ୍ତ ବାଣୀ ଶୁଣି ପୃଥିବୀ ପ୍ରକମ୍ପିତ ହେଲା । ଦର୍ଶନାର୍ଥୀ ତଥା ରାଜାମାନେ ଭୟଭୀତ ହୋଇପଡ଼ିଲେ । ସୀତାଦେବୀ ଲକ୍ଷ୍ମଣଙ୍କର ଏପରି ପ୍ରତିଜ୍ଞା ଶୁଣି ଆନନ୍ଦିତ ହେଲେ ଏବଂ ଭାବିଲେ, ''ଶ୍ରୀରାମ ଅବଶ୍ୟ ଧନୁ ଭାଙ୍ଗିବେ ।'' ଜନକ ନିଜ କହିବା ବାକ୍ୟ ଯୋଗୁଁ ସଙ୍କୋଚ ବୋଧକଲେ । ଏହାପରେ ଗୁରୁ ବିଶ୍ୱାମିତ୍ରଙ୍କ ଆଦେଶରେ ଶ୍ରୀରାମ ଧନୁ ଉଠାଇ ଗୁଣକୁ ଆକର୍ଷଣ କରିବା ମାତ୍ରେ ଧନୁ ଦୁଇଖଣ୍ଡ ହୋଇଗଲା । ଧନୁଭଗ୍ନ ଶବ୍ଦ ସମସ୍ତ ବ୍ରହ୍ମାଣ୍ଡରେ ଉଛୁଳି ପଡ଼ିଲା । ଧନୁଭଙ୍ଗ ପରେ ଜନକ ରାଜକୁମାରୀ ଜଗଜ୍ଜନନୀ ଦେବୀ ସୀତା ଭଗବାନ୍ ଶ୍ରୀରାମଙ୍କ ଗଳାରେ ବରଣମାଲ୍ୟ ପିନ୍ଧାଇ ଦେଲେ ।

ଶିବଧନୁ ଭାଙ୍ଗିବା ଶବ୍ଦ ଶୁଣି କ୍ରୋଧଜର୍ଜରିତ ହୋଇ ଆସିଲେ ପର୍ଶୁରାମ । ଲକ୍ଷ୍ମଣଙ୍କ ସହିତ ହେଲା ବହୁ କଡ଼ାକଡ଼ି କଥାବାର୍ତ୍ତା । ଶେଷରେ ନିଜ ଧନୁ ଶ୍ରୀରାମଙ୍କୁ ଅର୍ପଣ କଲେ ଏବଂ ତାଙ୍କୁ ଭଗବାନ୍ ବୋଲି ଜାଣିପାରି ପ୍ରଣାମ କରି କ୍ଷମା ମାଗି ଚାଲିଗଲେ ।

ତା'ପରେ ଜନକ ଦୂତ ପଠାଇ ଦଶରଥ ମହାରାଜାଙ୍କୁ ଅଯୋଧ୍ୟାରୁ ନିମନ୍ତ୍ରଣ କରି ଆଣିଲେ । ସୀତାଦେବୀଙ୍କ ସହିତ ଶ୍ରୀରାମଙ୍କର, ସୀତାଦେବୀଙ୍କର କନିଷ୍ଠା ଭଗ୍ନୀ ଉର୍ମିଳାଙ୍କ ସହିତ ଲକ୍ଷ୍ମଣଙ୍କର, ଭରତଙ୍କ ସହିତ ଜନକଙ୍କ ଭ୍ରାତୃକନ୍ୟା ମାଣ୍ଡବୀ, ଶତ୍ରୁଘ୍ନଙ୍କ ସହିତ ଶ୍ରୁତିକୀର୍ତ୍ତିଙ୍କ ବିବାହ ସମ୍ପନ୍ନ ହେଲା । ମହାରାଜ ଦଶରଥ ପୁତ୍ର ଏବଂ ପୁତ୍ରବଧୂମାନଙ୍କ ସହ କୁଶଳରେ ଅଯୋଧ୍ୟା ଫେରିଆସିଲେ ।

(କ୍ରମଶଃ)

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ଦ୍ୱିତୀୟ ଖଣ୍ଡ, ପୃ. ୬୫୮ -୬୬୨)

❑❑❑

# ଆଧୁନିକ ଭାରତ ଓ ଯୁବ-ସମାଜ

## (୧)

### ପ୍ରପତ୍ତି

ବର୍ତ୍ତମାନ ଦେଶ ଓ ଜାତି ଗୋଟାଏ ଅବ୍ୟବସ୍ଥା ଓ ବିଶୃଙ୍ଖଳା ମଧ ଦେଇ ଗତି କରୁଛି । କିପରି ଭାବରେ ଏବଂ କି ଉପାୟରେ ଜାତିର ଯଥାର୍ଥ ହିତ ସାଧିତ ହେବ, ଏ ସମ୍ବନ୍ଧରେ ବହୁ ଚିନ୍ତା ଓ ତତ୍ପରତା ପ୍ରକାଶ ପାଉଛି । କେବଳ ଭାରତବର୍ଷରେ ଯେ ଏପରି ଅବ୍ୟବସ୍ଥା ଓ ଅସ୍ଥିରତା ଦେଖା ଦେଇଛି ତାହା ନୁହେଁ, ବରଂ ସମଗ୍ର ପୃଥିବୀରେ ଏପରି ଗୋଟାଏ ପରିସ୍ଥିତି ଦେଖା ଦେଇଛି । ପୁରୋଦୃଷ୍ଟି, ଶ୍ରେୟଃ-ଦୃଷ୍ଟି ଓ ଯଥାର୍ଥ ଦୃଷ୍ଟି ଯେପରି କେଉଁଆଡ଼େ ଲୁପ୍ତ ହୋଇ ଯାଇଛି । ବିଜ୍ଞାନର ବିଜୟ, ମନୁଷ୍ୟର ବିକାଶ ଓ ଉନ୍ନତି ନାମରେ ମନୁଷ୍ୟ ନିଜକୁ ବହିର୍ଜୀବନ ମଧରେ ଏପରି ବ୍ୟାପୃତ ରଖୁଛି ଯେ ତା'ର ଆନ୍ତର ଜୀବନ ବିଷୟ ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଯାଇଛି । ନିଜ ପାଖରେ ସେ ନିଜେ ଅଜ୍ଞାତ – ଆଉ ଅଜ୍ଞାତ ସମଗ୍ର ଜଗତ୍ ନିକଟରେ । ଯାହାକୁ ଜାଣିଲେ ସବୁକିଛି ଜଣାଯାଏ, ''ଯସ୍ମିନ୍ ବିଜ୍ଞାତେ ସର୍ବମିଦଂ ବିଜ୍ଞାତମ୍'' – ତାହାକୁ ଛାଡ଼ି ଯାହାକୁ ଜାଣିଲେ କିଛି ବି ଜଣାଯାଏ ନାହିଁ, ମନୁଷ୍ୟ ଏହିପରି ଏକ ପ୍ରଚେଷ୍ଟାରେ ଉନ୍ମତ୍ତ ହୋଇଛି । ବହିର୍ଜୀବନ, ବହିର୍ଜଗତ୍, ଦୃଶ୍ୟମାନ ଓ ପ୍ରତ୍ୟକ୍ଷ ସକଳ କିଛିହିଁ ଯେ ସତ୍ୟ ଏବଂ ଏହାର ଗଠନ, ନିର୍ମାଣ ଓ ପରିଚାଳନା ଦ୍ୱାରା ମନୁଷ୍ୟ ସୁଖୀ, ତୃପ୍ତ ଓ ବିଭବଶାଳୀ ହୋଇପାରେ – ଏହିପରି ଏକ ଧାରଣାରେ ମନୁଷ୍ୟ ବ୍ୟସ୍ତ ରହିଛି । ଯୁଗେ ଯୁଗେ ଯେଉଁ ଭୌତିକତା, ଜାଗତିକତା ଏବଂ ବସ୍ତୁବାଦକୁ ସମାଜର ମୋକ୍ଷକାମୀ ଓ ଜ୍ଞାନୀମାନେ ଘୃଣା ଚକ୍ଷୁରେ ଦେଖି ଆସିଥିଲେ ଏବଂ ତାକୁ ବର୍ଜନ କରିଥିଲେ, ଆଜି ତାହା ଯେପରି ଗୋଟାଏ ପ୍ରତିଶୋଧ ନେଉଛି ! ସବୁକିଛି ଯେପରି ଭୌତିକତା ଓ ବସ୍ତୁତାନ୍ତ୍ରିକତା ମଧରେ ବୁଡ଼ି ଯାଇଛି ।

ଏହିପରି ସମୟ ଯେ ଆଜିକୁ ଦଶ ପନ୍ଦର ବର୍ଷ ହେଲା ଦେଖା ଦେଇଛି ତାହା ନୁହେଁ, ଅନେକେ ହୁଏତ ଏହା ବହୁ ପୂର୍ବରୁ ଲକ୍ଷ୍ୟ କରି ପାରିଥିଲେ, ଏପରିକି ଅର୍ଦ୍ଧଶତାବ୍ଦୀ ପୂର୍ବରୁ । ଗୋଟାକ ପରେ ଗୋଟାଏ ମହାଯୁଦ୍ଧ ଘଟି ଏହି ଗଭୀର ଅନ୍ଧକାରକୁ ଆହୁରି ଘନୀଭୂତ କରି ଦେଇଛି । ତେବେ ଏପରି ଏକ ଦୁର୍ଦ୍ଦଶା ଓ ଦୁର୍ଦ୍ଦିନ ମଧରେ ସ୍ୱତଃ ମନକୁ ପ୍ରଶ୍ନ ଆସେ – ଆଧୁନିକ ଭାରତର ଏଥିପ୍ରତି କୌଣସି ବିଶେଷ ଅବଦାନ ଅଛି କି ? ଭାରତର କୌଣସି ସ୍ୱତନ୍ତ୍ର କର୍ତ୍ତବ୍ୟ ରହିଛି କି ? ସମଗ୍ର ମାନବ ସମାଜ ପ୍ରତି ଭାରତବର୍ଷର ଏପରି କିଛି ଆଦର୍ଶ ବା ଆଲୋକ ଦାନ କରିବାର ଅଛି କି; ଯାହା ଦ୍ୱାରା ପଥହରା ମାନବ ସମାଜ ଯଥାର୍ଥ ପଥର ସନ୍ଧାନ ପାଇପାରିବ ? ଭାରତର ଉତ୍ଥାନର ପ୍ରକୃତ ରହସ୍ୟ କ'ଣ ?

ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣରେ ମନୁଷ୍ୟ ମୂହ୍ୟମାନ ହୋଇପଡ଼େ । ଏତିକିବେଳେ ଯୁବ-ସମାଜ ମଧ ଆଦର୍ଶ ଓ ଲକ୍ଷ୍ୟଚ୍ୟୁତ ହୋଇଥାଏ । ଯେଉଁମାନେ କୌଣସି ନୂତନ ଆଦର୍ଶର ପଥିକ ହୁଅନ୍ତି ସେମାନେହିଁ ଯୁବକ ଏବଂ ଦେଶର ତରୁଣଦଳ । ପ୍ରତ୍ୟେକ ଦେଶରେ, ଜାତୀୟ ସଙ୍କଟ କାଳରେ, ଜାତୀୟ ଉତ୍ଥାନ ଓ ପୁନର୍ଗଠନ କାର୍ଯ୍ୟରେ ଯେଉଁମାନେ ଅସାଧ ସାଧନ କରନ୍ତି, ସେମାନେ ମଧ ଏହି ତରୁଣ ଯୁବକ ଗୋଷ୍ଠୀ । ଆଧୁନିକ ଭାରତରେ ଏହି ଯୁବକ ଗୋଷ୍ଠୀର କର୍ତ୍ତବ୍ୟ କ'ଣ ? ଏହି ତରୁଣଦଳ କି ଆଦର୍ଶରେ ଅନୁପ୍ରାଣିତ ହେବେ ? ଆମ୍ଭେମାନେ ଏହି ପ୍ରବନ୍ଧରେ ଆଧୁନିକ ଭାରତରେ ଯୁବ-ସମାଜର କର୍ତ୍ତବ୍ୟ ସମ୍ବନ୍ଧରେ କେତେକ ଦିଗର ସୂଚନା ଦେବା ।

#### ଭାରତୀୟ ସଂସ୍କୃତିର ମୂଳତତ୍ତ୍ୱ

ପ୍ରତ୍ୟେକ ଦେଶର ଗୋଟାଏ ନିଜସ୍ୱ ବିଭବ, ନିଜସ୍ୱ ଶକ୍ତି, ସାମର୍ଥ୍ୟ ବା ମୂଳତତ୍ତ୍ୱ ରହିଛି । ଇତିହାସର ବହୁ ଉତ୍ଥାନ ଓ ପତନ ମଧରେ, ବହୁ ସାମ୍ରାଜ୍ୟର ଅଭ୍ୟୁଦୟ ଓ ବିଲୟ ମଧରେ ଭାରତବର୍ଷର ପରମ୍ପରା ଓ ଐତିହ୍ୟ ଅତି ଆଶ୍ଚର୍ଯ୍ୟ ରୂପେ ଜୀବନ୍ତ ଓ ଜାଗ୍ରତ୍ ରହିଛି । ଭାରତର ପାରମ୍ପରିକ ବିଚାରଧାରା ଓ ସଂସ୍କୃତି ବହୁ ପ୍ରାଚୀନ ଏବଂ ଏହି ପ୍ରାଚୀନ ଓ ମହାନ୍ ସଂସ୍କୃତି ଓ ଜୀବନଧାରା ପଶ୍ଚାତରେ ଏକ ଦୃଷ୍ଟିଭଙ୍ଗୀ ଓ ଗୋଟାଏ ସୂକ୍ଷ୍ମ ବିଚାର ଅବ୍ୟାହତ ରହିଛି । ଭାରତୀୟ

ସଂସ୍କୃତିର ଏହି ଅନ୍ତର୍ନିହିତ ଶକ୍ତି ବା ସାମର୍ଥ୍ୟକୁ ଆମ୍ଭେମାନେ କହୁ 'ଆଧ୍ୟାତ୍ମିକତା' । ଭାରତର ଶିଳ୍ପ, କଳା, ସାହିତ୍ୟ, ସଙ୍ଗୀତ, ଭାସ୍କର୍ଯ୍ୟ, ଆଚାର, ରୀତି, ନୀତି, ବିଧି, ବିଧାନ, ଅନୁଷ୍ଠାନ, ସାମାଜିକ ଶୃଙ୍ଖଳା – ସବୁକିଛିହିଁ ଏହି ଆଧ୍ୟାତ୍ମିକ ଦୃଷ୍ଟିରେ ନିର୍ମିତ ଓ ନିର୍ଦ୍ଧାରିତ ହୋଇଅଛି । ସମଗ୍ର ଜୀବନ ଓ କର୍ମକୁ ମଧ୍ୟ ଆତ୍ମାଭିମୁଖୀ ଓ ଭଗବତ୍ ଅଭିମୁଖୀ କରିବା ନିମିତ୍ତ ଉଦ୍ୟମ ହୋଇଛି । ଏଠାରେ 'ଆଧ୍ୟାତ୍ମିକତା'ର ଅର୍ଥ କ'ଣ ତାହା ସ୍ପଷ୍ଟ କରିଦେବା ଉଚିତ । 'ଆଧ୍ୟାତ୍ମିକତା'ର ଅର୍ଥ :

(୧) ଏହି ପରିଦୃଶ୍ୟମାନ ଜଗତର ପଶ୍ଚାତରେ ଏକ ଅଖଣ୍ଡ ସଦ୍‌ବସ୍ତୁ, ପରମ ସତ୍ତା, ଉପନିଷଦୋକ୍ତ 'ସଚ୍ଚିଦାନନ୍ଦ' ଅବସ୍ଥିତ । ଏହାହିଁ ସୃଷ୍ଟିର ମୂଳତତ୍ତ୍ୱ ଓ ପରମ ନିଦାନ । ଏହି ସଚ୍ଚିଦାନନ୍ଦ ହେଲେ ଏକଧାରରେ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣ ଆନନ୍ଦ ।

(୨) ଏହି ସଦ୍‌ବସ୍ତୁ ଏକହିଁ ସଙ୍ଗେ ବିଶ୍ୱାତୀତ, ବିଶ୍ୱଗତ ଓ ବ୍ୟଷ୍ଟିଗତ । ସେ ସମଗ୍ର ବିଶ୍ୱର ଊର୍ଦ୍ଧ୍ୱରେ ଥାଇ ମଧ୍ୟ ସକଳ ବସ୍ତୁ ମଧ୍ୟରେ ନିହିତ; ବ୍ୟଷ୍ଟି ଅନ୍ତରରେ ସତ୍ୟ, ଶକ୍ତି, ଆନନ୍ଦ, ଜ୍ୟୋତିଃ ଓ ଶାନ୍ତି ରୂପେ ପ୍ରତିଷ୍ଠିତ ।

(୩) ଏହି ସଦ୍‌ବସ୍ତୁର ସନ୍ଧାନ, ସିଦ୍ଧି ଓ ପ୍ରାପ୍ତିହିଁ ବ୍ୟକ୍ତି ଜୀବନର ପରମ କଲ୍ୟାଣ, ଶ୍ରେଷ୍ଠ ଲକ୍ଷ୍ୟ । ଏହାହିଁ ମୁକ୍ତି, ପରମ ଗତି, ପରମ ସାର୍ଥକତା ଓ ପୁରୁଷାର୍ଥ ।

(୪) ଏହିପରି ଏକ ଶୁଦ୍ଧ ଭାଗବତ ଚୈତନ୍ୟରେ ଅଧିଷ୍ଠିତ ହୋଇ ଜୀବନ ଓ କର୍ମକୁ ଜ୍ଞାନ ଓ ଶକ୍ତି ଦ୍ୱାରା ପରିପ୍ଲୁତ କରିବା ଏବଂ ସମାଜ ଓ ଗୋଷ୍ଠୀକୁ ଭାବୀ ଅଗ୍ରଗତି ନିମିତ୍ତ ପ୍ରସ୍ତୁତ କରିବା ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକତାର ରୂପ ।

ଭାରତୀୟ ସଂସ୍କୃତିର ଏହି ବିଚାରଧାରା ଓ ଜୀବନ ଦର୍ଶନ ଖୁବ୍ ବ୍ୟାପକ ଭାବେ ଭାରତୀୟ ଜୀବନକୁ ଆପ୍ଲୁତ କରିଛି । ଶ୍ରୀଅରବିନ୍ଦ କହୁ ଅଛନ୍ତି :

"No step could be taken in the Indian's inner or outer life without his being reminded of a spiritual existence."

(CWSA, Vol. 20, P. 219)

*

"Poetry, the drama, song, dance, music, the greater and lesser arts were placed under the sanction of the Rishis and were made instruments of the spirit's culture."

(CWSA, Vol. 20, P. 227)

*

"A perception of the divinity hidden in man has been its crowning force... Its index vision is pointed to a truth that exceeds the human mind and, if at all realised in his members, would turn human life into a divine superlife. And not until this third largest sweep of the spiritual evolution has come into its own, can Indian civilisation be said to have discharged its mission, to have spoken its last word. ..."

(CWSA, Vol. 20, p. 215 - 216)

ଅର୍ଥାତ୍, ''ଭାରତୀୟମାନେ ବାହ୍ୟ ବା ଆନ୍ତର ଜୀବନରେ ଏପରି କିଛି କାର୍ଯ୍ୟ କରନ୍ତି ନାହିଁ ଯେତେବେଳେ ସେମାନେ ଗୋଟାଏ ଆଧ୍ୟାତ୍ମିକ ଅଧିଷ୍ଠାନ ସମ୍ବନ୍ଧରେ ସଚେତନ ନୁହନ୍ତି ।''

*

''କବିତା, ନାଟକ, ସଙ୍ଗୀତ, ନୃତ୍ୟ, ସ୍ୱରଚର୍ଚ୍ଚା, କ୍ଷୁଦ୍ର, ବୃହତ୍ ସକଳ ଶିଳ୍ପ ଓ କଳା ଇତ୍ୟାଦି ସବୁକିଛି ଋଷିମାନଙ୍କର ଅନୁମତିରେ ପରିଚାଳିତ ହେଉଥିଲା ଏବଂ ଏହିସବୁ ଆଧ୍ୟାତ୍ମିକ ସଂସ୍କୃତିର ଯନ୍ତ୍ର ମାତ୍ର ଥିଲା ।''

*

''ମନୁଷ୍ୟ ଅନ୍ତରରେ ଏକ ଗୋପନ ଦିବ୍ୟତ୍ୱର ଉପଲବ୍ଧି ଏହି ସଂସ୍କୃତିର ଚରମ ସାମର୍ଥ୍ୟ ।... ଏହା ଏପରି ଏକ ସତ୍ୟର ସୂଚନା କରୁଛି ଯାହା ମନର ଅତୀତ ଏବଂ ଯଦିବା ତାହା ସତ୍ତାର ବିଭିନ୍ନ ଅଙ୍ଗରେ ପ୍ରକାଶିତ ହୁଏ ତେବେ ତାହା ମାନବ ଜୀବନକୁ ଅତିମାନବ ବା ଦିବ୍ୟ ଜୀବନରେ ପରିଣତ କରିବ । ଏବଂ ଯେପର୍ଯ୍ୟନ୍ତ ଆଧ୍ୟାତ୍ମିକ ବିବର୍ତ୍ତନର ଏହି ତୃତୀୟ ବୃହତ୍ ପଦକ୍ଷେପ ତା'ର ନିଜସ୍ୱ ଧାରାରେ ପ୍ରକାଶିତ ନ ହୋଇଛି, ଅର୍ଥାତ୍ ପୃଥିବୀରେ ଦିବ୍ୟଜୀବନ ସ୍ଥାପିତ ନ ହୋଇଛି – ସେତେଦିନ ପର୍ଯ୍ୟନ୍ତ ଭାରତୀୟ ସଭ୍ୟତା ତା'ର ଲକ୍ଷ୍ୟସାଧନ କରି ନାହିଁ ବା ଶେଷ ବାଣୀ ଶୁଣାଇ ନାହିଁ ।...''

ଏହାହିଁ ଭାରତୀୟ ସଂସ୍କୃତି, ସଭ୍ୟତା ଓ ବିଚାରଧାରାର ମର୍ମ ଓ ମୂଳ ରହସ୍ୟ । ଏହି ଦୃଷ୍ଟିଭଙ୍ଗୀରେହିଁ ଆମ୍ଭମାନଙ୍କୁ ବିଚାର କରିବାକୁ ହେବ ଭାରତରେ ଜାତୀୟତା ଓ ରାଷ୍ଟ୍ରୀୟ-ଜୀବନର ମୂଳତତ୍ତ୍ୱ କ'ଣ । ଯଦି ଭାରତବର୍ଷ ଜାତି ହିସାବରେ ବଞ୍ଚି ରହେ ତେବେ ତାହାର ପ୍ରଧାନ କର୍ତ୍ତବ୍ୟ ହେବ ଏହି ମହାନ୍ ତତ୍ତ୍ୱକୁ ତୋଳି ଧରିବା । ଶ୍ରୀଅରବିନ୍ଦ ଉଦାତ୍ତ ଭାଷାରେ ଭାରତୀୟ ଜାତୀୟତାର ମୂଳ ସ୍ୱରୂପ ସମ୍ବନ୍ଧେ କହୁଛନ୍ତି :

''ପ୍ରତ୍ୟେକ ଜାତି ହେଲା ବୃହତ୍ତର ମାନବ ସମାଜର ବିବର୍ତ୍ତମାନ ଆତ୍ମାର ଏକ ଶକ୍ତି ବା ସାମର୍ଥ୍ୟ ଏବଂ ତାହା ଯେଉଁ ତତ୍ତ୍ୱକୁ ମୂର୍ତ୍ତ କରିଥାଏ, ତାହାରି ଦ୍ୱାରାହିଁ ବଞ୍ଚି ରହେ । ଭାରତହିଁ ହେଲା ଭାରତ ଶକ୍ତି, ଏକ ମହାନ୍ ଅଧ୍ୟାତ୍ମ-ତତ୍ତ୍ୱର ଏକ ଜୀବନ୍ତ ଦେବୀ ଏବଂ ତାହାଙ୍କ ପ୍ରତି ବିଶ୍ୱସ୍ତ ହେବାହିଁ ଭାରତ-ଅସ୍ତିତ୍ୱର ପ୍ରଧାନ ଧର୍ମ । କାରଣ ଏହି ପୁଣ୍ୟ ବଳରେ ଭାରତ ଏକ ଅମର ଜାତିରେ ପରିଣତ ହୋଇଛି ଏବଂ ତାହାର ପୁନଃ ପୁନଃ ଜାଗରଣ, ଉତ୍ଥାନ ଓ ଆଶ୍ଚର୍ଯ୍ୟଜନକ ରୂପେ ଆଜି ପର୍ଯ୍ୟନ୍ତ ବଞ୍ଚି ରହିବା ପଶ୍ଚାତରେ ଏହି ରହସ୍ୟହିଁ ନିହିତ ଅଛି ।''

ଏହି ସମ୍ବନ୍ଧରେ ଶ୍ରୀମା କହିଛନ୍ତି :

''ଯେପରି ପ୍ରତ୍ୟେକ ବ୍ୟକ୍ତିର ଅନ୍ତରାତ୍ମା ଅଛି ଯାହା ତାହାର ଯଥାର୍ଥ ସତ୍ତା ଏବଂ ଯାହା ତାହାର ଭାଗ୍ୟକୁ କମ୍ ବେଶୀ ଭାବରେ ସ୍ପଷ୍ଟ ରୂପେ ଚାଳିତ କରେ ସେହିପରି ପ୍ରତ୍ୟେକ ରାଷ୍ଟ୍ରର ମଧ୍ୟ ଅନ୍ତରାତ୍ମା ଅଛି । ତାହାହିଁ ତାହାର ସତ୍ୟସତ୍ତା ଆଉ ତାହାହିଁ ତାହାର ଭାଗ୍ୟକୁ ଆବରଣର ପଶ୍ଚାତରୁ ନିର୍ଦ୍ଧାରିତ କରେ । ଏହି ସତ୍ତାହିଁ ଦେଶର ଆତ୍ମା, ରାଷ୍ଟ୍ରର ପ୍ରତିଭା, ଜାତିର ଶକ୍ତି, ରାଷ୍ଟ୍ରୀୟ ଅଭୀପ୍ସାର କେନ୍ଦ୍ର ଏବଂ ଜାତୀୟ ଜୀବନରେ ଯାହାକିଛି ସୁନ୍ଦର, ମହାନ୍, ଉନ୍ନତ ଓ ଉଦାର ତା'ର ଆଦି ଉତ୍ସ । ଯଥାର୍ଥ ଦେଶଭକ୍ତ ଏହାର ଉପସ୍ଥିତିକୁ ପ୍ରତ୍ୟକ୍ଷ ରୂପେ ଉପଲବ୍ଧି କରନ୍ତି । ଏହାକୁ ଭାରତବର୍ଷରେ ପ୍ରାୟ ଗୋଟିଏ ଦିବ୍ୟରୂପ ଦିଆ ହୋଇଅଛି । ଯେଉଁମାନେ ନିଜ ଦେଶକୁ ଯଥାର୍ଥ ପ୍ରେମ କରନ୍ତି ସେମାନେ ଏହାକୁ 'ଭାରତମାତା' ନାମ ଦେଇ ଅଛନ୍ତି ଏବଂ ଦେଶର କଲ୍ୟାଣ ସାଧନ ନିମିତ୍ତ ପ୍ରତ୍ୟହ ତାଙ୍କୁ ପ୍ରାର୍ଥନା କରନ୍ତି । ଏହି ଭାରତମାତା ଦେଶର ଯଥାର୍ଥ ଆଦର୍ଶ ଏବଂ ବିଶ୍ୱରେ ସ୍ୱୀୟ ଯଥାର୍ଥ ଉଦ୍ଦେଶ୍ୟରେ ପ୍ରତୀକ ଏବଂ ମୂର୍ତ୍ତିମାନ୍ ରୂପ ।''

ସୁତରାଂ ବିଶ୍ୱବିଧାତାଙ୍କ ଦ୍ୱାରା ମାନବଗୋଷ୍ଠୀ ମଧ୍ୟରେ ଭାରତ ନିମିତ୍ତ ନିୟତି-ନିର୍ଦ୍ଦିଷ୍ଟ ହୋଇଛି ଏକ ଅଧ୍ୟାତ୍ମ-ସିଦ୍ଧି – ଯେଉଁଥିରେ ଜୀବନ ଓ ସଂସାର ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ଲାଭ କରିବ । ମାନବଜାତି ମଧ୍ୟରେ ସେଥିପାଇଁ ଭାରତ ଏକ ଅଧ୍ୟାତ୍ମ-ବାଣୀ, ଆଲୋକ, ଐଶ୍ୱର୍ଯ୍ୟର ପ୍ରତୀକ ବା ବାହକ । ଭାରତବର୍ଷ ଯଥାର୍ଥରେ ଶ୍ରୀମା'ଙ୍କ ଭାଷାରେ ଜଗତର ଗୁରୁ, ଆଚାର୍ଯ୍ୟ, ଦିଶାରୀ, ପଥଦ୍ରଷ୍ଟା । ଜାତିମାନଙ୍କ ମଧ୍ୟରେ ଭାରତ ବ୍ରାହ୍ମଣ ବା ଆର୍ଯ୍ୟ ପଦବୀ ଯୋଗ୍ୟ । ଭାରତ ସମ୍ବନ୍ଧରେ ଏହାହିଁ ହେବ ଆମ୍ଭମାନଙ୍କର ଯଥାର୍ଥ ଦୃଷ୍ଟି, ଯଥାର୍ଥ ବିଚାର ଏବଂ ଯଥାର୍ଥ ସିଦ୍ଧାନ୍ତ । ଯଦି ଭାରତବର୍ଷ ଓ ଭାରତଜାତି ସମ୍ବନ୍ଧରେ ଆମ୍ଭେମାନେ ଏହି ଦୃଷ୍ଟିକୋଣ ନ ରଖୁ ବା ଏହି ଆଦର୍ଶ ଦ୍ୱାରା ଅନୁପ୍ରାଣିତ ନ ହେଉ ତେବେ ଭାରତ ମୃତ, ତା'ର ଅନ୍ତରାତ୍ମା ଅନ୍ତର୍ହିତ ବା ଲୁପ୍ତ ବା ଧ୍ୱଂସ । ଗ୍ରୀସ୍, ରୋମ୍, ବାବିଲୋନ୍, ଚାଇନା, ଇଜିପ୍ଟ ଆଦି ପୁରାତନ ରାଷ୍ଟ୍ର ଓ ସଭ୍ୟତାଗୁଡ଼ିକ ମୃତ ଏବଂ ସେସବୁର ଆତ୍ମା ଅମରଲୋକକୁ ପ୍ରତ୍ୟାବର୍ତ୍ତନ କରିଛି । ଆଶ୍ଚର୍ଯ୍ୟର ବିଷୟ ଯେ ଜାତି ହିସାବରେ ଭାରତର ଆତ୍ମା ଏବେ ବି ଜାଗ୍ରତ୍ ଓ ଜୀବନ୍ତ, କାରଣ ଏହାକୁ ହୁଏତ ଭବିଷ୍ୟତ୍ ମାନବଗୋଷ୍ଠୀ ନିମିତ୍ତ ଗୋଟାଏ ସିଦ୍ଧି ଅର୍ଜନ କରିବାକୁ ହେବ । ବର୍ତ୍ତମାନ ଆମ୍ଭେମାନେ ଆଲୋଚନା କରିବା କିପରି ଏହି ଦୃଷ୍ଟିଭଙ୍ଗୀ ଓ ଆଦର୍ଶ ଆଧୁନିକ ଭାରତର ଉତ୍ଥାନ ପଶ୍ଚାତରେ କାର୍ଯ୍ୟ କରିଛି ଏବଂ କିପରି ଏହାହିଁ ଭାରତର ନବଜନ୍ମର ଚରମ ରହସ୍ୟ ।

(କ୍ରମଶଃ) ❑

ତୁମର କ୍ଷୁଦ୍ର ଅହଂମୟ ବ୍ୟକ୍ତିତ୍ୱକୁ ଅତିକ୍ରମ କର ଏବଂ ଆମ ଭାରତମାତାଙ୍କର ଏକ ଯୋଗ୍ୟ ସନ୍ତାନ ହୋଇଉଠ; ସଚ୍ଚୋଟ ଓ ନ୍ୟାୟପରାୟଣ ହୋଇ ନିଜର କର୍ତ୍ତବ୍ୟ ପୂରଣ କର ଏବଂ ଭଗବାନଙ୍କ କୃପା ଉପରେ ଦୃଢ଼ ବିଶ୍ୱାସ ରଖି ସବୁ ସମୟରେ ପ୍ରଫୁଲ୍ଲ ଓ ଆତ୍ମ-ପ୍ରତ୍ୟୟଶୀଳ ହୁଅ ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୬୯)

## ମହେନ୍ଦ୍ରନାଥ ସ୍ୱାଇଁ

**ସୁରକ୍ଷା ବଳୟ :**

ଜାନୁଆରୀ ୧୯, ୧୯୧୪ ପ୍ରାର୍ଥନାରେ ମା ଲେଖନ୍ତି –

"O LORD, divine Master of Love, Thou art the eternal victor, and those who become perfectly attuned to Thee, those who live for Thee alone and by Thee alone, cannot but win all victories; for in Thee is the supreme force, the force of complete disinterestedness, of perfect clear-sightedness, sovereign kindness.

"In Thee, by Thee, all is transfigured and glorified; in Thee is found the key to all mysteries and all powers. But one can attain Thee only if one no longer desires anything except to live in Thee, serve Thee, make Thy divine work triumph more swiftly for the salvation of a greater number of men."

(Prayers and Meditations, Page - 58)

ଉକ୍ତ ପ୍ରାର୍ଥନାର ପ୍ରଥମ ଓ ଦ୍ୱିତୀୟ ଅନୁଚ୍ଛେଦରେ ଦିବ୍ୟଜନନୀ ଶ୍ରୀମା ସ୍ୱକୀୟ ଦିବ୍ୟଭାଷାରେ ବର୍ଣ୍ଣନା କରି ପରମପ୍ରଭୁଙ୍କୁ ପ୍ରାର୍ଥନା ନିବେଦନ କରି କହୁଛନ୍ତି :

''ହେ ପ୍ରଭୁ, ପ୍ରେମର ଦିବ୍ୟଗୁରୁ, ତୁମେ ହେଉଛ ଚିରନ୍ତନ ବିଜେତା, ଏବଂ ଯେଉଁମାନେ ସମ୍ପୂର୍ଣ୍ଣ ଭାବରେ ତୁମ ସହିତ ଯୁକ୍ତ, ତୁମର ସକଳ ବିଭାବ ସହିତ ସମ୍ପର୍କିତ, ଅଭ୍ୟସ୍ତ, ଯେଉଁମାନେ କେବଳ ମାତ୍ର ତୁମ ନିମନ୍ତେ ଜୀବନ ଧାରଣ କରି ରହିଛନ୍ତି ଏବଂ ତୁମ ଦ୍ୱାରା ବଞ୍ଚିଛନ୍ତି ସେମାନେ ସକଳ ପ୍ରକାର କାର୍ଯ୍ୟରେ ବିଜୟ ମଣ୍ଡିତ ହୁଅନ୍ତି; କାରଣ ତୁମ ଭିତରେ ନିହିତ ଅଛି ସର୍ବୋତ୍ତମ ଶକ୍ତି, ବ୍ୟକ୍ତିଗତ ଭାବନାରୁ ସମ୍ପୂର୍ଣ୍ଣ ମୁକ୍ତି, ନୈର୍ବ୍ୟକ୍ତିକଭାବ, ସମ୍ପୂର୍ଣ୍ଣ ବିଶୁଦ୍ଧ ପରିଷ୍କାର ଦୃଷ୍ଟି, ସାର୍ବଭୌମ ଦୟା ଓ କରୁଣା ।

''ତୁମ ଭିତରେ, ତୁମ ଦ୍ୱାରା ସବୁକିଛି ରୂପାନ୍ତରିତ ହୋଇ ଯାଇଛି ଏବଂ ଗୌରବ ମଣ୍ଡିତ ହୋଇଛି; ସକଳ ରହସ୍ୟ ଏବଂ ଶକ୍ତିର ଚାବିକାଠି ତୁମ ଭିତରେ ପ୍ରାପ୍ତ ହୋଇଥାଏ । କିନ୍ତୁ ଜଣେ ତୁମକୁ ପ୍ରାପ୍ତ ହୋଇପାରେ ଯେତେବେଳେ ସେହି ବ୍ୟକ୍ତି କେବଳ ତୁମ ଭିତରେ ବାସ କରିବା ବ୍ୟତୀତ ଆଉ କିଛି ଚାହେଁ ନାହିଁ; ତୁମ ସେବାରେ ନିଜକୁ ନିଯୁକ୍ତ କରି ରଖିଥାଏ, ଅଧିକ କ୍ଷିପ୍ରତର ଭାବରେ ତୁମର ଦିବ୍ୟ କର୍ମ ସମ୍ପାଦନରେ ନିଜକୁ ଯୁକ୍ତ ରଖିଥାଏ, ଯାହା ଫଳରେ ଅଧିକ ସଂଖ୍ୟକ ଲୋକ ମୁକ୍ତି ପ୍ରାପ୍ତ ହୋଇ ପାରିବେ ।''

ପୁନଶ୍ଚ ଶ୍ରୀମା କହୁଛନ୍ତି :

"O Lord, Thou alone art real and all else is an illusion; for when one lives in Thee one sees and understands all things, nothing escapes Thy perfect knowledge, but everything wears another appearance; for all is Thou in essence, all being the fruit of Thy work, of Thy magnanimous intervention; and in the most sinister darkness Thou couldst kindle a star.

"May our devotion grow ever deeper.

"May our consecration grow ever more perfect.

"And mayst Thou, already the real sovereign of life, become in effect its true sovereign."

(Prayers and Meditations, Page - 58)

ଅର୍ଥାତ୍, ''ହେ ପ୍ରଭୁ ତୁମେହିଁ କେବଳ ବାସ୍ତବ ସତ୍ୟ, ଆଉ ସବୁକିଛି ଏକ ମାୟା (illusion); କାରଣ ଯେତେବେଳେ

ଜଣେ ତୁମ ଭିତରେ ବାସ କରେ ସେହିଁ ସବୁକିଛି ଦେଖିପାରେ ଏବଂ ବୁଝିପାରେ, ତୁମର ସମ୍ପୂର୍ଣ୍ଣ ଜ୍ଞାନ ପାଖରୁ କେହି ଖସି ଚାଲିଯାଇ ପାରନ୍ତି ନାହିଁ, କିନ୍ତୁ ପ୍ରତ୍ୟେକେ ଅନ୍ୟ ଏକ ରୂପ ଧାରଣ କରିଥା'ନ୍ତି, ଅନ୍ୟ ଏକ ପୋଷାକ ପରିଧାନ କରିଥା'ନ୍ତି; କାରଣ ସମସ୍ତଙ୍କର ମୂଳରେ ତୁମେ, ସକଳ ସତ୍ତା ତୁମ କର୍ମର ଫଳ ଅଟନ୍ତି, ସବୁକିଛି ତୁମର ଚମତ୍କାର ଦୟାଳୁ ଉଦାର ହସ୍ତକ୍ଷେପର ପରିଣାମ; ଏବଂ ଭୟଙ୍କର ଅନ୍ଧକାର ମଧ୍ୟରେ ତୁମେହିଁ କେବଳ ଉଜ୍ଜ୍ୱଳ ତାରକାଟିଏ ଦେଦୀପ୍ୟମାନ କରି ଦେଇ ପାର ।

ପ୍ରାର୍ଥନାଟିର ଶେଷ ଭାଗରେ ଶ୍ରୀମା କହୁଛନ୍ତି –

''ଆମ୍ଭମାନଙ୍କର ଭକ୍ତି ଅଧିକରୁ ଅଧିକ ଗଭୀରତର ହେଉ ।

''ଆମ୍ଭମାନଙ୍କର ଆତ୍ମନିବେଦନ ଅଧିକରୁ ଅଧିକ ପୂର୍ଣ୍ଣତା ଆଡ଼କୁ ବଢ଼ି ଚାଲୁ ।

''ହେ ପ୍ରଭୁ, ତୁମେ ତ ଆମ ଜୀବନର ବାସ୍ତବ ସତ୍ୟ ଅଟ, ଏବଂ ତୁମେ ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ଏହାର ସାର୍ବଭୌମ ଅଧିକାରୀ ହୋଇ ଉଠ ।''

ଆମେ ଟେଲିଭିଜନ୍ ଦେଖୁଥିବା ସମୟରେ ସେଥିରେ ପ୍ରସାରିତ କାର୍ଯ୍ୟକ୍ରମଟି ରୁଚି କର ନ ହେଲେ ନିଜର ରୁଚି ମୁତାବକ କାର୍ଯ୍ୟକ୍ରମ ଦେଖିବାକୁ ଇଚ୍ଛା କରି ଅନ୍ୟ ଏକ ଚାନେଲ୍‌କୁ ବଦଳାଇ ଥାଉ ଏବଂ ସେହି ଚାନେଲ୍‌ରେ ହୃଦୟକୁ ସ୍ପର୍ଶ କଲା ଭଳି ସୁମଧୁର ଭକ୍ତି ସଙ୍ଗୀତ, ଲୋକଗୀତ ଓ ଯନ୍ତ୍ର ସଙ୍ଗୀତର ମୂର୍ଚ୍ଛନା ଭାସି ଆସୁଥିଲେ ଆମ ଅଜାଣତରେ ଆମର ଭାରାକ୍ରାନ୍ତ ମାନସିକ ଅବସ୍ଥା କେତେ ବେଳେ ଶାନ୍ତ ହୋଇଯାଇ ଥାଏ । ସୁତରାଂ ଆମ ଜୀବନର ଗତିଧାରା ନିର୍ଭର କରେ ତତ୍କାଳୀନ ମୁହୂର୍ତ୍ତରେ ଆମେ କେଉଁ ଆଡ଼କୁ ମୁଖ ଫେରାଉଛୁ ଏବଂ କେଉଁ ଦୃଶ୍ୟପଟ ଉପରେ ଦୃଷ୍ଟି ନିବଦ୍ଧ କରିଛୁ । ବେଳେ ବେଳେ ଆମେ ଇଚ୍ଛା କରି ଆମ ଭିତରେ ଥିବା ଭୟ, ଘୃଣା, ଅସୂୟା, ପରଶ୍ରୀକାତରତାର ଗନ୍ତାଘରର ଦରଜା ଖୋଲି ଦେଇଥାଉ, ଫଳରେ ଆମର ଅତୀତର କୁତ୍ସିତ, କଦର୍ଯ୍ୟ ରୁଚିହୀନ ଭାବନାର ଅବାଧ ସ୍ରୋତ ଆମ ଚେତନାକୁ ପ୍ଲାବିତ କରି ଦେଇଥାଏ; ଯଦି ଆମେ ସଚେତନ ଥାଉ ତେବେ ସେହି ମୁହୂର୍ତ୍ତରେ ଦିବ୍ୟଜନନୀ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କ କଥା ସ୍ମରଣ କରୁ – ତତ୍‌କ୍ଷଣାତ୍ ଦୃଶ୍ୟପଟ ବଦଳି ଯାଏ, ହୃଦୟ ଖୋଲିଯାଏ ଏବଂ ସେହି ଖୋଲା ହୃଦୟଟି ଅଭୀପ୍ସା-ଡେଣାରେ ବସି ଚେତନାର ବହୁ ଊର୍ଦ୍ଧ୍ୱକୁ ଉଡ଼ି ଯାଇଥାଏ ।

ଆମେ ସର୍ବଦା ନିଜକୁ ଏକ ସ୍ୱତନ୍ତ୍ର ବ୍ୟକ୍ତି-ସତ୍ତା ବୋଲି ମନେ କରୁ, ସବୁ କାମକୁ ନିଜର କାମ ବୋଲି ଭାବୁ ଏବଂ କର୍ମ କରିବା ପୂର୍ବରୁ ସଂକଳ୍ପ ନକରି କାମଟି କେବେ ଶେଷ ହେବ, ସେଥିରୁ କେତେ ଲାଭ ମିଳିବ ତାହା ବିଚାର କରି କ୍ଳାନ୍ତ ହୋଇ ପଡ଼ୁ । କର୍ମ ସମ୍ପାଦନ ନିମନ୍ତେ ଆଉ ଶକ୍ତି ନଥାଏ ବା କମ୍ ହୋଇ ଯାଇଥାଏ । ସେଥିପାଇଁ ଆଲୋଚ୍ୟ ପ୍ରାର୍ଥନାର ପ୍ରଥମ ଅନୁଚ୍ଛେଦଟିରେ ଶ୍ରୀମା କହୁଛନ୍ତି, ଯଦି ଆମେ ପ୍ରଭୁଙ୍କ ଭିତରେ ବାସ କରୁ, ତାଙ୍କ ପାଇଁ ଏବଂ ତାଙ୍କ ଦ୍ୱାରା ଜୀବନ ନିର୍ବାହ କରୁ, ତାହା ହେଲେ ସକଳ କର୍ମ, କର୍ତ୍ତା ଓ କାରଣ ସେହିଁ ହେବେ । ଆମେ କେବଳ ଯନ୍ତ୍ରଟିଏ ଭଳି ଅପେକ୍ଷା କରିଥିବା ଆତ୍ମ ନିବେଦିତ ହୋଇ, କେତେବେଳେ ସେ ଦୟାପୂର୍ବକ ଆମ ଉପରେ ଏତେ ଟିକିଏ କୃପାଦୃଷ୍ଟି ଢାଳି ଦେଇ, ଯନ୍ତ୍ରଟିକୁ ହାତରେ ଉଠାଇ ତାଙ୍କ କର୍ମରେ ବିନିଯୋଗ କରିବେ ।

ପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମାଙ୍କ ଭିତରେ ଯଦି ସାଧକଟିଏ ବାସ କରେ, ସବୁବେଳେ ତାଙ୍କୁ ଦେଖୁଥାଏ, ବୁଝି ପାରୁଥାଏ, ଯନ୍ତ୍ରଟିଏ ହୋଇ କୌଣସି ପ୍ରଶ୍ନ ନପଚାରି ତାଙ୍କର ସମ୍ପୂର୍ଣ୍ଣ ଜ୍ଞାନ ଭିତରେ ବୁଡ଼ି ରହିଥାଏ, ତାହାହେଲେ ସେ ସବୁ ଜିନିଷକୁ ଯଥାଯଥ ଭାବରେ ଦେଖିପାରେ; ଏପରିକି ସେହି ଜିନିଷସବୁ ସେମାନଙ୍କ ରୂପ ବଦଳାଇବା ସମୟରେ ସେ ସେମାନଙ୍କର ମୂଳ ସତ୍ୟକୁ, ସ୍ୱରୂପକୁ ମଧ୍ୟ ଚିହ୍ନିପାରେ । ମା'ଙ୍କ ଭିତରେ, ତାଙ୍କ ଚେତନା ମଧ୍ୟରେ ଏକ କ୍ଷୁଦ୍ରାତିକ୍ଷୁଦ୍ର ବିନ୍ଦୁଟିଏ ହୋଇ ରହି ସେ ସକଳ କାର୍ଯ୍ୟକୁ ସୁରୁଖୁରୁରେ ତାଙ୍କ ସୁରକ୍ଷାବଳୟ ଭିତରେ ସମାପନ କରିଥା'ନ୍ତି । ମା'ଙ୍କ ପାଖରେ ସମ୍ପୂର୍ଣ୍ଣ ଆତ୍ମନିବେଦନ କିପରି ସକଳ ବିପଦଆପଦରୁ ସୁରକ୍ଷିତ କରି ରଖିଥାଏ, ତତ୍ ସମ୍ପର୍କୀୟ କେତୋଟି କଥା ଏବଂ ଘଟଣା ସ୍ମୃତିପଟରେ ଉଙ୍କି ମାରୁଛନ୍ତି । ତାହା ଏହିପରି –

ବମ୍ବେରେ ବାସ କରୁଥିବା ଜନୈକା ସାଧିକା-ଭକ୍ତ, ପ୍ରଭୁ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ଅନୁଗାମୀ, ତାଙ୍କର ଏକମାତ୍ର ପୁତ୍ରର ବିବାହ ନିମନ୍ତେ ନିର୍ବନ୍ଧ କରିବାକୁ ସ୍ଥିର କଲେ । କିନ୍ତୁ ତାଙ୍କ ପରିବାର ଚାହିଁଲେ ଏହି ଉତ୍ସବଟି ମା'ଙ୍କ ସମ୍ମୁଖରେ, ମା'ଙ୍କ ଦ୍ୱାରା କରାଗଲେ ଖୁବ୍ ଭଲ ହେବ । ସେମାନେ ଆଶ୍ରମରେ ସ୍ଥିତ ତାଙ୍କର ଜଣେ ପରିଚିତ ସାଧକଙ୍କୁ ଚିଠି ଲେଖି ମା'ଙ୍କୁ ସେମାନଙ୍କର ପ୍ରାର୍ଥନା ନିବେଦନ କରିବାକୁ ଅନୁରୋଧ କଲେ । ସେମାନଙ୍କର ପ୍ରାର୍ଥନା ମା'ଙ୍କ ନିକଟରେ ଉପସ୍ଥାପନ କରାଗଲା ଏବଂ ଉତ୍ତରରେ ଜଣାଇ ଦିଆଗଲା ଯେ ମା ସେହି

ନିର୍ବନ୍ଧ କାର୍ଯ୍ୟ ପାଇଁ ପୁଅ ଓ ଝିଅଙ୍କୁ ତିନି ମିନିଟ ସମୟ ପ୍ରଦାନ କରିଛନ୍ତି । ନିର୍ଦ୍ଧାରିତ ଦିବସରେ, ଅର୍ଥାତ୍ ୧୪ ଅଗଷ୍ଟ, ୧୯୬୯ରେ ଯୁବକ ଓ ତାଙ୍କର ଭାବିପତ୍ନୀ ମା'ଙ୍କ ପ୍ରକୋଷ୍ଠକୁ ଯାଇ ତାଙ୍କ ପାଦତଳେ ଆଣ୍ଠୁମାଡ଼ି ବସି ପ୍ରଣାମ ନିବେଦନ କଲେ ଓ ପ୍ରାର୍ଥନା ମଧ୍ୟ କଲେ । ପୁଅଟି ଜଣେ ଇଞ୍ଜିନିୟର ଏବଂ ଝିଅଟି ଡାକ୍ତର; ପୁନଶ୍ଚ ଦୁଇଜଣଯାକ ଚିତ୍ରଶିଳ୍ପୀ । ପ୍ରଥମେ ପୁଅଟି ତାଙ୍କର ସ୍ୱହସ୍ତ ପ୍ରସ୍ତୁତ ଏକ ତୈଳଚିତ୍ର ମା'ଙ୍କୁ ଅର୍ପଣ କଲେ । ଦିବ୍ୟଜନନୀ ଶ୍ରୀମା ପ୍ରଶ୍ନ କଲେ, "Who has painted it ?" ତତ୍ପରେ ମା ଏକ ଯବକାଚ ବା 'ମାଗ୍ନିଫାଇଙ୍ଗ ଗ୍ଲାସ' ଆଣିବାକୁ କହିଲେ ଏବଂ ଚିତ୍ରଟିକୁ ମନୋଯୋଗ ସହକାରେ ଟିକିନିଖି ଏପଟ ସେପଟ କରି ଦେଖିଲେ । ତତ୍ପରେ ଝିଅଟି ମଧ୍ୟ ତାଙ୍କର ତୈଳଚିତ୍ରଟି ମା'ଙ୍କୁ ଅର୍ପଣ କଲେ । ମା ସ୍ୱୟଂ ତାଙ୍କର ଦିବ୍ୟ ହସ୍ତରେ ପୁଅ ଓ ଝିଅ ଦୁଇଜଣଙ୍କ ଆଙ୍ଗୁଠିରେ ''ଏନ୍‌ଗେଜମେଣ୍ଟ୍ ରିଂ'' ବା ''ନିର୍ବନ୍ଧ-ମୁଦ୍ରିକା'' ପିନ୍ଧାଇ ଦେଲେ । ତିନି ମିନିଟ ପରିବର୍ତ୍ତେ ମା'ଙ୍କର ଦିବ୍ୟ ସାନ୍ନିଧ୍ୟରେ ସେମାନେ ସମସ୍ତେ ଚଉତିରିଶ ମିନିଟ କଟେଇ ଥିଲେ । ଫେରିଲା ପରେ ଦୁଇଜଣଯାକ ଅତ୍ୟନ୍ତ ଆନନ୍ଦିତ ହୋଇ ତାଙ୍କ ମା'ଙ୍କୁ କହିଥିଲେ, "We got everything from the Mother. Now we have to become worthy of Her." ''ମା'ଙ୍କଠାରୁ ଆମେ ସବୁକିଛି ପାଇଲୁ । ବର୍ତ୍ତମାନ ଆମକୁ ତାଙ୍କ ନିମନ୍ତେ ଯୋଗ୍ୟ ହୋଇ ଉଠିବାକୁ ହେବ ।''

ବମ୍ବେରେ ରହୁଥିବା ସେହି ସାଧିକା ଭକ୍ତଙ୍କ ନାମ 'ଏସ୍' । ସୁନ୍ଦରମ୍ (ଜନୈକ ଆଶ୍ରମ ଅନ୍ତେବାସୀ) 'ଏସ୍'ଙ୍କୁ ବର୍ଷ ବର୍ଷ ଧରି ବମ୍ବେରେ ଏକ କେନ୍ଦ୍ର (ଶ୍ରୀଅରବିନ୍ଦ କେନ୍ଦ୍ର) ସ୍ଥାପନ କରିବା ନିମନ୍ତେ ପ୍ରସ୍ତାବ ଦେଇ ଆସୁଥା'ନ୍ତି । କିନ୍ତୁ 'ଏସ୍' କହୁଥା'ନ୍ତି, ''କେନ୍ଦ୍ର ଖୋଲିବା ଏକ ମହାନ୍ ସୁଯୋଗ, ଏକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ, କିନ୍ତୁ ଏପର୍ଯ୍ୟନ୍ତ ମୁଁ ସେହି କାର୍ଯ୍ୟ ନିମନ୍ତେ ଯୋଗ୍ୟ ହୋଇପାରି ନାହିଁ ।'' ସେଠାରେ ଅନ୍ୟ ଜଣେ ସାଧକ କେନ୍ଦ୍ରଟିଏ ଖୋଲିଥିଲେ ଏବଂ ପରିଚାଳନା କରୁଥିଲେ । ତାଙ୍କର ଦେହାବସାନ ପରେ ସେହି କେନ୍ଦ୍ରର ଦାୟିତ୍ୱ କିଏ ନେବ ବୋଲି ପ୍ରଶ୍ନ ଉଠିଲା । ଶ୍ରୀମା କହିଲେ, "The Centre goes to 'S'. "

– ଅର୍ଥାତ୍, ''କେନ୍ଦ୍ରଟି 'ଏସ୍'ଙ୍କ ଦାୟିତ୍ୱରେ ରହିବ ।''

ଆତ୍ମ-ସଂଶୟ (diffidence) ସତ୍ତ୍ୱେ 'ଏସ୍' ସେହି ଗୁରୁ ଦାୟିତ୍ୱଟିକୁ ଗ୍ରହଣ କଲେ ଏବଂ ୧୯୭୨ ମସିହା ମେ ମାସ ପହିଲା ତାରିଖରେ ତାଙ୍କ ନିଜ ଘରେ ଏକ କେନ୍ଦ୍ର ଆରମ୍ଭ କଲେ, ଯାହା ଦିବ୍ୟଜନନୀଙ୍କର ଦିବ୍ୟ ଉପସ୍ଥିତିରେ ସ୍ପନ୍ଦିତ ହେବାକୁ ଲାଗିଲା । 'ଏସ୍' ଏବଂ ତାଙ୍କର ସ୍ୱାମୀ ଅଧିକାଂଶ ସମୟରେ ଶ୍ରୀଅରବିନ୍ଦଙ୍କୁ ତାଙ୍କ ଫଟୋଗ୍ରାଫ୍ ମଧ୍ୟରେ ଏପଟରୁ ସେପଟକୁ ବୁଲି ଚାହୁଁ ଥିବାର ଅନୁଭବ କରୁଥିଲେ । 'ଏସ୍'ଙ୍କର ସ୍ୱାମୀ ବମ୍ବେ ନଗରୀର ଅନ୍ୟ ଏକ ପାର୍ଶ୍ୱରେ ଏକ ନୂତନ ଗୃହ ନିର୍ମାଣ କରୁଥିଲେ । ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ ହେଲା; କିନ୍ତୁ 'ଏସ୍' କେନ୍ଦ୍ରଟିକୁ ଛାଡ଼ି ଅନ୍ୟତ୍ର ଯିବାକୁ ଇଚ୍ଛା କଲେ ନାହିଁ । ସେ କହୁଥା'ନ୍ତି, "The Mother has asked us to take charge of this branch of the Centre." ''ମା ଆମକୁ କେନ୍ଦ୍ରର ଏହି ଶାଖାଟିର ଦାୟିତ୍ୱ ପ୍ରଦାନ କରିଛନ୍ତି । ଆମେ କିପରି ଏହାକୁ ଛାଡ଼ି ଅନ୍ୟତ୍ର ଚାଲିଯିବା ?'' ଏହି କଥାଟି ନଳିନୀଦା'ଙ୍କ କାନରେ ପଡ଼ିଲା । ସବୁ ଶୁଣି ଦାଦା କହିଲେ, ''ମା କହିଛନ୍ତି କେନ୍ଦ୍ରଟି 'ଏସ୍'ଙ୍କ ପାଖକୁ ଗଲା । ସେଥିରେ ମା ନିର୍ଦ୍ଦିଷ୍ଟ ସ୍ଥାନ କଥା ଉଲ୍ଲେଖ କରି ନାହାନ୍ତି, ତୁମେ ତୁମର ନିଜ ଗୃହକୁ ଯାଇପାର ।'' ତତ୍ପରେ ସେମାନେ ତାଙ୍କ ନୂତନ ଗୃହକୁ ଯାଇଥିଲେ ।

ଅଗଷ୍ଟ ମାସ ୧୯୭୨ ମସିହାରେ 'ଏସ୍' ତାଙ୍କ କେନ୍ଦ୍ରର ତେର ଜଣ ସଦସ୍ୟଙ୍କଠାରୁ ''ଅଫରିଙ୍ଗ ପ୍ୟାକେଟ୍'' ନେଇ ଶ୍ରୀମା'ଙ୍କ ପାଦତଳେ ନିବେଦନ କଲେ । ମା ତାଙ୍କ ମୁଣ୍ଡରେ ଦିବ୍ୟହସ୍ତ ସ୍ଥାପନପୂର୍ବକ ହସି ହସି କହିଲେ, "How many Blessings ?" 'ଏସ୍' ଉତ୍ତରରେ କହିଲେ, '' ମା' ତେର ।'' ମା' ତତ୍‌କ୍ଷଣାତ୍ ସ୍ମିତ ହାସ୍ୟର ସହିତ ଟିକିଏ ଉଚ୍ଚ ସ୍ୱରରେ କହିଲେ, "Thirteen Blessings ?" "Yes Mother", replied 'S'. ତତ୍ପରେ ଶ୍ରୀମା 'ଏସ୍'ଙ୍କ ହାତରେ ଗଣି ଗଣି ତେରଟି ଆଶୀର୍ବାଦ ପୁଷ୍ପ ପ୍ୟାକେଟ୍ ଥୋଇଲେ । 'ଏସ୍' କହନ୍ତି, ''ଏହାହିଁ ମା'ଙ୍କଠାରୁ ପ୍ରାପ୍ତ ହୋଇଥିବା ମୋର ସର୍ବଶେଷ ଶାରୀରିକ ସ୍ପର୍ଶ ।''

ସେପ୍‌ଟେମ୍ବର ଚାରି ତାରିଖ ୧୯୮୬ ମସିହା ଭୋର ଚାରିଟା ବେଳେ 'ଏସ୍'ଙ୍କର ପୁଅବୋହୂ ଏବଂ ତାଙ୍କର ଗୋଟିଏ ଛୋଟ ଶିଶୁ 'ପାନ୍-ଆମେରିକାନ୍' ପ୍ଲେନ୍‌ରେ ଆମେରିକା ଫେରୁଥା'ନ୍ତି । ସେମାନଙ୍କର ବସିବା ସ୍ଥାନ ବିମାନଟିର ପଛ ସିଟ୍‌ରେ ସଂରକ୍ଷିତ ହୋଇଥିଲା । 'ଏସ୍'ଙ୍କ ପୁଅ ପଛ ସିଟ୍‌କୁ ବଦଳାଇ ଆଗ ସିଟ୍ ନେବା ପାଇଁ ଚେଷ୍ଟା କଲେ, କିନ୍ତୁ ବିଫଳ ହୋଇ ମନ ଦୁଃଖରେ ପଛ ସିଟ୍‌କୁ ଫେରି ଗଲେ । ବିମାନଟି କରାଚୀ ବିମାନ ବନ୍ଦରରେ ଓହ୍ଲାଇଲା ଏବଂ ଠିକ୍ ସେତିକି ବେଳେ ସେ ('ଏସ୍'ଙ୍କ ପୁଅ) ଦେଖିଲେ ତାଙ୍କ ଧ୍ୟାନ-ଗୃହରେ

ଥିବା ଶ୍ରୀମାଶ୍ରୀଅରବିନ୍ଦଙ୍କ ଫଟୋ ଭିତରୁ ଶ୍ରୀଅରବିନ୍ଦ ଓ ଶ୍ରୀମା ବାହାରକୁ ବାହାରି ଆସିଲେ ଏବଂ ତାଙ୍କ ସମ୍ମୁଖରେ ଠିଆ ହୋଇଗଲେ । ସେ ଚିତ୍କାର କରି କହି ଉଠିଲେ, "You are here ?" ''ଆପଣମାନେ ଏଠାରେ ?'' ଦୁର୍ଭାଗ୍ୟବଶତଃ ସେହି ଉଡ଼ାଜାହାଜଟି କରାଚୀ ସହରରେ ଅପହରଣ ହୋଇଗଲା । ସେତେବେଳେ ପୂର୍ବାହ୍ଣ ଏଗାରଟା ଏବଂ ତତ୍‌କ୍ଷଣାତ୍ ବିମାନ ଅପହରଣକାରୀମାନେ ଚିତ୍କାର କରି କହି ଉଠିଲେ, ''ହାତ ଉପରକୁ କର'' ("Hands up") । ଏବଂ ସେମାନେ ଏକ ''ହ୍ୟାଣ୍ଡ-ଗ୍ରେନେଡ୍'' ଫିଙ୍ଗିଲେ, ପରିଣାମରେ ସତେଇଶ ଜଣ ଯାତ୍ରୀ ମୃତ୍ୟୁବରଣ କଲେ । ଆଗ ସିଟ୍‌ରେ ବସିଥିବା ଅଧିକାଂଶ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା । ''ଏସ୍''ଙ୍କର ନାତିଙ୍କ ଦେହରେ ଗୋଟିଏ ବୁଲେଟ୍ ବାଜିଲା ଏବଂ ତାଙ୍କ ପୁଅଙ୍କ ଦେହରେ 'ଗ୍ରେନେଡ୍'ରୁ ବାହାରୁଥିବା ଛୋଟ ଛୋଟ ଖଣ୍ଡ ଯାହା କ୍ଷତିକାରକ ତାହା ଛିଟିକି ଆସି ଆଘାତ ଦେଲା, କିନ୍ତୁ ସେମାନେ ସୁରକ୍ଷିତ ଥିଲେ । ଏକଥା ସତ୍ୟ ଯେ ଯେତେବେଳେ ପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମା ସେମାନଙ୍କ ସମ୍ମୁଖରେ ଠିଆ ହୋଇ ଗଲେ ଏବଂ ସୁରକ୍ଷା ପ୍ରଦାନ କଲେ — ଆଉ ଏପରି କୌଣସି ଶକ୍ତି ଅଛି ଯେ କି ସେମାନଙ୍କର କ୍ଷତି କରି ପାରିବ ?

ଏହାହିଁ ପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମା'ଙ୍କର ସୁରକ୍ଷା ବଳୟ ।

(*Ref : How they came to Sri Aurobindo and the Mother, pp. 212-213*)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayer and Meditations – The Mother;
(୨) Musing on the Mother's Prayer's and Meditations – Shyam Kumari

**At last a pimple / acne treatment that *REALLY* works !!**
People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika
**Ayurvedic Pimple / Acne Remover**
100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଦ୍ୱୀପାନ୍ତରର କଥା

## (ଦ୍ୱିତୀୟ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ଅକୂଳର ପରିଚୟ
### (୧)

ଆଣ୍ଡାମାନ ଓ ନିକୋବର ବଙ୍ଗୋପସାଗର ବକ୍ଷରେ ବିରାଜୁ ଥିବା କେତେଗୁଡ଼ିଏ ଦ୍ୱୀପ, – ଗୋଟିଏ ଲମ୍ବା ଛିଣ୍ଡାମାଳ ପରି ଲମ୍ବ ଭାବରେ ଧାଡ଼ି ଧାଡ଼ି ହୋଇ ରହିଛି । ହୁଗୁଳୀର ମୋହନା ଠାରୁ ପାଞ୍ଚଶହ ନବେ ମାଇଲ ଦୂରରେ ଏଇ ଦ୍ୱୀପମାଳାର ଆରମ୍ଭ । ଭାରତ ମହାଦେଶର ଯେଉଁ କୋଣଟି ଆଣ୍ଡାମାନର ସବୁଠାରୁ ନିକଟତର, ତାହା ହେଉଛି ବ୍ରହ୍ମଦେଶର ନେଗ୍ରେସ୍ ଅନ୍ତରୀପ; ଆଣ୍ଡାମାନ ଠାରୁ ମାତ୍ର ଶହେ ଷାଠିଏ ମାଇଲର ବ୍ୟବଧାନ । ଏହି ଶହେ ଷାଠିଏ ମାଇଲ ଜଳର ବ୍ୟବଧାନ ମଧ୍ୟରେ ଅନ୍ୟ ଦୁଇ ଗୋଟି କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପ ରହିଛି । ସେମାନଙ୍କର ନାମ ହେଲା ପେପାରିସ୍ ଓ କୋକୋ; ଠିକ୍ ମଝି ରାସ୍ତାରେ ପେପାରିସ୍ ଓ ଆଣ୍ଡାମାନକୁ ଲାଗି କୋକୋ । କୋକୋ ପୁଣି ଦୁଇଟି – ବଡ଼ କୋକୋ ଓ ଛୋଟ କୋକୋ ।

ଆଣ୍ଡାମାନ ପ୍ରଧାନତଃ ଚାରୋଟି ଦ୍ୱୀପ, ସେମାନେ ଉତ୍ତରରୁ ଦକ୍ଷିଣ ଆଡ଼କୁ ଧାଡ଼ି କରି ହାତ ଧରାଧରି ହୋଇ ଛିଡ଼ା ହୋଇଛନ୍ତି । ଭାରତ ଯିବାକୁ ହେଲେ ପ୍ରଥମେ ଉତ୍ତର ଆଣ୍ଡାମାନ (North Andaman), ମଝିରେ ମଧ୍ୟ ଆଣ୍ଡାମାନ (Middle Andaman), ଏବଂ ଶେଷରେ ଦକ୍ଷିଣ ଆଣ୍ଡାମାନ (South Andaman) ଅବସ୍ଥିତ । ମାନଚିତ୍ରରେ ଦେଖିଲେ ତିନୋଟି ଯାକ ଦ୍ୱୀପ ଲଗାଲଗି ହୋଇ ଡିମ୍ବାକାର ଦେଖାଯା'ନ୍ତି, ଏବଂ ଦକ୍ଷିଣ ଆଣ୍ଡାମାନର ଆହୁରି ଦକ୍ଷିଣକୁ ଏକ ଛୋଟ ମଟରଦାନା ପରି ଛୋଟ ରଟ୍‌ଲ୍ୟାଣ୍ଡ୍ ଦ୍ୱୀପ ରହିଛି । ଏଇ ଚାରୋଟିର ଆଖପାଖରେ ସୋରିଷ ଦାନା ପରି ଅସଂଖ୍ୟ ଦ୍ୱୀପପୁଞ୍ଜ ବିସ୍ତାରିତ ହୋଇ ରହିଛି । ସେମାନଙ୍କ ମଧ୍ୟରୁ ପ୍ରଧାନ ଦୁଇ ଚାରୋଟିର ନାମ କହିଲେହିଁ ଚଳିବ । ଉତ୍ତର ଏବଂ ମଧ୍ୟ ଆଣ୍ଡାମାନର ପଶ୍ଚିମ ପଟେ ଇଣ୍ଟାର୍ଭିଇ ଦ୍ୱୀପ, ଏହା ଅଦ୍ୱିତୀୟ ମଧ୍ୟ; ଏବଂ ଦକ୍ଷିଣ ଆଣ୍ଡାମାନର ପୂର୍ବ ଦିଗ ନିକଟରେ ହ୍ୟାଭେଲକ୍ ଏବଂ ଆର୍‌କିପେଲେଗୋ ଦ୍ୱୀପ ।

ଉତ୍ତର ଆଣ୍ଡାମାନ ଏକାବନ ମାଇଲ ଲମ୍ବା, ମଧ୍ୟ ଆଣ୍ଡାମାନ ଅଣଷଠି ମାଇଲ ଲମ୍ବା, ଦକ୍ଷିଣ ଆଣ୍ଡାମାନ ଅଣଚାଶ ମାଇଲ, ଏବଂ ରଟ୍‌ଲ୍ୟାଣ୍ଡ ମାତ୍ର ଏଗାର ମାଇଲ ଲମ୍ବା । ଏଇ ଚାରୋଟି ଦ୍ୱୀପର ନାମ ଗ୍ରେଟ୍ ଆଣ୍ଡାମାନ । ଏହି ଦ୍ୱୀପପୁଞ୍ଜର ଅଠେଇଶ ମାଇଲ ଦକ୍ଷିଣରେ ଛୋଟ ଆଣ୍ଡାମାନ (Little Andaman) ଅବସ୍ଥିତ; ତାହାର ଦୈର୍ଘ୍ୟ ତିରିଶ ମାଇଲ ଏବଂ ପ୍ରସ୍ଥ ସତର ମାଇଲ ମାତ୍ର ।

ଦ୍ୱୀପସବୁ ବଣ ଆଉ ପାହାଡ଼ରେ ଘେରା । ଏଇ ଭୂମି ଯେମିତି ପାଷାଣୀ ସେମିତି ରୂପସୀ; ନିଜସ୍ୱ ଭାବନାରେ ମତୁଆଲା ତଥା ନୀଳ ସିନ୍ଧୁର ବୁକୁରେ ବନକୁନ୍ତଳାରେ ଅର୍ଦ୍ଧେକ ଅଙ୍ଗ ଆଚ୍ଛାଦନ କରି ପ୍ରେମରେ ମଗ୍ନା ରୂପସୀ ସତେ ଯେପରି ଭାସମାନ । କେବେ ସେ ସୁନ୍ଦରୀ ସ୍ନାନ କରିବାକୁ ଜଳକୁ ଓହ୍ଲାଇ ଥିଲା, ମନେ ହେଉଛି ସେ ସୁଖର ଜଳକେଳି ଆଜି ବି ଶେଷ ହୋଇ ନାହିଁ । ଗିରିବାଳାର କାଖର କଳସୀ ବୋଧହୁଏ କଳା ଢେଉରେ ନୀଳ ଅକୂଳର ବକ୍ଷରେ ଭାସି ଯାଇଛି, ସ୍ନାନରତା ବନରାଣୀର ସେ ଦିଗକୁ ଲକ୍ଷ୍ୟ ବି ନାହିଁ ।

ଏଇ ଗିରିଜଟାର ସର୍ବାପେକ୍ଷା ଉଚ୍ଚ ଶୃଙ୍ଗ ଉତ୍ତର ଆଣ୍ଡାମାନର ସାଡ଼ଲ୍ ମାଉଣ୍ଟେନ୍ (Saddle mountain); ଉଚ୍ଚତା ତିନି ହଜାର ଫୁଟ ।

ଷଡ଼ ଋତୁର ଖେଳ ଏଠାରେ ବଡ଼ ବିଚିତ୍ର । ବର୍ଷା ତ ଏକ ପ୍ରକାର ଲାଗି ରହିଛି । ଆଉ ରହିଛି ଗ୍ରୀଷ୍ମ । ବାକି ଋତୁଗୁଡ଼ିକ ଏଇ ଦୁଇଟିକୁ ଆଗ ପଛ କରି ଯେଉଁ ଅତର୍କିତ ପଦରେ ଆସି ଉଙ୍କି ମାରି ଯାଆନ୍ତି, ସେମାନଙ୍କୁ ସବୁ ସମୟରେ ଧରି ହୁଏନା । କେବଳ ଗ୍ରୀଷ୍ମକାଳ ଏବଂ ଶୀତର ନାତିଶୀତୋଷ୍ଣ ମାସ କେତୋଟି ଛଡ଼ା ଆଉ ପ୍ରାୟ ସବୁ ଋତୁଗୁଡ଼ିକ ବର୍ଷାରେ ଅଳ୍ପ ବହୁତେ ଭିଜା ଥାଆନ୍ତି; କେତେବେଳେ ବା ପୂର୍ଣ୍ଣ ଘନଘଟାମୟୀ, ପୁଣି କେତେବେଳେ ହସ ବା ଅଶ୍ରୁର ସୁଖ ଅଭିମାନରେ ଅଭିମାନିନୀ । ଏହିପରି ଆଗରୁ ବର୍ଷା ଥିଲା ବର୍ଷରେ ଆଠମାସ ବ୍ୟାପୀ, ବର୍ତ୍ତମାନ ବଣ ଜଙ୍ଗଲ କିଛି କିଛି ପରିଷ୍କାର ହେବାରୁ ଟିକିଏ କମ୍ ଅଛି । ସର୍ବମୋଟରେ ଋତୁର କୌଣସି ସ୍ଥିରତା ନାହିଁ;

ଛଅଟି ଋତୁ ଦୌଡ଼ଧାପଡ଼ କରି ଜଣେ ଅନ୍ୟ ଜଣକ ଉପରେ ଲଦି ହୋଇ, ଠେଲି ହୋଇ ଅତର୍କିତ ଭାବେ କେତେ କ'ଣ ଲୁଚକାଳି ଖେଳ ଖେଳି ଯାଆନ୍ତି ।

ସମୁଦ୍ରର କଳା ଜଳ ଚାରି ଦିଗରୁ ଏଇ ବନଭୂମିର ପାଷାଣ ବନ୍ଧୁର ଅଙ୍ଗଟିକୁ ଘେରି ନାନା ଦିଗରୁ ଛୋଟ ଛୋଟ ଶିଆଳୀ ସୃଷ୍ଟି ହୋଇ ଭିତରକୁ ଆସିଛି, ତା'ର କିଛି ହିସାବ କିତାବ କିଛି ନାହିଁ । ଜୁଆର ଭଟ୍ଟାରେ ଏଇ ଝାଡ଼ି, ବୁଦାଗୁଡ଼ିକରେ ଗଛର ପତ୍ରଗୁଡ଼ିକ ପଡ଼ି ପଚିଥାଏ, ତେଣୁ ଏ ଦେଶରେ ମ୍ୟାଲେରିଆର ବହୁତ ପ୍ରାଦୁର୍ଭାବ । ମ୍ୟାଲେରିଆ ରୋଗର ବାହକ ମଶାମାନଙ୍କର ତ ଏଠାରେ ଅଗାଧ ଅକ୍ଷୌହିଣୀ ସେନା ଅଛନ୍ତି । ବୁଢ଼ିଆଣୀ ପରି ଖୁବ୍ ବଡ଼ ବଡ଼ ଅଦ୍ଭୁତ ଆକୃତିର ମଶା ବି ଅଛନ୍ତି, ସେମାନଙ୍କର ଲମ୍ବା ଲମ୍ବା ଗୋଡ଼ ଉପରେ ବସି କ୍ରମାଗତ ଝୁଲନ୍ତି; ଏତେ ଜୋର୍‌ରେ ଝୁଲନ୍ତି ଯେ ମଶାଟିକୁ ଦେଖିବା କାଠିକର ପାଠ । ବଣ ମଝିରେ ସକାଳେ ଓ ସନ୍ଧ୍ୟାରେ ମଶା ଏବଂ ଛୋଟ ଛୋଟ ମାଛିର ପ୍ରାଦୁର୍ଭାବରେ ଛିଡ଼ା ହୋଇ ହୁଏନା, ପୂରାପୂରି ସପ୍ତରଥୀର କାରୁକୌଶଳରେ ମନୁଷ୍ୟକୁ ଅଭିମନ୍ୟୁ ଭଳି ବଧ କରିବାକୁ ଚାହାନ୍ତି ! ତା' ଉପରେ ପୁଣି ଜୋକ ! ଗଛର ଡାଳ ପତ୍ରରେ, ଘାସରେ ଏବଂ ସାରୁ ବଣରେ, – ଛୋଟ ଛୋଟ ଜୋକ ଯେ କେଉଁଠି ନାହାନ୍ତି ! ରୌଦ୍ରର ତାପରେ ସେମାନେ ଲୁଚି ଥାଆନ୍ତି; ଗୋଟିଏ ଅସରା ବର୍ଷା ଯଦି ଦୈବାତ୍ ଅଜାଡ଼ି ପଡ଼ିଲା, ତାହା ହେଲେ ଆଉ ରକ୍ଷା ନାହିଁ ! ସେଇ ଅବସ୍ଥାରେ ମଣିଷର ଗନ୍ଧ ଅବା ଆଭାସ ପାଇଲେ ସେମାନେ ଊର୍ଦ୍ଧ୍ୱଶ୍ୱାସରେ ଛୁଟି ଆସନ୍ତି, ଉପରୁ ଟୁପ୍ ଟାପ୍ କରି ମୁଣ୍ଡ ଉପରେ ପଡ଼ିଥାଆନ୍ତି । ତେନ୍ତୁଳିଆ ବିଛା ଏଠାରେ ସର୍ବାପେକ୍ଷା ବଡ଼ ହେଲେ ଏକ ହାତ ଲମ୍ବା ଏବଂ ଏକ ଇଞ୍ଚ ମୋଟା ହୁଏ; ଦଂଶନ କଲେ ପକ୍ଷାଘାତ ଇତ୍ୟାଦି ହେବାର ଦେଖାଯାଇଛି । ସର୍ପର ବିଷ ଏଠାରେ ମାରାତ୍ମକ ନୁହେଁ । ଗୋଖର ପ୍ରାୟ ନାହିଁ ! ଏକ ପ୍ରକାର ଖୁବ୍ ଛୋଟ ସର୍ପ ମଧ୍ୟ ଥିଲା, ତା'ର ନାମ ଭାଇପାର । ତା'ର ବିଷରେ ମୃତ୍ୟୁ ଅନିବାର୍ଯ୍ୟ । ବର୍ତ୍ତମାନ ମଧ୍ୟ କେଉଁଠି କେଉଁଠି ଗଭୀର ବଣ ମଧ୍ୟରେ ଏ ସର୍ପ ଅଛନ୍ତି । ଆଣ୍ଡାମାନ ପ୍ରଧାନତଃ ରଙ୍ଗ ବେରଙ୍ଗର କୀଟ ପତଙ୍ଗରହିଁ ଦେଶ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ନୀରବତା
## (୩)
## ଗୟାଧର ଦାଶ

ଶ୍ରୀଅରବିନ୍ଦ କହନ୍ତି ଯେ ବିଶ୍ୱରେ ଦୁଇଟି ମହାନ୍ ଶକ୍ତି ରହିଛି । ସେଇ ଦୁଇଟି ହେଉଛି ବାକ୍ ଓ ନୀରବତା । ବାକ୍ ସୃଷ୍ଟି କରେ; ନୀରବତା ପ୍ରସ୍ତୁତ କରେ । ବାକ୍ କାର୍ଯ୍ୟକୁ ଆବେଗ ଦିଏ କିନ୍ତୁ ନୀରବତା କ୍ରିୟା କରେ । ନୀରବତା ବାଧ କରେ, ବାକ୍ ପ୍ରବର୍ତ୍ତାଏ । ଅନନ୍ତ ସମୁଦ୍ରର ଉପରି ଭାଗ କୋଳାହଳ ସୃଷ୍ଟି କରେ; କିନ୍ତୁ ଅନ୍ତରରେ ବିଶାଳ ନୀରବତା ବିରାଜମାନ କରୁଥାଏ । ସେହିପରି ଏକ ବିଶାଳ ଜଗତର ପଶ୍ଚାତରେ ଏକ ବିଶାଳ ନୀରବତା ରହିଛି ଯାହାର ବାହ୍ୟ ପ୍ରକାଶ କୋଳାହଳମୟ । ପ୍ରକୃତିର ନିୟମ ହେଉଛି ଯେତେବେଳେ ଆମେ କାର୍ଯ୍ୟ କରିବାକୁ ଆରମ୍ଭ କରୁ ସେତେବେଳେ ପ୍ରକୃତିର ଶକ୍ତି ଆମ ଭିତରେ କ୍ରିୟା କରେ ଏବଂ ପ୍ରକୃତିର ତ୍ରିଗୁଣାତ୍ମକ ଶକ୍ତିର କବଳରେ ଆମେ ପଡ଼ିଥାଉ । କିନ୍ତୁ ଯେତେବେଳେ ଆମେ ଅନ୍ତର ଭିତରେ ନୀରବ ହୋଇଯାଉ ସେତେବେଳେ ପ୍ରକୃତିର ତ୍ରିଗୁଣାତ୍ମକ ଶକ୍ତିର କବଳରୁ ମୁକ୍ତ ହୋଇ ତା'ର ମାଲିକ ହୋଇଯାଉ । ଯିଏ ଶାନ୍ତ ଓ ନୀରବ ରହିଥାଏ ସିଏ ଅଧିକ ଶକ୍ତିଶାଳୀ ହୋଇଥାଏ ଏବଂ କୋଳାହଳ ସୃଷ୍ଟି କରୁଥିବା ବା ଅଧିକ କଥାବାର୍ତ୍ତା କରୁଥିବା ବ୍ୟକ୍ତିଟି ଅଧିକ ଦୁର୍ବଳ ହୋଇଥାଏ ।

ସାଧାରଣତଃ ଆମେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଧାଁଧପଡ଼ କରି ଅନେକ କାର୍ଯ୍ୟ କରିଥାଉ ବୋଲି ମନେ କରିଥାଉ ଏବଂ ତା'ପରେ ହାଲିଆ ହୋଇ ବସିପଡୁ ଅଥବା ଶୋଇପଡୁ । କିଛିକ୍ଷଣ ନୀରବରେ ବସି ନିରୀକ୍ଷଣ କଲେ ଜଣାପଡ଼େ ଯେ ସେପରି କାର୍ଯ୍ୟରେ ଆମେ ଅନେକ ଶକ୍ତି ହରାଇ ଥାଉ । ଅଯଥା ଗୁଡ଼ାଏ କାମ କରିଥାଉ ଏବଂ ବାଛ-ବିଚାର ନକରି ଭଲ ବଦଳରେ ମନ୍ଦହିଁ କରିଥାଉ । ଚଞ୍ଚଳ ମନ ଭଲମନ୍ଦ ବିଚାର କରି ପାରେନା, କାର୍ଯ୍ୟ କରିବାର ଜ୍ଞାନ ଓ କୌଶଳ ମଧ୍ୟ ତା'ର ନଥାଏ । ତେଣୁ ମନଟି ଶକ୍ତିହୀନ ଓ ଲକ୍ଷ୍ୟହୀନ ହୋଇ ଦେହ ଓ ପ୍ରାଣକୁ ପ୍ରଭାବିତ କରିଥାଏ, ଯଦ୍ଦ୍ୱାରା ଦେହ ଓ ପ୍ରାଣ ଅସ୍ଥିର ହୋଇ ଠିକ୍ ଭାବେ କାର୍ଯ୍ୟ ନକରିବା ଦ୍ୱାରା ସତ୍ତାରେ ଅସଙ୍ଗତି ସୃଷ୍ଟି ହୁଏ ଏବଂ ବ୍ୟକ୍ତି ଅସୁସ୍ଥ ଅନୁଭବ କରେ । ଅନ୍ୟପକ୍ଷରେ ସତ୍ୟ ପ୍ରତି ଚେତନାକୁ ଖୋଲି ଧରି ଶାନ୍ତ ଓ ନୀରବରେ କାର୍ଯ୍ୟ କଲେ କାର୍ଯ୍ୟଟି ସୁନ୍ଦର ଭାବେ ଏବଂ ପୂର୍ଣ୍ଣ ରୂପେ କମ୍ ସମୟ ଭିତରେ ସମ୍ପାଦିତ ହୋଇଥାଏ । ତଦ୍ଦ୍ୱାରା ବ୍ୟକ୍ତି ହାଲିଆ ହୁଏ ନାହିଁ ଏବଂ କାର୍ଯ୍ୟରୁ ଶାନ୍ତି ଓ ଆନନ୍ଦ ମିଳିଥାଏ । ଦିନସାରା ନିରର୍ଥକ କଥାରେ ଶକ୍ତି ବ୍ୟୟ କରି କାର୍ଯ୍ୟ କଲେ ଫଳ ଯାହା ହୁଏ ତାହା ଆମକୁ ଜଣା । ସେଥିପାଇଁ ମାଆ ଆମକୁ 'No words – acts' ଅର୍ଥାତ୍, 'ବାକ୍ୟ ନୁହେଁ – କର୍ମ' ବୋଲି କହିଛନ୍ତି । ଯେତେ ସମ୍ଭବ କମ୍ କଥା କହିବ ଏବଂ ଅଧିକ କାର୍ଯ୍ୟ କରିବ । 'Remember and Offer', 'ସ୍ମରଣ ଏବଂ ସମର୍ପଣ କର' । ଯେତେ ସମ୍ଭବ ଭଗବାନଙ୍କ ନାମ ସ୍ମରଣ କରିବା ସହ ସମସ୍ତ କର୍ମକୁ ସମର୍ପଣ କରିବାର ମନ୍ତ୍ର ମାଆ ଆମକୁ ଶିକ୍ଷା ଦେଇଛନ୍ତି । ମା' କହନ୍ତି : ''In the silence of a simple and faithful heart one can understand the mystery of incarnation.''

(CWM, Vol - 14, p. 350)

ଅର୍ଥାତ୍, ''ଏକ ସରଳ ଓ ବିଶ୍ୱସ୍ତ ହୃଦୟର ନୀରବତା ମଧ୍ୟରେ ଜଣେ ଅବତାର ଗ୍ରହଣର ରହସ୍ୟକୁ ବୁଝି ପାରିବ ।''

ଏପରିକି ଏହି ମାନବ ଶରୀର ଧରି ଆମେ ଏହି ସଂସାରକୁ କାହିଁକି ଆସିଅଛୁ ତାହା ମଧ୍ୟ ଜାଣି ପାରିବା । ଶ୍ରୀଅରବିନ୍ଦଙ୍କ ରଚିତ ପୁସ୍ତକଗୁଡ଼ିକୁ ପାଠ କଲେ ଆମେ କିଛି ବୁଝି ପାରନ୍ତି ନାହିଁ । ମାଆ କହନ୍ତି – ଅଳ୍ପ ପାଠ କରିବ ଏବଂ ନୀରବରେ ବସି ସତ୍ୟ ପ୍ରତି ନିଜକୁ ଖୋଲି ଧରିବ । ଜ୍ଞାନ ନିଜ ଭିତରୁହିଁ ପ୍ରକଟିତ ହେବ । ବାରଂବାର ଏହିପରି ନିଷ୍ଠାପୂର୍ଣ୍ଣ ପ୍ରୟାସ ଜାରି ରଖିଲେ ଶବ୍ଦ ଶକ୍ତି ସ୍ୱୟଂ ପ୍ରକାଶିତ ହେବେ ।

ନୀରବତାର ମଧ୍ୟ ଏକ ଭାଷା ରହିଛି ଯାହା କଥା କହେ; ନୀରବତା ମଧ୍ୟରେ ଜଣେ ନିଜର ଅନ୍ତରାତ୍ମା ସହ କଥାବାର୍ତ୍ତା କରିପାରେ । ସେହି ଭାଷାକୁ ବୁଝିବା ପାଇଁ ଆମର ସାମର୍ଥ୍ୟ ରହିବା ଆବଶ୍ୟକ । ଅଚଞ୍ଚଳ, ଶାନ୍ତ ଓ ଗ୍ରହଣଶୀଳ ମନ, ପ୍ରାଣ ଓ ଶରୀର ଅନ୍ତରାତ୍ମାର ଭାଷାକୁ ବୁଝିପାରେ ।

ମା' ତାଙ୍କର ଏକ ଅନୁଭୂତି ସମ୍ପର୍କରେ କହନ୍ତି ଯେ ଏକଦା ସେ ଜଣେ ଭାରତୀୟଙ୍କୁ ଭେଟିଥିଲେ, ଯିଏ ଗୀତାର ପ୍ରବକ୍ତା ଓ ନୀରବତାର ଉପାସକ ଥିଲେ । ସେ କହୁଥିଲେ, ଯେତେବେଳେ ସେ ତାଙ୍କର ଶିଷ୍ୟମାନଙ୍କୁ ଭେଟିବାକୁ ଯାଆନ୍ତି ଏବଂ ଶିଷ୍ୟମାନେ ଯଦି ଯଥାର୍ଥ ସ୍ଥିତିରେ ଥାଆନ୍ତି, ଗ୍ରହଣଶୀଳ ଓ ଶାନ୍ତ ସ୍ଥିତିରେ ଥାଆନ୍ତି, ତେବେ ସେ ଶିଷ୍ୟମାନଙ୍କୁ କିଛି ବି କହନ୍ତି ନାହିଁ । ସେ ଶିଷ୍ୟମାନଙ୍କ ସହ ବସି ନୀରବତାକୁ ଆବାହନ କରନ୍ତି । ନୀରବତା ଭିତରେ ସେମାନଙ୍କର କିଛି ନା କିଛି ଉପଲବ୍ଧି ହୋଇଥାଏ । ଯେତେବେଳେ ସେମାନେ ଯଥେଷ୍ଟ ଭାବେ ଭଲ ସ୍ଥିତିରେ ନଥା'ନ୍ତି, ସେତେବେଳେ ସେ ବହୁତ କମ୍ କଥା କହନ୍ତି ଏବଂ ସେମାନଙ୍କୁ ଯଥାର୍ଥ ସ୍ଥିତିରେ ରହିବା ପାଇଁ ପ୍ରୟାସ କରନ୍ତି । ଯେତେବେଳେ ସେମାନେ ଖରାପ ସ୍ଥିତିରେ ଥାଆନ୍ତି ବା ଅଶାନ୍ତ ସ୍ଥିତିରେ ଥାଆନ୍ତି ସେତେବେଳେ ସେମାନେ ନାନା ପ୍ରଶ୍ନ ପଚାରି ଥାଆନ୍ତି । ଏଥିରୁ ଆମେ ଆମର ସ୍ଥିତି ସମ୍ବନ୍ଧରେ ଅନୁମାନ କରି ପାରିବା । ସେଥିପାଇଁ ମାଆ କହନ୍ତି –

''In silence, the consciousness grows. It aspires to know You more and more perfectly.''

(CWM, Vol. - 17, p. 373)

''ନୀରବତା ମଧ୍ୟରେ ଚେତନାର ଅଭିବୃଦ୍ଧି ହୁଏ । ଏହା ଆପଣଙ୍କୁ (ପରମଙ୍କୁ) ଅଧିକରୁ ଅଧିକ ପୂର୍ଣ୍ଣଭାବେ ଜାଣିବା ଲାଗି ଆସ୍ପୃହା କରେ ।'' ନୀରବତା ମଧ୍ୟରେ ଆମର ମହାନ୍ ଆସ୍ପୃହା ଏବଂ ସର୍ବୋତ୍ତମ ଶ୍ରଦ୍ଧା ନିହିତ ଅଛି । ''Let us adore in silence and listen to the Divine in a deep concentration.'' (CWM, Vol. - 14, p. 142)

''ଆସ ଆମେ ନୀରବତା ମଧ୍ୟରେ ଦିବ୍ୟସତ୍ତାଙ୍କର ଉପାସନା କରିବା ଏବଂ ଏକ ଗଭୀର ଏକାଗ୍ରତା ମଧ୍ୟରେ ସେହି ଦିବ୍ୟସତ୍ତାଙ୍କର ବାଣୀ ଶ୍ରବଣ କରିବା ।''

ଏକଦା ବୁଦ୍ଧଦେବ ପ୍ରବଚନ ଦେଉଥିବା ସମୟରେ ଜଣେ ଶିଷ୍ୟ ଢୋଳାଉଥା'ନ୍ତି । ଏହା ଲକ୍ଷ୍ୟ କରି ବୁଦ୍ଧଦେବ କହିଲେ, 'ବତ୍ସ ! ତୁମେ ଢୋଳାଉଛ କି ?' ଶିଷ୍ୟ କହିଲେ, 'ନା ମହାଭାଗ ।' କିଛି ସମୟ ପରେ ଶିଷ୍ୟ ଜଣକ ପୁଣି ଢୋଳାଇବାରୁ ବୁଦ୍ଧଦେବ କହିଲେ, 'ବତ୍ସ ! ତୁମେ ନିଦ୍ରା ଗଲ କି ?' ଶିଷ୍ୟ କହିଲେ, 'ନା ମହାଭାଗ ।' ପୁନଶ୍ଚ କିଛି ସମୟ ପରେ ସେହି ଶିଷ୍ୟ ଜଣକ ଢୋଳାଇବାରୁ ବୁଦ୍ଧଦେବ ପଚାରିଲେ, 'ବତ୍ସ ! ତୁମେ ଜୀବିତ କି ?' ଏଥର ମଧ୍ୟ ଶିଷ୍ୟ ଜଣକ କହିଲେ – 'ନା ମହାଭାଗ ।' ଏଥିରୁ ଜଣାଯାଏ ଶିଷ୍ୟ ଜଣକ କେତେ ସଚେତନ । ତନ୍ଦ୍ରାଳୁତାର ଶିକାର ହୋଇ ଆମେ ଆମ ଜୀବନରେ ଏହିପରି ଭାବେ ଆଚରଣ କରିଥାଉ । ଆମ ଭିତରେ ଏବଂ ବାହାରେ କ'ଣ ଘଟିଯାଉଛି ତାହା ମଧ୍ୟ ଜାଣି ପାରୁନା । ଏପରି ଅର୍ଦ୍ଧ ମୃତାବସ୍ଥାରେ ବ୍ୟକ୍ତିର ଅଗ୍ରଗତି ହେବା ସମ୍ଭବ ନୁହେଁ ।

ଶ୍ରୀଅରବିନ୍ଦ ତାଙ୍କର ''The self's Infinity'' କବିତାରେ ସ୍ୱୀକାର କରିଛନ୍ତି ଯେ ''My life is a silence grasped by timeless hands;'' ''ମୋର ଜୀବନହିଁ ନୀରବତା ଯାହା ଅନନ୍ତଙ୍କ ହସ୍ତ ଦ୍ୱାରା ଦୃଢ଼ ଭାବେ ଧରା ହୋଇଛି;''

କୋଳାହଳପୂର୍ଣ୍ଣ ଜୀବନ ବଞ୍ଚିବାକୁ ଭଲ ଲାଗୁ ନଥିଲେ ବି ସାମୟିକ ଫୂର୍ତ୍ତି ଏବଂ ନିମ୍ନ ପ୍ରକୃତିର କାମନା-ବାସନା ପୂରଣ ନିମନ୍ତେ ମଣିଷ ନାନା ପର୍ବପର୍ବାଣୀ, ଉତ୍ସବ, ଯାନିଯାତ୍ରାମାନ ପାଳନ କରିବାକୁ ଭଲପାଏ । ଏସବୁ କୋଳାହଳ ଓ ବ୍ୟସ୍ତ ଜୀବନ ଭିତରେ ଅନ୍ତରର ନୀରବତା ହଜିଯାଏ; ଆତ୍ମଜ୍ୟୋତିଃ ନିଷ୍ପ୍ରଭ ହୋଇଯାଏ । ଇନ୍ଦ୍ରିୟ ସୁଖର ବର୍ଣ୍ଣାଢ୍ୟ ପରିବେଶ ଭିତରେ ମନୁଷ୍ୟ ତା'ର ଅସଲ ପରିଚୟଟି ମଧ୍ୟ ଭୁଲିଯାଏ । ଆନ୍ତର ଦୁନିଆର ନୀରବତାକୁ ହଜାଇ ଦେଇ ତାହାକୁ ବାହାର ଦୁନିଆରେ ଖୋଜିଲେ ନୀରବତା ମିଳେନା । ଆବାହନ ନଥିଲେ କରୁଣା ଝରି ଆସେନା । ଅଭୀପ୍ସା ନଥିଲେ ପଥ ମିଳେନା । ମନର ଖୁସି ପାଇଁ ମଣିଷ ନାନା ତୀର୍ଥଯାତ୍ରାରେ ଯାଏ ଏବଂ ଦର୍ଶନୀୟ ସ୍ଥାନ ଭ୍ରମଣରେ ସାମୟିକ ଆନନ୍ଦ ଲାଭ କରେ । ପ୍ରକୃତିର ନୈସର୍ଗିକ ଶୋଭା ଭଣ୍ଡାରଗୁଡ଼ିକ ଏବେ କୋଳାହଳପୂର୍ଣ୍ଣ ତୀର୍ଥ ସ୍ଥାନରେ ପରିଣତ ହୋଇ ଗଲାଣି । ଅଗ୍ନି, ବାୟୁ, ଜଳ, ମାଟି, ଆକାଶ ସବୁକିଛି ଅଶାନ୍ତ । ଏପରିକି ଜଙ୍ଗଲର ପଶୁପକ୍ଷୀମାନେ ମଧ୍ୟ ଅସୁରକ୍ଷିତ, କାରଣ ଶାନ୍ତ ଜଙ୍ଗଲ ପରିବେଶଟି ଅଶାନ୍ତ ହୋଇ ଉଠିଛି । କସ୍ତୁରୀ ମୃଗ ନିଜ ଭିତରର କସ୍ତୁରୀକୁ ନଜାଣି ବାହାରେ ଯେପରି କସ୍ତୁରୀକୁ ଖୋଜି ଚାଲେ ମଣିଷ ସେହିପରି ନିଜ ଭିତରର ନୀରବତାକୁ ନଜାଣି ବାହ୍ୟ ଦୁନିଆରେ ନୀରବତାକୁ ଖୋଜି ଚାଲିଛି । ଜୀବନକୁ ଘେରି ରହିଥିବା ନୀରବତା ଆମ ପାଇଁ ଆଜି ସାତ ସପନ ହୋଇଛି ।

ଆଜିର ମନୁଷ୍ୟ ଏକ ବିଭୀଷିକାମୟ ବଳୟ ଭିତରେ

ଘୂରି ବୁଲୁଛି । ବ୍ୟସ୍ତ ଜୀବନରେ ଶାନ୍ତ ହୋଇ ବସିବା ଏବଂ ନିଜକୁ ନିରୀକ୍ଷଣ କରିବା ପାଇଁ ତା' ପାଖରେ ସମୟ ନାହିଁ । ବ୍ୟସ୍ତତା ଓ ବ୍ୟଗ୍ରତା ଭିତରେ ପେଶି ହୋଇ ଯାଉଥିବା ମଣିଷ କେଉଁ ଦିଗକୁ ଅଗ୍ରଗତି କରୁଛି ତାହା ସମୀକ୍ଷା କରିବାର ସମୟ ଉପସ୍ଥିତ । ସ୍ୱଳ୍ପ ଅବଧିର ଏହି ଜୀବନର ଗତିଧାରା ନୀରବ ହୋଇଯିବା ପୂର୍ବରୁ ଆମକୁ ଅସଲ ନୀରବତାର ସ୍ପର୍ଶ ଲାଭ କରିବାକୁ ହେବ । ସେଥିପାଇଁ ମାତୃଶକ୍ତିକୁ ଆବାହନ କରିବା ସହ ନିଜକୁ ଯେତେ ସମ୍ଭବ ନୀରବତା ପାଖରେ ସମର୍ପଣ କରିବାକୁ ହେବ । ମା' କହନ୍ତି – ''The only thing you have to do is to remain quiet, undisturbed, solely turned towards the Divine, the rest is in His hands.''

(CWM, Vol. - 14, p. 111)

ଅର୍ଥାତ୍, ''ତୁମକୁ କେବଳ ସ୍ଥିର ହୋଇ ରହିବାକୁ ପଡ଼ିବ, ଅବିଚଳିତ ହୋଇ ରହିବାକୁ ପଡ଼ିବ, ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କର ଅଭିମୁଖୀ ହୋଇ ରହିବାକୁ ପଡ଼ିବ । ଏହାପରେ ଆଉ ଯାହାକିଛି ରହିଲା, ସେକଥା ସେହି ଦିବ୍ୟ ପରମସତ୍ତାହିଁ ବୁଝିବେ ।''

(କ୍ରମଶଃ)

❑❑❑

# ନବବର୍ଷ କହେ

## ରାମଚନ୍ଦ୍ର ପାଣି

ନବବର୍ଷ କହେ ପୁରୁଣାକୁ ତ୍ୟଜି
ନୂତନ କର ଗଠନ,
ନିତି ନବ ନବ ଚେତନା ଉଦ୍ଭବ,
ସତ୍ତାର ରୂପାନ୍ତରଣ । (୧)

ଅତୀତର କୃତି, ଅତୀତର ସ୍ମୃତି
ଅବଚେତନାରେ ସ୍ଥାନ,
ହୃଦୟେ, ମନରେ ନବ ଚେତନାରେ
ସର୍ବେ କର ଅବସ୍ଥାନ । (୨)

ଯେତେ ଅପକର୍ମ, ଯେତେ ମିଥ୍ୟା, ଭ୍ରମ
କର ହେ ସର୍ବେ ବର୍ଜନ,
ଶୁଭ କର୍ମ ଲାଗି ଦେହ, ମନ ସହ
ପ୍ରାଣେ କର ଉତ୍ତରଣ । (୩)

ଆତ୍ମାର ଶୁଦ୍ଧତା, ହୃଦ ପବିତ୍ରତା,
ଶରୀର ରଖ ଅମ୍ଳାନ,



ହୃଦେ ଚୈତ୍ୟସତ୍ତା ଜାଗ୍ରତ ଅବସ୍ଥା
ସଦା କର ନିରୀକ୍ଷଣ । (୪)

ପ୍ରମାଦ ଯା' କୃତ କରି ସଂଶୋଧିତ
କର ଜୀବନ ଯାପନ,
ଶୁଦ୍ଧପୂତ ରୁହ, ଅଶୁଦ୍ଧିକୁ ତ୍ୟଜି,
ଦୋଷ ଛାଡ଼ି ରଖ ଗୁଣ । (୫)

ବ୍ୟାଧିମାନ ତ୍ୟଜ, ମାତୃପଦ ଭଜ,
ରୁହ ସୁସ୍ଥ ନିତିଦିନ,
ହୁଅ ବଳୀୟାନ, ସୁଜାଗ୍ରତ ପ୍ରାଣ,
ସୁକର୍ମେ ରୁହ ହେ ମଗ୍ନ । (୬)

ସ୍ୱାର୍ଥ କର ତ୍ୟାଗ, ଭୋଗଲିପ୍ସା ତ୍ୟଜ,
ହୁଅ ଲକ୍ଷ୍ୟେ ଆଗୁଆନ,
ଲକ୍ଷ୍ୟ ରୂପାନ୍ତର ସମଗ୍ର ସତ୍ତାର
ଚୈତ୍ୟ-ଦେହ-ମନ-ପ୍ରାଣ । (୭) ❑

## ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୧୪) :

# ଆମ ପରିଚାଳନା ସମିତି

## ପ୍ରସାଦ ତ୍ରିପାଠୀ

*ପ୍ରଶ୍ନ : ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପରିଚାଳନାରେ କେଉଁମାନେ ରହିବେ ଏବଂ ସେମାନଙ୍କର ଭୂମିକା କ'ଣ ହେବା ଉଚିତ ?*

ଉତ୍ତର : ସରକାରୀ ହସ୍ତକ୍ଷେପ ତଥା ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ ଥାଇ ଗୋଟିଏ ସ୍ୱତନ୍ତ୍ର ପରିଚାଳନା ସମିତି ଗଢ଼ିବା ନିମନ୍ତେ ସରକାରଙ୍କଠାରୁ ଆମେ ଅନୁମତି ପାଇଛୁ । ସେଥିରେ ଯଦିଓ ଭିନ୍ନ ଭିନ୍ନ ପ୍ରକାରର ୧୧ ଜଣ ରହିବେ ତେବେ ଆରମ୍ଭରୁ ଦେଖିବାକୁ ହେବ ଯେପରି ୧୧ ଜଣ ଯାକ ସମସ୍ତେ ପାଠଚକ୍ରର ସଭ୍ୟ ଥିବେ । ପାଠଚକ୍ରର ସଭ୍ୟ କହିଲେ ରେଜିଷ୍ଟରରେ ନାଁ ଥିବା କିଂବା ମାସକୁ ମାସ ନିୟମିତ ଭାବେ ଚାନ୍ଦା ଦେଇ ଦେବାକୁ ବୁଝାଏ ନାହିଁ । ପାଠଚକ୍ରର ସଭ୍ୟ କହିଲେ ଯିଏ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ପ୍ରାଣଭରି ଭଲ ପାଉଥିବେ, ଶ୍ରୀମାଶ୍ରୀଅରବିନ୍ଦ ଯେଉଁ ସର୍ବଶେଷ ସିଦ୍ଧାନ୍ତ ପ୍ରକାଶ କରିଛନ୍ତି – ଏ ସମ୍ପର୍କରେ ନିଃସନ୍ଦେହ ଥିବେ, କେବଳ ସେମାନଙ୍କ ନିମନ୍ତେ ସମଗ୍ର ଜୀବନ ବଞ୍ଚିବା ପାଇଁ ନିଜ ଭିତରେ ଏକ ପ୍ରେରଣା ପାଉଥିବେ, ଶ୍ରୀମାଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ କରୁଥିବେ, ବାବାଜି ମହାରାଜ ଏବଂ ପ୍ରପତ୍ତି ମହାଶୟ କିପରି ପାଠଚକ୍ର ଆରମ୍ଭ କରି ସେହି ଧାରାରେ କାର୍ଯ୍ୟର ଅଗ୍ରସର କରାଇଛନ୍ତି ସେ ବିଷୟରେ ଏକ ସ୍ପଷ୍ଟ ଧାରଣା ଥିବ, ବାବାଜି ମହାରାଜଙ୍କ ରଚିତ ଓଡ଼ିଆ ଭାଷାରେ ଲୋକସାହିତ୍ୟ ପୁସ୍ତକାବଳୀ ଅଧ୍ୟୟନ ମଧ୍ୟ କରିଥିବେ; ସର୍ବୋପରି ନିୟମିତ ରୂପେ ସାପ୍ତାହିକ ପାଠଚକ୍ରରେ ଯୋଗଦେଇ ଧ୍ୟାନ, ଜପ, ଆଲୋଚନା ଇତ୍ୟାଦିରେ ଅଂଶଗ୍ରହଣ କରୁଥିବେ – ସେଇମାନଙ୍କୁହିଁ ବୁଝାଏ । ଅବଶ୍ୟ ସ୍ଥଳବିଶେଷରେ ଏସବୁ ପୂରଣ କରିପାରି ନଥିବା ବ୍ୟକ୍ତିମାନଙ୍କୁ କିଛି କିଛି ନିଆଯାଇପାରେ ଏବଂ ସେମାନଙ୍କୁ ଏଇ ଧାରାରେ ଅନୁପ୍ରାଣିତ କରିବା ପାଇଁ ଅନ୍ୟମାନେ ଉଦ୍ୟମ କରିପାରନ୍ତି । ତଥାପି ସେମାନଙ୍କ ସଂଖ୍ୟା ଯେତେ କମ୍ ହେବ ସେତେ ଭଲ । ମାତ୍ର କୌଣସି ଅବସ୍ଥାରେ ମଧ୍ୟ କିଛି ସାହାଯ୍ୟ ମିଳିଯିବା ଲୋଭରେ ଉପରୋକ୍ତ କଥାଗୁଡ଼ିକୁ ଆଦୌ ଗୁରୁତ୍ୱ ଦେଉ ନଥିବା କିଂବା ବିରୋଧ କରୁଥିବା ବ୍ୟକ୍ତିଙ୍କୁ କେବେହେଲେ ପରିଚାଳନାରେ ନିଆଯିବା ଉଚିତ ନୁହେଁ । ପରବର୍ତ୍ତୀ ଅବସ୍ଥାରେ ସେଇ ବ୍ୟକ୍ତି ଜଣକ ସାଙ୍ଘାତିକ ଅବସ୍ଥା ସୃଷ୍ଟି କରିପାରନ୍ତି । ସମାଜରେ ପ୍ରତିଷ୍ଠିତ ଅତ୍ୟନ୍ତ ଉଚ୍ଚଶିକ୍ଷିତ, ଉଚ୍ଚପଦବୀରେ ଅଭିଷିକ୍ତ ଇତ୍ୟାଦି ଯୋଗ୍ୟତା ସମ୍ପନ୍ନ ହୋଇ ମଧ୍ୟ ଶ୍ରୀଅରବିନ୍ଦ, ଶ୍ରୀମା'ଙ୍କୁ ବିଶ୍ୱାସ ନକରି ବରଂ ସମାଲୋଚନା କରୁଥିବା ବ୍ୟକ୍ତିଙ୍କୁ ଆମେ ଆମ ଅନୁଷ୍ଠାନର ମୁଖ୍ୟ ଭାବରେ ଅତୀତରେ ଗ୍ରହଣ କରି ଏବେ ଅତ୍ୟନ୍ତ ଅନୁତପ୍ତ ହେବାକୁ ପଡୁଛି ।

ପ୍ରଥମତଃ ପରିଚାଳନାରେ ସ୍ଥାନୀୟ ଶିକ୍ଷାବିତ୍, ଅଭିଭାବକ, ସରକାରୀ ଚାକିରି କରୁଥିବା ବ୍ୟକ୍ତି, ଅଧ୍ୟକ୍ଷ, ଶିକ୍ଷକ ପ୍ରତିନିଧି ଏବଂ ପାଠଚକ୍ରର ସଭ୍ୟ ଏମିତି ୧୧ ଜଣ ରହିବା ଦରକାର । ମାତ୍ର ଆମେ ତା'ଠାରୁ ଅଧିକ ରଖିପାରୁ । କେବଳ ସରକାରଙ୍କୁ ଜଣାଇବାକୁ ସେଥିରୁ ୧୧ ଜଣଙ୍କ ନାମ ବାଛି ପଠାଇବାକୁ ହେବ ।

ଦ୍ୱିତୀୟରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସଙ୍ଗତି । ପରିଚାଳନାରେ ରହୁଥିବା ବ୍ୟକ୍ତିମାନେ ଅତ୍ୟନ୍ତ ହୃଦୟର ସହିତ ମା'ଙ୍କ ନିକଟରେ ସଙ୍କଳ୍ପବଦ୍ଧ ହେବେ ଯେପରି ସେମାନେ ସଙ୍ଗତିର ବାତାବରଣ ବହନ କରିବେ । ''ଯଦି ଭଲ କଥା କାହା ବିଷୟରେ ତୁମେ କିଛି କହିପାରୁ ନାହଁ ତେବେ ତା' ବିରୋଧରେ କିଛି ନକହି ବରଂ ନୀରବ ରହିବାକୁ'' ମା' ନିର୍ଦ୍ଦେଶ ଦେଇଛନ୍ତି । ସଙ୍ଗତି ସ୍ଥାପନ କରିବା ଦିଗରେ ଏହାକୁ ଅତ୍ୟନ୍ତ କଠୋର ଭାବରେ ପାଳନ କରିବାକୁ ପଡ଼ିବ; ଆମେ ଯଦି ସୁଧାରି ପାରିବୁ ତେବେ ନିଜକୁ ମାତ୍ର, ଅନ୍ୟ କାହାରିକୁ ସୁଧାରିବାର ଦାୟିତ୍ୱ କେବଳ ମା'ଙ୍କର । ଆମେ ଭାବୁ ଆମକୁ ସୁଧାରିବାର ଦାୟିତ୍ୱ ମା'ଙ୍କର (ଯଦିଓ ଏହା ମଧ୍ୟ ସତ୍ୟ, ମାତ୍ର ସେଥିପାଇଁ ଆମର ସହଯୋଗ ଆବଶ୍ୟକ), ମାତ୍ର ଅନ୍ୟ ସମସ୍ତଙ୍କୁ ସୁଧାରିବାର ଦାୟିତ୍ୱ ଆମର । ତେଣୁ ଯାବତୀୟ ପ୍ରକାରର ଅସଙ୍ଗତି ହୋଇଥାଏ ।

ତୃତୀୟ କଥା ହେଲା – ଧୈର୍ଯ୍ୟ ଏବଂ ସହନଶୀଳତା । ଆମ କାର୍ଯ୍ୟ ଆଦୌ ସରଳ କିଂବା ସହଜ ନୁହେଁ – ଆମର ଲକ୍ଷ୍ୟ ହେଲା ରୂପାନ୍ତର । ସେଥିପାଇଁ କାର୍ଯ୍ୟ ମଧ୍ୟରେ ଅନେକ

ବାଧା ଆସିବ, ମାତ୍ର ଅତ୍ୟନ୍ତ ଧୈର୍ଯ୍ୟ ଏବଂ ସହନଶୀଳତା ସହିତ ସେସବୁକୁ ଅତିକ୍ରମ କରିବାକୁ ହେବ । ଆମ ଭିତରେ କେହି ସମ୍ପୂର୍ଣ୍ଣ ଶୁଦ୍ଧ ନୁହେଁ କିଂବା କେହି ଜଣେ ବି ଅଦରକାରୀ ନୁହେଁ । ତେଣୁ ସମସ୍ତଙ୍କୁ ସହିବାକୁ ପଡ଼ିବ । ଶ୍ରୀଅରବିନ୍ଦ କହିଛନ୍ତି, ''ଯଦି ମୁଁ ବାଛିବାକୁ ଆରମ୍ଭ କରିବି ତେବେ ସମଗ୍ର ଆଶ୍ରମ ଖାଲି ହୋଇଯିବ ।'' ତେଣୁ ଅନ୍ୟମାନଙ୍କର ତ୍ରୁଟିବିଚ୍ୟୁତି ନଦେଖି ସମସ୍ତଙ୍କ ଭିତରେ ଥିବା ସମ୍ଭାବନା ପ୍ରତି ସମ୍ମାନ ଜଣାଇ ସମସ୍ତଙ୍କୁ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ପରିଚାଳକମାନେ ସୁଯୋଗ ଦେବେ ।

ଚତୁର୍ଥରେ ଆମ ଅନୁଷ୍ଠାନରେ ଯେତେ ଅସଙ୍ଗତି ହେଲେ ମଧ୍ୟ କୌଣସି ଅବସ୍ଥାରେ ଆମେ କୋର୍ଟ, ଥାନା ଇତ୍ୟାଦିର ସାହାଯ୍ୟ ନେବା ନାହିଁ । ଯଦି ନିଜ ଭିତରେ ସମାଧାନ ହୋଇ ପାରିଲା ନାହିଁ ତେବେ ମା'ଙ୍କୁ ଜଣାଇବା, ତାଙ୍କୁ ପ୍ରାର୍ଥନା କରିବା, ହୃଦୟର ସରଳତା ସହିତ ସମସ୍ୟାଟି ତାଙ୍କ ହାତରେ ଟେକି ଦେବା ଏବଂ ମନେ ରଖିବା ଯେ ଏଭଳି କୌଣସି ସମସ୍ୟା ନାହିଁ ଯାହା ମା'ଙ୍କ ହସ୍ତକ୍ଷେପରେ ସମାଧାନ ହେବ ନାହିଁ । ସ୍ୱାର୍ଥ ଓ ଅହଂକାରହିଁ ସମସ୍ୟାକୁ ଜଟିଳ କରେ । ନିଜକୁ ଓ ନିଜର ଧାରଣାକୁ ସମ୍ମୁଖକୁ ନଆଣି ମା'ଙ୍କୁ ଆଗରେ ରଖିଲେହିଁ ସମସ୍ୟାର ସମାଧାନ ହୁଏ । ଥାନା, କୋର୍ଟ, କଚେରିକୁ ଯଦି କେହି ନିଜେ ଯାଆନ୍ତି ଏବଂ ସେହିଠାରେ ସମାଧାନ ଖୋଜନ୍ତି – ସେମାନେ ଯେ ଆଦୌ ଆଧ୍ୟାତ୍ମିକ ଧାରାରେ ନାହାନ୍ତି ଏଥିରେ ସନ୍ଦେହ ନାହିଁ ।

ଥରେ ବାବାଜି ମହାରାଜ କହିଲେ ଆମ ଅନୁଷ୍ଠାନରେ ଏବଂ ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନରେ ସମସ୍ୟା ସମାନ ଭାବେ ରହିବ । କାରଣ ସବୁ ବ୍ୟକ୍ତିମାନେ ସମାନ ସ୍ତରରୁ ଆସିଛନ୍ତି କିନ୍ତୁ ସମାଧାନ ଆମର ଅନ୍ୟମାନଙ୍କଠାରୁ ଅଲଗା ହେବ, କାରଣ ଅନ୍ୟମାନେ ଏଇଠାରେ ଏକ ଉନ୍ନତ ମାର୍ଗର ଭଲ ମଣିଷ ହେବା ପାଇଁ ଉଦ୍ୟମ କରୁଥିବା ସମୟରେ ଆମେ ଏକ ନୂତନ ମାନବଜାତି ପାଇଁ ଉଦ୍ୟମ କରୁଛୁ । ତେଣୁ ଅନ୍ୟମାନେ ସମାଧାନ ଥାନାରେ, କୋର୍ଟ, କଚେରିରେ ଖୋଜିବେ, ମାତ୍ର ଆମେ ସମାଧାନ ଆମ ପାଠଚକ୍ରରେ ଖୋଜିବୁ । ଶ୍ରୀମା-ଶ୍ରୀଅରବିନ୍ଦଙ୍କ ନିକଟରୁ ଖୋଜିବୁ । ସେମାନେ ପ୍ରତ୍ୟେକ ସମସ୍ୟାର ସମାଧାନ ଦେଇଛନ୍ତି । ତେଣୁ ସମାଧାନଟି ଖୁବ୍ ସହଜରେ ଆସିବା ଅସମ୍ଭବ ହେବ ନାହିଁ । ଅବଶ୍ୟ ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରତା ନଥିଲେ ସମାଧାନ ଆସିବାକୁ ବିଳମ୍ବ ହେବ । ତଥାପି ଏହାହିଁ ଏକମାତ୍ର ପଥ ।

ଶେଷରେ ଆମେ ଏତିକି ଜାଣିବା ଉଚିତ ଯେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏକ ଯୋଗଭିତ୍ତିକ କାର୍ଯ୍ୟକ୍ରମ, ଯାହାର ସମସ୍ୟାଗୁଡ଼ିକ ବିବର୍ତ୍ତନଗତ ସମସ୍ୟା ଏବଂ ଏହାର ସମାଧାନ ମଧ୍ୟ କେବଳ ଚେତନାର ଉଚ୍ଚତର ଭୂମିରେ ଆରୋହଣ ଦ୍ୱାରାହିଁ ସମ୍ଭବପର । ଏଥିପାଇଁ ଅନେକ ସମୟ ଏବଂ ଧୈର୍ଯ୍ୟ ଆବଶ୍ୟକ । ରାସ୍ତାରେ ଅନେକ ସମସ୍ୟା ଆସିବ ଏବଂ ତା'ର ସମାଧାନ ମଧ୍ୟ ଆସିବ ।

ଥରେ ପ୍ରପତ୍ତି କୌଣସି ସଭାରେ ବସିଥିଲେ, ଜଣେ ଭଦ୍ରଲୋକ ଆସି ତାଙ୍କୁ ସାକ୍ଷାତ୍ କଲେ ଏବଂ କହିଲେ – ଆମେ ଗୋଟିଏ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ କଲୁ । ପ୍ରପତ୍ତି ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରି କହିଲେ – ଏଣିକି ଆପଣମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ-କଳହ ଲାଗିବ । ପାଠଚକ୍ର କରୁଥିଲେ ସବୁ ଠିକ୍ ଥିଲା । ଏଣିକି ସବୁ ସମସ୍ୟା ଆସିବ । ଏକଥା ଆଉ ଜଣେ ଭଦ୍ରଲୋକ ଶୁଣୁଥିଲେ । ସେ ଗୋଟିଏ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମ୍ପାଦକ । ତାଙ୍କୁ ପ୍ରପତ୍ତି ପଚାରିଲେ – ଆଉ ଆପଣଙ୍କ ସ୍କୁଲ କିପରି ଚାଲିଛି ? ସେ ଭଦ୍ରଲୋକ ଜଣକ ତରବର ହୋଇ କହି ଉଠିଲେ ଆମର ଆଜ୍ଞା କିଛି ଅସୁବିଧା ନାହିଁ, ସ୍କୁଲ ଖୁବ୍ ଭଲରେ ଚାଲିଛି । ପ୍ରପତ୍ତି ମହାଶୟ ସାଙ୍ଗେ ସାଙ୍ଗେ କହି ଉଠିଲେ – ଆପଣଙ୍କର ସ୍କୁଲ ତା'ହେଲେ ବନ୍ଦ ହୋଇ ଗଲାଣି । ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କରୁଛନ୍ତି, ଆଦୌ ଅସୁବିଧା ନାହିଁ କିପରି ? କାରଣ କାର୍ଯ୍ୟ କଲେହିଁ ଅହଂକାର ସମ୍ମୁଖକୁ ଆସେ ଏବଂ ସେଥିପାଇଁ ନିଜ ନିଜ ଭିତରେ ଦ୍ୱନ୍ଦ୍ୱ ହୁଏ । ମାତ୍ର ଏହି ସମୟରେ ବ୍ୟକ୍ତି ସଚେତ ରହିଲେ ଅହଂର ପ୍ରଭାବରୁ ମୁକ୍ତ ରହିପାରିବ । ସେଥିପାଇଁ ଶ୍ରୀମା କୃପା କରି ଏ ସୁଯୋଗ ଦେଇଥା'ନ୍ତି । ପ୍ରଚଳିତ ସମାଜର ଅବସ୍ଥା ଏତେ ଜଟିଳ ଯେ ସେଠାରେ କୌଣସି ପରିବର୍ତ୍ତନ ଆସିବା ଏତେ ସହଜସାଧ୍ୟ ନୁହେଁ । ମାତ୍ର ଯେତେ ଅସୁବିଧା ଆସିଲେ ମଧ୍ୟ ସମ୍ଭାବନା ତା'ଠାରୁ ଆହୁରି ଅଧିକ ଆସିଥାଏ । ଆମ୍ଭେମାନେ ସେଥିପାଇଁ ପ୍ରସ୍ତୁତ ରହିବା ।

ଗୋଟିଏ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପରିଚାଳକମାନଙ୍କର ଏହାହିଁ ମୁଖ୍ୟ ଭୂମିକା ରହିବା ଉଚିତ ।

('ପୂର୍ଣ୍ଣତା ପଥେ', ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ)

❑❑❑

# ସନାତନ ଧର୍ମ

## (୨)

## କୁମାର ଚନ୍ଦ୍ର ମିଶ୍ର

ପୃଥିବୀରେ ଚାଳିଶରୁ ଊର୍ଦ୍ଧ୍ୱ ଧର୍ମ ରହିଛି, ଯାହାର ସାରଣୀ ପ୍ରସ୍ତୁତ କରିବା ସମୟ ସାପେକ୍ଷ । ତେବେ ଖ୍ରୀଷ୍ଟିଆନ, ଇସଲାମ, ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମକୁ ମୁଖ୍ୟ ଓ ବହୁ ପ୍ରଚଳିତ ଧର୍ମ ରୂପେ ସ୍ୱୀକାର କରାଯାଇ ପାରେ । ପ୍ରତ୍ୟେକ ଧର୍ମରେ ତିନୋଟି ପ୍ରମୁଖ ବିଭାବ ଲକ୍ଷ୍ୟ କରାଯାଏ । ପ୍ରଥମତଃ ପ୍ରତ୍ୟେକ ଧର୍ମର ଜଣେ ଆଦ୍ୟ ପ୍ରତିଷ୍ଠାତା ବା ମୂଳ ଗୁରୁ ଥା'ନ୍ତି । ଉଦାହରଣ ସ୍ୱରୂପ ଯୀଶୁଖ୍ରୀଷ୍ଟ ହେଲେ ଖ୍ରୀଷ୍ଟିଆନ ଧର୍ମର ପ୍ରତିଷ୍ଠାତା, ଇସଲାମ ଧର୍ମର ପ୍ରତିଷ୍ଠାତା ହେଲେ ମହମ୍ମଦ, ଗୌତମ ବୁଦ୍ଧ ହେଲେ ବୌଦ୍ଧଧର୍ମର ପ୍ରବର୍ତ୍ତକ, ମହାବୀର ଜୈନ ହେଲେ ଜୈନ ଧର୍ମର ପ୍ରବର୍ତ୍ତକ । ସେହିପରି ଜୋରାଷ୍ଟ୍ରର, ବାହାଉଲ୍ଲା, ଗୁରୁ ନାନକ, ଲାଓ ସି, କନ୍‌ଫୁସିୟସ୍, ଆବ୍ରାହମ, ମୋଜେସ୍, ଶ୍ରୀଚୈତନ୍ୟ, ଦଲାଇଲାମା ଓ ମାର୍ଟିନ୍-ଲୁଥର ଇତ୍ୟାଦି ମହାନ୍ ମନୀଷୀଗଣ ବିଶ୍ୱ ଇତିହାସରେ ବିଭିନ୍ନ ଧର୍ମର ଗୁରୁ ରୂପେ ପରିଚିତ । କିନ୍ତୁ ହିନ୍ଦୁ ଧର୍ମର କେହି ଆଦି ପ୍ରତିଷ୍ଠାତା ବା ମୁଖ୍ୟ ଗୁରୁ ନାହାନ୍ତି । ହିନ୍ଦୁ ଧର୍ମ କୌଣସି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ନାହିଁ । ଦ୍ୱିତୀୟତଃ ପ୍ରତ୍ୟେକ ମୁଖ୍ୟ ଧର୍ମର ଏକ ନିର୍ଦ୍ଦିଷ୍ଟ ଶାସ୍ତ୍ର ରହିଛି । ଖ୍ରୀଷ୍ଟଧର୍ମର ମୁଖ୍ୟ ଶାସ୍ତ୍ର ହେଲା 'ବାଇବେଲ', ଇସଲାମ ଧର୍ମର ମୁଖ୍ୟ ଶାସ୍ତ୍ର ହେଲା 'କୋରାନ', ବୌଦ୍ଧ ଧର୍ମର ଶାସ୍ତ୍ର ହେଲା 'ତ୍ରିପିଟକ', ଶିଖ ଧର୍ମର ଶାସ୍ତ୍ର ହେଲା 'ଗ୍ରନ୍ଥସାହେବ', ଜୈନ ଧର୍ମର ଶାସ୍ତ୍ର ହେଲା 'ଅଗାମା'... । କିନ୍ତୁ ହିନ୍ଦୁ ଧର୍ମର ମୁଖ୍ୟ ଶାସ୍ତ୍ର ବୋଲି କାହାକୁ କହିବା ? ଯଦିଓ ଏହାର ନିର୍ଦ୍ଦିଷ୍ଟ କୌଣସି ଶାସ୍ତ୍ର ନାହିଁ, ଏହାର ଶାସ୍ତ୍ର ଅନେକ ଓ ଅସୀମ । ଶ୍ରୁତି, ସ୍ମୃତି, ବ୍ରହ୍ମସୂତ୍ର, ଅଷ୍ଟାଦଶ ମୁଖ୍ୟ ପୁରାଣ, ଅଷ୍ଟାଦଶ ଉପପୁରାଣ, ରାମାୟଣ, ମହାଭାରତ, ଭାଗବତ, ମନୁସଂହିତା, ଷଡ଼ଦର୍ଶନ – ଏ ସବୁ ହିନ୍ଦୁଶାସ୍ତ୍ରର ଅନ୍ତର୍ଭୁକ୍ତ । କୁହାଯାଏ ହିନ୍ଦୁ ଶାସ୍ତ୍ର କୌଣସି ଗ୍ରନ୍ଥରେ ସୀମିତ ହୋଇ ରହି ନାହିଁ, ମଣିଷର ହୃଦୟରେହିଁ ତାହା ଲିପିବଦ୍ଧ ହୋଇ ରହିଛି । ତୃତୀୟତଃ ପ୍ରତ୍ୟେକ ଧର୍ମରେ ରହିଛି ଅନେକ ରୀତି, ନୀତି, ପ୍ରଥା, ବିଧି, ବିଧାନ, କ୍ରିୟା ଓ ପଦ୍ଧତି । ରନ୍ଧନଶାଳାର ହିନ୍ଦୁ ଧର୍ମକୁ ବାଦ୍ ଦେଲେ ଯଥାର୍ଥ ସନାତନୀ ବୈଦିକ ହିନ୍ଦୁଧର୍ମ କୌଣସି ନିର୍ଦ୍ଧାରିତ ରୀତିନୀତି ବା ସିଦ୍ଧାନ୍ତ କିଂବା କ୍ରିୟା ପଦ୍ଧତି ଉପରେ ଗୁରୁତ୍ୱ ଆରୋପ କରି ନଥାଏ । ପରମାତ୍ମାଙ୍କ ସହ ଐକ୍ୟ ସ୍ଥାପନ କରିବା କିଂବା ତାଦାତ୍ମ୍ୟତା ଲାଭ କରିବା ନିମିତ୍ତ ଯେକୌଣସି ଉପାୟ ବା ବିଧି-ବିଧାନ ବା କ୍ରିୟା ପଦ୍ଧତି ତାହାର ଗ୍ରହଣଯୋଗ୍ୟ ହୋଇ ରହିଥାଏ ।

ବୌଦ୍ଧିକ ଉତ୍କର୍ଷ ଓ ଜଡ଼ଜୀବନର ପ୍ରାଚୁର୍ଯ୍ୟ ଏବଂ ଏସବୁ ଐଶ୍ୱର୍ଯ୍ୟ ଓ ବିଭବକୁ ସମୃଦ୍ଧ କରୁଥିବା ବହୁ ପ୍ରଶଂସିତ ଓ ଅଦ୍ଭୁତ ବୈଜ୍ଞାନିକ ଆବିଷ୍କାର ସତ୍ତ୍ୱେ ଅନେକ ପ୍ରାଚୀନ ସାମ୍ରାଜ୍ୟ ଓ ସଭ୍ୟତାର ବିଲୟ ଘଟିଥିବା ସ୍ଥଳେ ଭାରତର କ'ଣ ଏପରି ପ୍ରାଣ ପ୍ରାଚୁର୍ଯ୍ୟ ରହିଛି ଯଦ୍ଦ୍ୱାରା ଅନେକ ବିପର୍ଯ୍ୟୟ ସତ୍ତ୍ୱେ ଆଜି ସେ ତାହାର ବିଶେଷତ୍ୱ ବଜାୟ ରଖି ପାରିଛି ? ଏହି ରହସ୍ୟର ଉଦ୍‌ଘାଟନହିଁ ଆମକୁ ଭାରତୀୟ ମହାନତାର ପରିଚୟ ଦେଇପାରିବ । ଏହାର କାରଣ ଅନ୍ୱେଷଣ କରି ସେହି ରହସ୍ୟଟିକୁ ଆବିଷ୍କାର କରି ପାରିଲେ ଯାଇ ଆମେ ଉପରୋକ୍ତ ପ୍ରଶ୍ନର ଯଥାର୍ଥ ସମାଧାନଟି ପାଇପାରିବା ।

ମହାଯୋଗୀ ଶ୍ରୀଅରବିନ୍ଦ ଆଲିପୁର ଜେଲରେ ପ୍ରତ୍ୟକ୍ଷ ରୂପେ ପରମଙ୍କଠାରୁ ଯାହା ଶୁଣିଥିଲେ ତାହା ଉତ୍ତରପଡ଼ା ଅଭିଭାଷଣରେ କହିଛନ୍ତି । ଏହାହିଁ ଆମ ପ୍ରଶ୍ନର ଯଥାର୍ଥ ଉତ୍ତର ଦେଇପାରିବ ।

"When you go forth, speak to your nation always this word that it is for the Sanatana Dharma that they arise, it is for the world and not for themselves that they arise. I am giving them freedom for the service of the world. When therefore it is said that India shall rise, it is the Sanatana Dharma that shall rise.When it is said that India shall be great, it is the Sanatana Dharma that shall be great.

When it is said that India shall expand and extend herself, it is the Sanatana Dharma that shall expand and extend itself over the world. It is for the dharma and by the dharma that India exists. To magnify the religion means to magnify the country.''

(CWSA, Vol. 8, pp. 10-11)

ଏହାର ଭାବାନୁବାଦ ହେଲା : ''ତୁମେ ଯେତେବେଳେ ବାହାରକୁ ଯିବ, ସେତେବେଳେ ସର୍ବଦା ଏହି ବାଣୀ ଜାତିକୁ ଶୁଣାଇବ : ସେମାନଙ୍କର ଯେଉଁ ଉତ୍ଥାନ ହେଉଛି ତାହା କେବଳ ସନାତନ ଧର୍ମ ନିମିତ୍ତ, ସମଗ୍ର ଜଗତ୍ ନିମିତ୍ତ, ସେମାନଙ୍କ ନିଜ ନିମିତ୍ତ ନୁହେଁ । ଆମ୍ଭେ ସେମାନଙ୍କୁ ଯେଉଁ ସ୍ୱାଧୀନତା ଦେଉଅଛୁ ତାହା କେବଳ ଜଗତର ସେବା ନିମିତ୍ତ । ସେଥିପାଇଁ ଯେତେବେଳେ କୁହାଯାଏ ଯେ ଭାରତର ଉତ୍ଥାନ ହେବ, ତାହାର ଅର୍ଥ ଏଇ ଯେ ସନାତନ ଧର୍ମର ଉତ୍ଥାନ ହେବ । ଯେତେବେଳେ କୁହାଯାଏ ଭାରତ ମହାନ୍ ହେବ, ଯେତେବେଳେ କୁହାଯାଏ ଯେ ଭାରତ ସଂବୃଦ୍ଧ ହେବ ଓ ପ୍ରସାରିତ ହେବ, ତାହାର ଅର୍ଥ ଏଇ ଯେ ସନାତନ ଧର୍ମ ବର୍ଦ୍ଧିତ ହେବ ଏବଂ ସମସ୍ତ ସଂସାରରେ ପ୍ରସାରିତ ହେବ । ଏହି ଧର୍ମ ସକାଶେ ଏବଂ ଏହି ଧର୍ମ ଦ୍ୱାରାହିଁ ଭାରତ ବଞ୍ଚି ରହିଛି । ଧର୍ମକୁ ବଡ଼ କରିବା ଅର୍ଥହିଁ ଦେଶକୁ ବଡ଼ କରିବା ।''

ପ୍ରାୟ ଏକ ଶତାବ୍ଦୀ ପରେ ବର୍ତ୍ତମାନ ଏହି ଉକ୍ତିର ତାତ୍ପର୍ଯ୍ୟ ଓ ଗୁରୁତ୍ୱ ବହୁଗୁଣିତ ହୋଇଛି । ପ୍ରତ୍ୟେକ ଭାରତୀୟ ସନାତନ ଧର୍ମର ମୂଳନୀତି ଓ ଦିଗ୍‌ଦିଗନ୍ତ ବିଷୟରେ ଓ ଏହାର ଗୁରୁତ୍ୱପୂର୍ଣ୍ଣ ବିଭାବଗୁଡ଼ିକ ସମ୍ପର୍କରେ ଅବଗତ ହେବା ନିତାନ୍ତ ଆବଶ୍ୟକ ମନେ ହୁଏ ।

ବିଶ୍ୱରେ ଭାରତର ଭୂମିକା ସମ୍ପର୍କରେ ସ୍ପଷ୍ଟ ଦିଗ୍‌ଦର୍ଶନ ଦେଇ ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି :

''I realised what the Hindu religion meant. We speak often of the Hindu religion, of the Sanatana Dharma, but few of us really know what that religion is. Other religions are preponderatingly religions of faith and profession, but the Sanatana Dharma is life itself; it is a thing that has not so much to be believed as lived. This is the *dharma* that for the salvation of humanity was cherished in the seclusion of this peninsula from of old. It is to give this religion that India is rising. She does not rise as other countries do, for self or when she is strong, to trample on the weak. She is rising to shed the eternal light entrusted to her over the world. India has always existed for humanity and not for herself and it is for humanity and not for herself that she must be great.''

(CWSA, Vol. 8, p. 6)

ଏହାର ଭାବାନୁବାଦ ହେଲା :

''ମୁଁ ଉପଲବ୍ଧି କରିଥିଲି ହିନ୍ଦୁ ଧର୍ମର ଯଥାର୍ଥ ମର୍ମ କ'ଣ । ଆମ୍ଭେମାନେ ଅଧିକାଂଶ ସମୟରେ ହିନ୍ଦୁ ଧର୍ମ କଥା, ସନାତନ ଧର୍ମ କଥା କହୁ, କିନ୍ତୁ ଆମ୍ଭମାନଙ୍କ ମଧ୍ୟରୁ ଖୁବ୍ କମ୍ ଲୋକ ଜାଣନ୍ତି ସେହି ଧର୍ମର ମର୍ମ କ'ଣ, ଅନ୍ୟାନ୍ୟ ଧର୍ମ ସମୂହ ପ୍ରଧାନତଃ କେତୋଟି ସ୍ୱୀକୃତି ବା ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ, କିନ୍ତୁ ସନାତନ ଧର୍ମ କହିଲେ ଜୀବନକୁହିଁ ବୁଝାଏ । ଏହା ଏପରି ଏକ ବିଷୟ ଯାହାକୁ କେବଳ ମାନି ନେଲେ ଚଳିବ ନାହିଁ, ତାହାକୁ ଜୀବନରେ ସାର୍ଥକ କରିବାକୁ ହୁଏ । ଏହା ସେହି **ଧର୍ମ** ଯାହା ମାନବଜାତିର ମୁକ୍ତି ସକାଶେ ପୁରାତନ କାଳରୁ ଏହି ଉପଦ୍ୱୀପରେ ଲାଳିତପାଳିତ ହୋଇ ଆସିଛି । ଏହି ଧର୍ମକୁ ପ୍ରଦାନ କରିବା ସକାଶେହିଁ ଭାରତର ଆଜି ଉତ୍ଥାନ ହେଉଛି । ଭାରତବର୍ଷ ଅନ୍ୟ ଦେଶ ତୁଲ୍ୟ ନିଜ ସକାଶେ ଜାଗ୍ରତ୍ ହେଉ ନାହିଁ ବା ବଳଶାଳୀ ହେଉ ନାହିଁ, ଦୁର୍ବଳକୁ ପାଦରେ ଦଳି ଦେବା ଲାଗି ଉଠୁ ନାହିଁ । ତାହା ପାଖରେ ଥିବା ଶାଶ୍ୱତ ଜ୍ୟୋତିକୁ ଜଗତରେ ବିକୀର୍ଣ୍ଣ କରିବ ବୋଲି ତାହାର ଉତ୍ଥାନ ହେଉଛି । ଭାରତ ଚିରଦିନ ବଞ୍ଚି ରହିଛି ବିଶ୍ୱ-ମାନବଙ୍କ ସକାଶେ – ନିଜ ସକାଶେ ନୁହେଁ, ଆଉ ଆଜି ତାକୁ ମହାନ୍ ହେବାକୁ ପଡ଼ିବ, ତାହା ମଧ୍ୟ ବିଶ୍ୱର ମାନବ ସମାଜ ପାଇଁ, ନିଜ ପାଇଁ ନୁହେଁ ।''

ବିଶ୍ୱରେ ଭାରତର ଭବିଷ୍ୟତ୍ ଓ ଭୂମିକା ସମ୍ପର୍କରେ କହିବାକୁ ଯାଇ ଦିବ୍ୟଜନନୀ ଶ୍ରୀମା କହନ୍ତି :

"The Soul of India is one and indivisible. India is conscious of her mission in the world.

She is waiting for the exterior means of manifestation.'' (CWM, Vol. 13, p. 351)

ଅର୍ଥାତ୍, ''ଭାରତବର୍ଷର ଆତ୍ମା ଏକ ଏବଂ ଅବିଭାଜ୍ୟ । ଜଗତରେ ଭାରତକୁ ଯେଉଁ ମହାନ୍ କର୍ମ କରିବାକୁ ରହିଛି, ସେହି ବ୍ରତ ସମ୍ପର୍କରେ ସେ ସଦା ସଚେତନ । ସିଏ ଅଭିବ୍ୟକ୍ତିର ବାହ୍ୟ-ସାଧନଗୁଡ଼ିକ ନିମିତ୍ତ ଅପେକ୍ଷା କରି ରହିଛି ।''

''India must be saved for the good of the world since India alone can lead the world to peace and a new world order.''

(CWM, Vol. 13, p. 351)

''ସମଗ୍ର ପୃଥିବୀର କଲ୍ୟାଣ ନିମିତ୍ତ ଭାରତବର୍ଷକୁ ବଞ୍ଚାଇ ରଖିବାକୁ ହେବ, କାରଣ କେବଳ ଭାରତ ବର୍ଷହିଁ ପୃଥିବୀକୁ ଶାନ୍ତି ଏବଂ ଏକ ନୂତନ ବିଶ୍ୱ ବ୍ୟବସ୍ଥା ଆଡ଼କୁ ଅଗ୍ରସର କରାଇ ନେଇ ପାରିବ ।''

''India must rise to the height of her mission and proclaim the Truth to the world.''

(CWM, Vol. 13, p. 354)

''ଭାରତ ବର୍ଷକୁ ତା' ଆପଣା ବ୍ରତର ଉତ୍ତୁଙ୍ଗ ଉଚ୍ଚତା ପର୍ଯ୍ୟନ୍ତ ଉନ୍ନୀତ ହୋଇ ଯିବାକୁ ପଡ଼ିବ ଏବଂ ପୃଥିବୀରେ ପରମ ସତ୍ୟର ଘୋଷଣା କରିବାକୁ ହେବ ।''

''India's true destiny is to be the Guru of the world.'' (CWM, Vol. 13, p. 358)

''ଭାରତବର୍ଷର ଯଥାର୍ଥ ନିୟତି ହେଲା ପୃଥିବୀର ଗୁରୁ ହେବା ।''

ପୃଥିବୀର ଗୁରୁ ହେବା ପୂର୍ବରୁ ହିନ୍ଦୁଧର୍ମ ବା ସନାତନ ଧର୍ମ ସମ୍ପର୍କରେ ପ୍ରତ୍ୟେକ ଭାରତୀୟ ଯଥେଷ୍ଟ ଜ୍ଞାନ ଅର୍ଜନ କରିବା ଅପରିହାର୍ଯ୍ୟ ମନେ ହୁଏ ।

**ସନାତନ ଧର୍ମର କେନ୍ଦ୍ରୀୟ ସତ୍ୟ ସମୂହ :**

**୧. ବହୁ ଦେବଦେବୀ, କିନ୍ତୁ ଏକ ପରମ ଦିବ୍ୟସତ୍ତା :**

ଭାରତୀୟ ଧର୍ମ କାଳାତୀତ, ନାମାତୀତ, ରୂପାତୀତ ଦିବ୍ୟ ପରମସତ୍ତାଙ୍କ ଉପରେ ଆଧାରିତ ଏକ ଧର୍ମ ଅଟେ । ପରଂବ୍ରହ୍ମ, ପରମେଶ୍ୱର, ପରମ ଦିବ୍ୟସତ୍ତା, ପରମ ପ୍ରଭୁ ବା ଅନ୍ୟ ଯେକୌଣସି ନାମରେ ତାଙ୍କୁ ସମ୍ବୋଧନ କରାଯାଉନା କାହିଁକି ସେହି ଏକମେବାଦ୍ୱିତୀୟମ୍ ବ୍ରହ୍ମଙ୍କୁହିଁ ବୁଝାଏ – ଯିଏ ଚିରନ୍ତନ, ଶାଶ୍ୱତ, ଅସୀମ, ଅନନ୍ତ, ଅକ୍ଷୟ, ଅଜର, ଅମର, ସକଳ ନାମ ଓ ରୂପର ଅତୀତ । ଏହା ହିନ୍ଦୁଧର୍ମର ଏକ ମୌଳିକ ଓ ମୁଖ୍ୟ ତତ୍ତ୍ୱ ଯାହାକୁ ଭିତ୍ତି କରି ଧର୍ମ ରୂପକ ବିରାଟ ଅଟ୍ଟାଳିକା ଗଢ଼ି ଉଠିଛି । ମାତ୍ର ଏକେଶ୍ୱରବାଦୀ (Monotheist)ମାନଙ୍କ ପରି ଏହା ଶାଶ୍ୱତ, ଅସୀମଙ୍କର ମଧ୍ୟବର୍ତ୍ତୀ ବହୁ ନାମ, ବହୁ ରୂପ, ବହୁ ବ୍ୟକ୍ତିତ୍ୱକୁ ଅସ୍ୱୀକାର କରେ ନାହିଁ କିଂବା ସେସବୁକୁ ବିଲୋପନ କରେ ନାହିଁ । ଏକ ରଙ୍ଗବିହୀନ ଏକେଶ୍ୱରବାଦ କିଂବା ଏକ ଅସ୍ୱଚ୍ଛ ମଳିନ ଆସ୍ତିକତା (Theist) ତା'ର ପ୍ରାରମ୍ଭିକ, ମଧ୍ୟବର୍ତ୍ତୀ କିଂବା ଅନ୍ତିମ ଧାରଣା ହୋଇ ରହି ନାହିଁ । ଅଦ୍ୱିତୀୟ ଏକ (One) ଭାବ ନେଇହିଁ ପରମେଶ୍ୱରଙ୍କୁ ଆରାଧନା କରାଯାଏ, କାରଣ ବିଶ୍ୱର ସବୁକିଛି ହେଲେ ସେ, କିଂବା ତାଙ୍କରି ସତ୍ତାରୁ କିଂବା ତାଙ୍କରି ଗୁଣଧର୍ମକୁ ନେଇ ସବୁକିଛି ସୃଷ୍ଟ ବା ଗଠିତ କିଂବା ସେହିଁ ସ୍ୱୟଂ ଏହି ସୃଷ୍ଟି ରୂପେ ବ୍ୟକ୍ତ ହୋଇଛନ୍ତି । ସେଥିଲାଗି ହିନ୍ଦୁଧର୍ମକୁ ସର୍ବେଶ୍ୱରବାଦ (Pantheism) ବୋଲି କୁହାଯାଇ ନ ପାରେ, କାରଣ ଏହି ବିଶ୍ୱଜନୀନତାର ବହୁ ଊର୍ଦ୍ଧ୍ୱରେ ଏହା ଜଗଦାତୀତ ପରମ ଶାଶ୍ୱତ (Supercosmic Eternal)ଙ୍କୁ ଗ୍ରହଣ କରିଥାଏ ବା ସ୍ୱୀକାର କରିଥାଏ । ଭାରତୀୟ ବହୁ ଈଶ୍ୱରବାଦ (Polytheism) ପ୍ରାଚୀନ ୟୁରୋପର ଜନପ୍ରିୟ ବହୁ ଈଶ୍ୱରବାଦର ଅନ୍ତର୍ଗତ ହୋଇ ରହି ନାହିଁ । କାରଣ ଏଠାରେ ଭାରତରେ ବହୁ ଦେବଦେବୀଙ୍କୁ ପୂଜା କରୁଥିବା ବ୍ୟକ୍ତିଗଣ ନିଶ୍ଚିତ ରୂପେ ଜାଣନ୍ତି ଯେ ତାଙ୍କରି ସମସ୍ତ ଦେବତା ଏକମେବାଦ୍ୱିତୀୟମ୍ ପରମେଶ୍ୱରଙ୍କର ବିଭିନ୍ନ ରୂପ, ନାମ, ବ୍ୟକ୍ତିତ୍ୱ ଓ ଶକ୍ତି ମାତ୍ର ଅଟନ୍ତି । ତାଙ୍କର ଦେବତାସକଳ ଏକହିଁ ପରମପୁରୁଷଙ୍କଠାରୁ ଉଦ୍ଭବ ହୋଇଛନ୍ତି, ତାଙ୍କର ଦେବୀଗଣ ପରମା ଦିବ୍ୟ ମହାଶକ୍ତିର ବିଭିନ୍ନ ବ୍ୟକ୍ତିତ୍ୱ ମାତ୍ର ଅଟନ୍ତି । ଭାରତୀୟ ଉପାସନା ମାର୍ଗଗୁଡ଼ିକ ଲୋକପ୍ରିୟ ଆସ୍ତିକବାଦର ବିଭିନ୍ନ ରୂପକୁ ପ୍ରତିନିଧିତ୍ୱ କରୁଥିବା ସତ୍ତ୍ୱେ ବର୍ବର ଅବିକଶିତ ମନର ପ୍ରତିମା ପୂଜା ନୁହେଁ । କାରଣ ଅତି ଅଜ୍ଞ, ମୂର୍ଖ ସାଧାରଣ ବ୍ୟକ୍ତିଟିଏ ବି ଜାଣିଥାଏ ଯେ ମୂର୍ତ୍ତିଟି କେବଳ ଗୋଟିଏ ପ୍ରତୀକ ଓ ସହାୟକ ମାତ୍ର ଓ ତାହାର ଉପଯୋଗିତା ସମାପନ ହେଲା ପରେ ତାହାକୁ ବିସର୍ଜନ କରି ଦିଆଯାଇପାରେ ।

(ଉତ୍ସ : ଶ୍ରୀଅରବିନ୍ଦଙ୍କ ଇଂରାଜୀ ରଚନା, Indian Spirituality and Life, CWSA, Vol. 20, p. 192)

ଆମ ଦେଶରେ ବିଭିନ୍ନ ପର୍ବପର୍ବାଣିରେ – ସରସ୍ୱତୀ

ପୂଜା, ଗଣେଶ ପୂଜା, ଦୁର୍ଗା ପୂଜା, କାଳୀ ପୂଜା, ଗଜଲକ୍ଷ୍ମୀ ପୂଜା ଅବସରରେ ମୂର୍ତ୍ତି ଗଢ଼ାଯାଏ; ଦେବଦେବୀମାନଙ୍କୁ ଆବାହନ କରାଯାଏ, ପ୍ରାଣପ୍ରତିଷ୍ଠା କରାଯାଇ ପ୍ରତିଦିନ ଆସନ, ବସନ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ଅର୍ଘ୍ୟ ଓ ନୈବେଦ୍ୟ ଦେଇ ପୂଜା କରାଯାଏ । କିଛିଦିନ ପରେ ମହାସମାରୋହରେ ବିସର୍ଜନ କରାଯାଇଥାଏ । ଏହାକୁ ଆଦିମ ମନର ଅନ୍ଧବିଶ୍ୱାସ ବା ପୌତ୍ତଳିକତାର ଆଖ୍ୟା ଦିଆଯାଇ ନପାରେ । ଉଚ୍ଚତର ଆଧ୍ୟାତ୍ମିକ ସତ୍ୟକୁ ଗ୍ରହଣ କରିବା ଲାଗି ଅପରିଣତ ମନର ଏହା ଏକ ପ୍ରୟାସ ମାତ୍ର । ଏହାକୁ ଆଧ୍ୟାତ୍ମିକ ଜୀବନର ଶୈଶବାବସ୍ଥା ବୋଲି ମଧ୍ୟ କୁହାଯାଇ ପାରେ । କିନ୍ତୁ ସବୁ କାଳ ଲାଗି ମଣିଷ ଯେ ଏପରି ଶୈଶବାବସ୍ଥାରେ ରହିଥିବ ତାହା ଆଦୌ ସ୍ପୃହଣୀୟ ନୁହେଁ । ସ୍ୱାମୀ ବିବେକାନନ୍ଦ କହନ୍ତି :

''Man is to become divine by realizing the divine. Idols or temples, or churches or books, are only the supports, the help of his spiritual childhood: but on and on he must progress.'' (CWM, Vol. 1, p. 16)

ଅର୍ଥାତ୍, ''ଦିବ୍ୟ ସତ୍ତାଙ୍କୁ ଉପଲବ୍ଧି କରି ମଣିଷ ସ୍ୱୟଂ ଦିବ୍ୟ ହୋଇ ଉଠିବା ଆବଶ୍ୟକ । ପ୍ରତିମା କିଂବା ମନ୍ଦିର କିଂବା ଚର୍ଚ୍ଚ କିଂବା ଗ୍ରନ୍ଥାବଳୀ ତାହାର ଆଧ୍ୟାତ୍ମିକ ଶୈଶବାବସ୍ଥାର କେବଳ ସହାୟକ ବା ସମର୍ଥନସମୂହ : କିନ୍ତୁ ତାକୁ ଆଗକୁ ଆହୁରି ଆଗକୁ ଆଗେଇ ଯିବାକୁହିଁ ହେବ ।''

ସମ୍ପର୍କିତ ଆଖ୍ୟାନଟିଏ ଉପସ୍ଥାପନ କରାଯାଇ ପାରେ । ଏକଦା ଭାରତର ତଦାନୀନ୍ତନ ସମ୍ରାଟ ଆକବର ତାଙ୍କର ପ୍ରିୟ ବିଦୂଷକ ବୀରବଲଙ୍କୁ ପ୍ରଶ୍ନ କଲେ : ''ବୀରବଲ ! ତୁମର ହିନ୍ଦୁମାନେ ବହୁ ଦେବଦେବୀଙ୍କ ବିଗ୍ରହକୁ ପୂଜା କରନ୍ତି କାହିଁକି ?'' ବୀରବଲ କିଛି ଉତ୍ତର ନଦେଇ ନିଜ ସ୍କନ୍ଧରେ ଚଉତାଚଉତି ହୋଇ ରହିଥିବା ଉତ୍ତରୀୟଟିକୁ ଖୋଲି ଦେଇ ସମଗ୍ର ଶରୀରଟିକୁ ଆବୃତ କରିଦେଇ ନିକଟରେ ବସିଥିବା ସେନାପତିଙ୍କୁ ପଚାରିଲେ, ''ମହାଶୟ ! ଏଇଟା କ'ଣ ?'' ସେନାପତିଙ୍କ ଉତ୍ତର ଥିଲା – ''ଏହା ତ ଗୋଟିଏ ଘୋଡ଼ଣ । ଶୀତ ଦିନେ ଲୋକେ ଘୋଡ଼େଇ ହେଲାପରି ତୁମେ ଏହି ପ୍ରଚଣ୍ଡ ଗ୍ରୀଷ୍ମଋତୁରେ କାହିଁକି ଘୋଡ଼େଇ ହୋଇଛ ?'' ତତ୍କ୍ଷଣାତ୍ ବୀରବଲ ଉତ୍ତରୀୟଟିକୁ ଦେହରୁ କାଢ଼ି ନେଇ ଚଉତାଚଉତି କରି ନିଜ ଅଣ୍ଟାରେ ଚଉକସ କରି ଭିଡ଼ି ଦେଲେ । ତତ୍ପରେ ନିକଟରେ ଦଣ୍ଡାୟମାନ ଦ୍ୱାରପାଳକୁ ପଚାରିଲେ, ''ଏଇଟା କ'ଣ ?'' ଦ୍ୱାରପାଳ କହିଲା – ''ଏଇଟା କମର-ବନ୍ଧ । ଯୁଦ୍ଧକୁ ଯିବା ପୂର୍ବରୁ ଆମେ ସବୁ ଅଣ୍ଟାରେ ଏହିପରି କଷି କରି ବାନ୍ଧିଥାଉ । ଆପଣ କ'ଣ ଯୁଦ୍ଧକ୍ଷେତ୍ରକୁ ବାହାରିଲେ କି ?'' ଉପସ୍ଥିତ ସମସ୍ତ ସଭାସଦ ହସିଲେ । ବୀରବଲ ସଙ୍ଗେ ସଙ୍ଗେ ଅଣ୍ଟାରୁ ଉତ୍ତରୀୟଟି ଖୋଲି ଦେଇ ତାଙ୍କର ମସ୍ତକରେ ସୁନ୍ଦର ଭାବେ ସଜେଇ ବାନ୍ଧି ଦେଲେ । ସେତେବେଳେ ସେ ମସ୍ତକକୁ ଅଙ୍ଗୁଳି ନିର୍ଦ୍ଦେଶ କରି ସମ୍ରାଟ ଆକବରଙ୍କୁ ପଚାରିଲେ : ''ମହାମହିମ, ଏଇଟା କ'ଣ ?'' ଆକବର ଭ୍ରୂକୁଞ୍ଚନ କରି କହିଲେ, ''ଏଇଟା କ'ଣ ଗୋଟିଏ ପ୍ରଶ୍ନ ? ଏଇଟା ତ ଗୋଟିଏ ପଗଡ଼ି । ଆମେ ଏହାକୁ ଶିରସ୍ତ୍ରାଣ ବୋଲି ମଧ୍ୟ କହିପାରିବା ।'' ସେତେବେଳେ ବୀରବଲ ସ୍ମିତ ହସି ହାତଯୋଡ଼ି ଆକବରଙ୍କୁ କହିଲେ, ''ସମ୍ରାଟ, ଆପଣ ଆପଣଙ୍କ ପ୍ରଶ୍ନର ଉତ୍ତର ପାଇ ଯାଇଛନ୍ତି । ଆମେ ହିନ୍ଦୁମାନେ ଅସଂଖ୍ୟ ଦେବଦେବୀଙ୍କୁ ବିଭିନ୍ନ ନାମଦେଇ ପୂଜା କରିଥାଉ, କିନ୍ତୁ ସେ ମୂଳତଃ ଏକହିଁ ଦିବ୍ୟସତ୍ତା – ଯାହାଙ୍କୁ ଆମେ ପରଂବ୍ରହ୍ମ, ପୁରୁଷୋତ୍ତମ, ସଚ୍ଚିଦାନନ୍ଦ, ପରମାତ୍ମା ବା ପରମେଶ୍ୱର ବୋଲି ସମ୍ବୋଧନ କରିଥାଉ । ସ୍ୱଭାବ ଭେଦରେ, ସ୍ଥାନ, କାଳ, ପାତ୍ର ଭେଦରେ ବିଭିନ୍ନ ନାମରେ ସେ ପୂଜିତ ଓ ଉପାସିତ ହୋଇଥା'ନ୍ତି, ଠିକ୍ ଯେପରି ଏହି ସାମାନ୍ୟ ଉତ୍ତରୀୟଟି ବ୍ୟବହାର ଭେଦରେ ବିଭିନ୍ନ ନାମରେ ନାମିତ ହୋଇଥାଏ ।

### (୨) ସାକାର ବ୍ରହ୍ମ ଓ ନିରାକାର ବ୍ରହ୍ମ – ଏକହିଁ ପରମ ବାସ୍ତବତା :

ପରମ ଦିବ୍ୟସତ୍ତାଙ୍କ ସମ୍ପର୍କରେ ମାନୁଷୀ ଭାବନାଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇ ପାରେ । ପ୍ରଥମତଃ ରୂପର ଉପାସନା ଓ ଅରୂପଙ୍କ ପ୍ରତି ଏକ ଅଭୀପ୍ସା, ଦ୍ୱିତୀୟତଃ ସଗୁଣଙ୍କ ପ୍ରତି ଭକ୍ତି ନିବେଦନ ଓ ନିର୍ଗୁଣ ପରମଙ୍କ ପ୍ରତି ବିରଳ ଆତ୍ମା-ଗୁଡ଼ିକର ଏକ ଆକର୍ଷଣ । ତାନ୍ତ୍ରିକ ପୂଜକଙ୍କ ନିମନ୍ତେ ଏହି ସମସ୍ତ ସ୍ତର ବା ସୋପାନର ଆରାଧନା ଲାଗି ଶୃଙ୍ଖଳା ପ୍ରସ୍ତୁତ କରି ରଖାଯାଇଛି ।

ଧର୍ମର ଯୁକ୍ତିବାଦୀ ବ୍ୟକ୍ତିମାନେ ପ୍ରଶ୍ନ କରନ୍ତି : ''ଅରୂପ କିପରି ରୂପ ମଧ୍ୟରେ ଧରା ଦେବେ ?'' ଏହାର ଉତ୍ତର ଦେବା ନିମନ୍ତେ ବିଶ୍ୱରେ ରହିଛି ହିନ୍ଦୁଧର୍ମ; ସେ ପ୍ରସ୍ତର ମଧ୍ୟରେ, ବୃକ୍ଷରେ, ପଶୁ ଓ ମାନବ ସତ୍ତା ମଧ୍ୟରେ ନାରାୟଣଙ୍କୁ ପୂଜାର୍ଚ୍ଚନା

କରିଥାଏ । ଯାହାକୁ ଅନ୍ୟ ଧର୍ମର ବୌଦ୍ଧିକ ଦାମ୍ଭିକତା ଓ ଆଧ୍ୟାତ୍ମିକ କଠୋରତା ଘୃଣା କରିଥାଏ ତାହାକୁ ହିନ୍ଦୁଧର୍ମ ଆପଣାର ନିଜସ୍ୱ ଯୁକ୍ତିସମ୍ବଳିତ ବୈଶିଷ୍ଟ୍ୟ ଓ କଠୋରତାର ରୂପ ଦେଇପାରିଛି । ଦ୍ରବ୍ୟ ସମୂହ, ପ୍ରସ୍ତର, ଚତୁଷ୍ପଦ ପ୍ରାଣୀ ଏବଂ ମାନୁଷୀ ସତ୍ତା – ଏ ସମସ୍ତେ ପରମେଶ୍ୱରଙ୍କ ଦୃଷ୍ଟିରେ ସମାନ । କେହି ଉଚ୍ଚ ନୁହଁନ୍ତି କି କେହି ନ୍ୟୂନ ନୁହଁନ୍ତି । ସମସ୍ତେ ପରମ ଦିବ୍ୟସତ୍ତାଙ୍କ ମଧ୍ୟରେ ଆମର ସହୋଦର ତୁଲ୍ୟ ଅବସ୍ଥାନ କରନ୍ତି । ସର୍ବତ୍ର ବିଦ୍ୟମାନ (omnipresent) ପରମେଶ୍ୱର ଏ ସମସ୍ତ ରୂପସକଳ ଗ୍ରହଣ କରିବା ଲାଗି କଦାପି ଘୃଣା ବା ବିତୃଷ୍ଣା ପ୍ରକାଶ କରି ନାହାନ୍ତି । ସେଥିଲାଗି ଦ୍ୱାଦଶ ଶତାବ୍ଦୀର ଭକ୍ତକବି ଜୟଦେବ ''ଗୀତ ଗୋବିନ୍ଦ'' ପଦ୍ୟାବଳୀରେ ପରମ ପ୍ରଭୁଙ୍କର ମତ୍ସ୍ୟ ରୂପ, କଚ୍ଛପ ରୂପ, ବରାହ ରୂପ, ନୃସିଂହ ରୂପ, ବାମନ ରୂପ ଆଦିର ଅବତାରଣା କରିଛନ୍ତି । ମାତ୍ର ଏସବୁ ଭୌତିକ ରୂପଗୁଡ଼ିକର ପଶ୍ଚାତରେ, ଏସବୁର ପରପାରରେ ଯାହାସବୁ ଆଦର୍ଶ ଓ ପ୍ରତୀକାତ୍ମକ ଭାବେ ରହିଛି, ସେସବୁ କୌଣସିମତେ କମ୍ ବାସ୍ତବ ନୁହଁନ୍ତି, ବରଂ ଅନ୍ୟାନ୍ୟ ଯଥାର୍ଥ ଭୌତିକ ଅଭିବ୍ୟକ୍ତି ତୁଲ୍ୟ ଏସବୁ ମଧ୍ୟ ଦିବ୍ୟଶକ୍ତିରେ ଭରପୂର ହୋଇ ରହିଛନ୍ତି । ଏସବୁ ହେଲା ମାନସିକ ରୂପ ସମୂହ ଯାହାଙ୍କ ମାଧ୍ୟମରେ ଆମେ ପରମେଶ୍ୱରଙ୍କୁ ଅର୍ଚ୍ଚନା କରୁଛୁ । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାଷାରେ :

''The Hindu believes that to whatever form he brings his devotion, the love of God is bound to assume and vivify it, and we cannot say that the belief is irrational. For if there is a Consciousness in the universe and transcending it which answers to the yearning of all these creatures and perhaps Itself yearns towards them with the love of the Father, the Mother, the Friend, the Lover, and a love surpassing all these, then it is idle to suppose that It would assume or create for its own pleasure and glory the forms of the universe, but would disdain as an offence to Its dignity or purity those which the love of the worshipper offers to It and which after all Itself has formed in his heart or his imagination.”

(CWSA, Vol. 1, pp. 572 - 573)

ଏହାର ଭାବାନୁବାଦ ହେଲା – ହିନ୍ଦୁ ବିଶ୍ୱାସ କରେ ଯେ ସେ ଯେଉଁ ରୂପରେ ଭଗବାନଙ୍କୁ ଭକ୍ତି କରେ ଭଗବାନ୍ ସେହି ରୂପ ଧାରଣ କରିବାକୁ ବିବଶ ହୁଅନ୍ତି ଓ ସେହି ରୂପରେହିଁ ଜୀବନ୍ତ ହୋଇ ଉଠନ୍ତି । ଆମେ କହିପାରିବା ନାହିଁ ଯେ ଏପରି ବିଶ୍ୱାସ ସବୁ ଅଯୌକ୍ତିକ । ଯଦି ବିଶ୍ୱଗତ ଓ ବିଶ୍ୱାତୀତ ଏକ ପରମ ଦିବ୍ୟଚେତନା ରହିଛି, ଯାହା ଏହି ସମସ୍ତ ପ୍ରାଣୀମାନଙ୍କର ବ୍ୟଗ୍ରତା ବା ଆକୁଳତାର ପ୍ରତ୍ୟୁତ୍ତର ରୂପେ ହୁଏତ ସେ ସ୍ୱୟଂ ପରମ ପିତା, ପରମ ମାତା, ପରମ ସଖା, ପରମ ପ୍ରେମିକର ଭଲପାଇବା କିଂବା ଏପରି ଏକ ଭଲପାଇବା ଯାହା ଏସବୁ ପ୍ରକାରର ଭଲପାଇବା ବା ପ୍ରେମକୁ ମଧ୍ୟ ଅତିକ୍ରମ କରି ଯାଇଥାଏ – ସେହିପରି ଏକ ଉତ୍କଣ୍ଠା, ବ୍ୟଗ୍ରତା ବା ଆକୁଳତା ସହ ତା' ନିକଟକୁ ଆକର୍ଷିତ ହୋଇ ଆସନ୍ତି – ସେଥିପାଇଁ ପରମେଶ୍ୱର ଆପଣାର ଆନନ୍ଦ ଓ ମହାନତା ଲାଗି ବିଶ୍ୱର ମହାନ୍ ରୂପ ସକଳକୁ ଗ୍ରହଣ କରିବେ ନା ପୂଜକ ଭକ୍ତିର ସହ ତା' ହୃଦୟରେ ବା ମନରେ ଯାହା କଳ୍ପନା କରିଛି – ଯେଉଁ ରୂପରେ ଭଗବାନ୍ ସ୍ୱୟଂ ପୂଜକର ପ୍ରେମ ଓ ଭକ୍ତି ଦ୍ୱାରା ପ୍ରଭାବିତ ହୋଇ ତା' ହୃଦୟରେ ଓ କଳ୍ପନାରେ ରୂପାୟିତ ବା ପ୍ରକଟିତ ହୋଇଛନ୍ତି ସେହି ରୂପ ଧାରଣ କରିବା ଦ୍ୱାରା ତାଙ୍କରି ମର୍ଯ୍ୟାଦା, ମହାନତା ବା ପବିତ୍ରତା କ୍ଷୁଣ୍ଣ ହେବ ବା ଅବମାନନା ହେବ ବୋଲି ମନେ କରିବେ ! ମନ ଦ୍ୱାରା ଗଠିତ ଏହି ରୂପ ସକଳକୁ ମାନସିକ ପୂଜା ଅର୍ପଣ କରାଯାଇପାରେ ଏବଂ ଏହାକୁ ଉଚ୍ଚସ୍ତରର ଏକ ଆଧ୍ୟାତ୍ମିକ ମାର୍ଗ ବୋଲି ଭାବିପାରିବା ।

ଆଦିଶଙ୍କରାଚାର୍ଯ୍ୟ ତାଙ୍କର ''ଶିବମାନସିକ ପୂଜା''ର ଶ୍ଳୋକରେ ଲେଖିଛନ୍ତି :

''ଆତ୍ମା ତ୍ୱଂ ଗିରିଜାମତିଃ ସହଚରାଃ ପ୍ରାଣାଃ ଶରୀରଂ ଗୃହମ୍,
ପୂଜା ତେ ବିଷୟୋପଭୋଗରଚନା ନିଦ୍ରା ସମାଧିସ୍ଥିତିଃ ।
ସଂଚାରଃ ପଦୟୋଃ ପ୍ରଦକ୍ଷିଣବିଧିଃ ସ୍ତୋତ୍ରାଣି ସର୍ବା ଗିରୋ
ଯଦ୍ ଯଦ୍ କର୍ମ କରୋମି ତତ୍ତଦଖିଳଂ ଶମ୍ଭୋ ତବାରାଧନମ୍ ॥''

*

''ରତ୍ନୈଃ କଳ୍ପିତମାସନଂ ହିମଜଳୈଃ ସ୍ନାନଂ ଚ ଦିବ୍ୟାମ୍ବରଂ
ନାନାରତ୍ନବିଭୂଷିତଂ ମୃଗମଦାମୋଦାଙ୍କିତଂ ଚନ୍ଦନମ୍ ।
ଜାତିଚମ୍ପକବିଲ୍ୱପତ୍ରରଚିତଂ ପୁଷ୍ପଂ ଚ ଧୂପମଂ ତଥା

ଦୀପଂ ଦେବ ଦୟାନିଧେ ପଶୁପତେ ହୃତ୍‌କଳ୍ପିତଂ ଗୃହ୍ୟତାମ୍ ।...''

ଏହି ଶ୍ଳୋକଗୁଡ଼ିକ ସୂଚାଇ ଦିଏ ଯେକୌଣସି ପ୍ରତିମା, ବିଗ୍ରହ ବା ପ୍ରତୀକର ବିନା ସାହାଯ୍ୟରେ ଓ ଆରାଧନା ନିମିତ୍ତ ଆବଶ୍ୟକ କୌଣସି ଦ୍ରବ୍ୟ ବା ସାମଗ୍ରୀ ବା ଉପଚାର ବ୍ୟବହାର ନକରି କେବଳ ହୃଦୟ ମନ୍ଦିରରେ ଶିବଶମ୍ଭୁଙ୍କର ଉପସ୍ଥିତିକୁ କଳ୍ପନା କରି ପ୍ରାର୍ଥନା କରାଯାଉଛି । ମୋର ଶରୀରଟି ତୁମର ଗୃହ ହେଉ, ମୋର ସକଳ ଭୋଗ ବା କାର୍ଯ୍ୟକଳାପ ତୁମର ପୂଜା ରୂପେ ନିବେଦିତ ହେଉ, ନିଦ୍ରା ସମାଧି ତୁଲ୍ୟ ଓ ପଦଚାରଣ ଯେପରି ତୁମକୁ ପ୍ରଦକ୍ଷିଣ କଲା ପରି ଓ ମୋର ସମସ୍ତ ବଚନ ତୁମର ସ୍ତୋତ୍ର ପରି ପବିତ୍ର, ଶୁଦ୍ଧ ହେଉ ଓ ଯେଉଁ ଯେଉଁ କାର୍ଯ୍ୟ ମୁଁ କରି ଚାଲିଛି ସେ ସବୁକିଛି ତୁମର ଆରାଧନା ତୁଲ୍ୟ ହେଉ !

ପୁଣି ଭକ୍ତ ମନରେ କଳ୍ପନା କରୁଛି ଯେ ତା'ର ଇଷ୍ଟଙ୍କୁ ରତ୍ନସିଂହାସନରେ ବସାଇ ହିମଶୀତଳ ଜଳରେ ସ୍ନାନ କରି ଦେଉଛି । ଦିବ୍ୟବସ୍ତ୍ର ଓ ନାନା ରତ୍ନ ଦ୍ୱାରା ତା'ର ପରମପ୍ରଭୁଙ୍କୁ ସଜାଇ ଦେଉଛି, ମୃଗକସ୍ତୁରୀ ମିଶ୍ରିତ ଚନ୍ଦନ ଶରୀରରେ ଲେପନ କରି ଦେଉଛି, ଦୟାର ନିଧାନ ପଶୁପତି ଶିବଙ୍କୁ ହୃଦୟରେ କଳ୍ପନା କରି ସେ ସ୍ୱର୍ଣ୍ଣଚମ୍ପା, ବିଲ୍ୱପତ୍ର, ନାନାବିଧ ପୁଷ୍ପ, ଧୂପ, ଦୀପ ନିବେଦନ କରୁଛି ଓ ଏସବୁକୁ ଗ୍ରହଣ କରିବା ଲାଗି ପ୍ରାର୍ଥନା କରୁଛି । ଏ ହେଉଛି ଭକ୍ତର ମାନସିକ ପୂଜା ।

ଅନ୍ୟଥା ଆମେ ଏକ ପ୍ରତିମା ବା ଛବିକୁ ଭୌତିକ ଭିତ୍ତି, ପ୍ରତୀକ ବା ପ୍ରତିଷ୍ଠା ରୂପେ ଗ୍ରହଣ କରି ତାହାକୁ ଶାରୀରିକ କାର୍ଯ୍ୟକଳାପ ଦ୍ୱାରା ପୂଜା ନିମିତ୍ତ ଏକ ସ୍ଥୂଳ ଭୌତିକ କେନ୍ଦ୍ର ରୂପେ ବିନିଯୋଗ କରିପାରୁ ।

ଆମେ ଭଗବାନଙ୍କର ନିରାକାର ବିଭାବ, ଯଥା : ତାଙ୍କରି ଗୁଣାବଳୀ, ତାଙ୍କରି ଦିବ୍ୟପ୍ରେମ, ଦିବ୍ୟଶକ୍ତି, ଦିବ୍ୟ ଆନନ୍ଦ, ଦିବ୍ୟ ପ୍ରଜ୍ଞା, ଯେଉଁ ମହାଜାଗତିକ ବିଧାନ ରୂପେ ଜ୍ଞାନର ଚକ୍ଷୁ ସମ୍ମୁଖରେ ସେ ଯେପରି ପ୍ରତିଭାତ ହୁଅନ୍ତି – ସେସବୁକୁ ଆମେ ପୂଜା କରିପାରୁ । ଏହି ବିଭାବଗୁଡ଼ିକରେ ନୈର୍ବ୍ୟକ୍ତିକ ରୂପେ ସେ ଯେପରି ଆପଣାକୁ ଅଭିବ୍ୟକ୍ତ କରିଛନ୍ତି କିଂବା ଏସବୁକୁ ଧାରଣ କରିଥିବା ଏକ ବ୍ୟକ୍ତିକ ସତ୍ତା ରୂପରେ ପ୍ରକାଶିତ ଅଭିବ୍ୟକ୍ତିଗୁଡ଼ିକୁ କିଂବା ସେଥିରେ ଅଭିବ୍ୟକ୍ତ ହୋଇଥିବା ବ୍ୟକ୍ତିତ୍ୱଗୁଡ଼ିକୁ ଆମେ ପୂଜା କରିପାରିବା, ତଦ୍ୱାରା ଆମେ ସେହି ଉଚ୍ଚତମ ଶୃଙ୍ଗର ଶୀର୍ଷତମ ବିନ୍ଦୁଯାଏ ଉନ୍ନୀତ ହୋଇପାରିବା । ସେ କେବଳ ନିରାକାର, ଅରୂପ ବା ରୂପବିହୀନ ନୁହଁନ୍ତି, ନିର୍ଗୁଣ ବା ଗୁଣବିହୀନ ନୁହଁନ୍ତି, ଗୀତୋକ୍ତ ''ଅନିର୍ଦ୍ଦେଶ୍ୟଂ'' ମଧ୍ୟ ।

ଶ୍ରୀମଦ୍ ଭଗବଦ୍ ଗୀତାର ଭକ୍ତିଯୋଗରେ କୁହାଯାଇଛି :

''ଯେ ତ୍ୱକ୍ଷରମନିର୍ଦେଶ୍ୟମବ୍ୟକ୍ତଂ ପର୍ଯ୍ୟୁପାସତେ ।
ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥମଚଳଂ ଧ୍ରୁବମ୍ ॥
ସଂନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ ।
ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ॥''
(୧୨/୩ - ୪)

ଏହାର ଅର୍ଥ ହେଲା – ''ଯେଉଁମାନେ ଇନ୍ଦ୍ରିୟ ସଂଯମ କରି, ସର୍ବତ୍ର ସମବୁଦ୍ଧି ସମ୍ପନ୍ନ ହୋଇ ସମ୍ପୂର୍ଣ୍ଣ ରୂପେ ଅବ୍ୟକ୍ତ ଉପାସନା କରନ୍ତି, ଅର୍ଥାତ୍ – ଯାହା ଇନ୍ଦ୍ରିୟମାନଙ୍କ ଦ୍ୱାରା ବୁଝାଯାଇ ପାରିବ ନାହିଁ, ଯାହା ସର୍ବବ୍ୟାପକ, ଅଚିନ୍ତ୍ୟ, ଧ୍ରୁବ ଏବଂ ଅଚଳ, ଯାହା ପରମ ସତ୍ୟ ସ୍ୱରୂପ ନିର୍ବିଶେଷ ଭାବ – ତାହାରି ଉପାସନା କରନ୍ତି ଏବଂ ସମସ୍ତ ଜୀବର ମଙ୍ଗଳକାମନା କରନ୍ତି, ସେମାନେ ସମସ୍ତେ ମୋତେ ପ୍ରାପ୍ତ କରନ୍ତି ।''

ଉପାଧି, ଖ୍ୟାତି, ବୈଶିଷ୍ଟ୍ୟ, ଏକାଧିକାରତା, ଶ୍ରେଷ୍ଠତା (superiority) ଓ ବର୍ଜନଶୀଳତା (exclusion) ଲାଗି ଲାଳାୟିତ ଆମର ମନର ଉତ୍ତେଜନା ଓ ମାନବୀୟ ଅଜ୍ଞାନତା ଯୋଗୁଁ ଆମେ ଏହି ବିଷୟଗୁଡ଼ିକର ବିଭାଗୀକରଣ କରୁ ଓ କହୁ ଯେ ସେସବୁ ଅଜ୍ଞ ଆତ୍ମାମାନଙ୍କ ଲାଗି ଉଦ୍ଦିଷ୍ଟ । ଆମେ କ'ଣ ଜାଣୁ ? କେତେକ ଆସ୍ତିକଗଣ, ଈଶ୍ୱର ବିଶ୍ୱାସୀଗଣ, ରୂପ-ପୂଜକ, ମାନବ-ପୂଜକ, ମୂର୍ତ୍ତି-ପୂଜକ ଓ ବହୁ-ଈଶ୍ୱରବାଦୀମାନଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖନ୍ତି । ଅଦ୍ୱୈତବାଦୀଗଣ ଏକ ଉଦାର ସହନଶୀଳ ସହାନୁଭୂତି ନେଇ ଗୁଣ-ପୂଜକ ବ୍ୟକ୍ତିମାନଙ୍କର ଅଜ୍ଞାନତାକୁ ନ୍ୟୂନ ଦୃଷ୍ଟିରେ ଦେଖନ୍ତି । ଏହା ଈଶ୍ୱର ବିଶ୍ୱାସୀମାନଙ୍କୁ ହତବୁଦ୍ଧି କରି ଦିଏ । ମାତ୍ର ଆମେ ମନେ କରୁ ଯେ ପରମେଶ୍ୱର କାହାରିକୁ ଓ ଯେକୌଣସି ବିଷୟକୁ ନ୍ୟୂନ ଦୃଷ୍ଟିରେ ଦେଖନ୍ତି ନାହିଁ ।

ସର୍ବାନ୍ତରାତ୍ମା ପରମେଶ୍ୱର ଜଣେ ଶିଶୁର ପ୍ରାର୍ଥନା କିଂବା ପ୍ରତିଛବି ବା ପ୍ରତିମା ସମ୍ମୁଖରେ ଅର୍ପିତ ପତ୍ରଟିଏ କିଂବା ଫୁଲଟିଏରୁ ଯେତିକି ଆନନ୍ଦ ବା ସନ୍ତୋଷ ପ୍ରାପ୍ତ କରନ୍ତି, ଭାବନାର ଶୀର୍ଷବିନ୍ଦୁରେ ଲମ୍ଫ ପ୍ରଦାନ କରି ଚାଲୁଥିବା ଦାର୍ଶନିକଙ୍କର ଅନିର୍ଦେଶ୍ୟ ଓ ଅଜ୍ଞେୟଙ୍କ ଦିଗରେ ଅଗ୍ରଗତିକୁ ସେତିକି ପ୍ରାଧାନ୍ୟ ଦେଇଥା'ନ୍ତି । ଯିଏ ଏକାଧାରରେ ସୀମାତୀତ ଉପଲବ୍ଧି ପ୍ରତି ଉନ୍ମୋଚିତ ଓ ଉନ୍ନୀତ ହୋଇଥା'ନ୍ତି, ଅଥଚ

ଏକ ଛୋଟ ଶିଶୁର ହୃଦୟକୁ ବହନ କରିବା ସହ ରୂପସକଳର ଦ୍ରଷ୍ଟାଙ୍କ ସାମର୍ଥ୍ୟକୁ ଅର୍ଜନ କରିଥା'ନ୍ତି – ସେହିଁ ଯଥାର୍ଥରେ ସର୍ବୋତ୍ତମ ଅଟନ୍ତି । (CWS, Vol. 1, pp. 572 - 573)

ଶ୍ରୀମଦ୍ ଭଗବଦ୍ ଗୀତାର ନବମ ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି :

''ଯେଽପ୍ୟନ୍ୟଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।
ତେଽପି ମାମେବ କୌନ୍ତେୟ ଯଜନ୍ତ୍ୟବିଧିପୂର୍ବକମ୍ ।।''
(୯/୨୩)

ଅର୍ଥାତ୍, ''ହେ କୌନ୍ତେୟ ! ଯେଉଁମାନେ ଅନ୍ୟ ଦେବତାମାନଙ୍କୁ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସର ସହ ପୂଜା କରନ୍ତି ଓ ଯାହା ଅର୍ପଣ କରନ୍ତି ସେ ସମସ୍ତ ମୁଁ ହିଁ ଗ୍ରହଣ କରିଥାଏ ।''

ରୂପ ଅନେକ, କିନ୍ତୁ ପରମ ଦିବ୍ୟସତ୍ତା ହେଲେ ଏକ । ଅଭୀପ୍ସୁ ମଣିଷ ଯେକୌଣସି ପଥ ବା ଅନେକ ପଥ ଅନୁସରଣ କରି ତାଙ୍କରି ନିକଟରେ ପହଞ୍ଚି ପାରନ୍ତି । ପଥ ଅନେକ, କିନ୍ତୁ ଲକ୍ଷ୍ୟ ଏକ ।

ଦେଶ, କାଳ, ପାତ୍ର, ଆବଶ୍ୟକତା ଓ ସର୍ତ୍ତାନୁଯାୟୀ ଭଗବାନ୍ ଭକ୍ତର ଆକୁଳ ପ୍ରାର୍ଥନାର ପ୍ରତ୍ୟୁତ୍ତର ଦେଇଥା'ନ୍ତି । କାରଣ ସେ ଭକ୍ତବତ୍ସଳ, ଭକ୍ତିରେ ବନ୍ଧା । ଯିଏ ଯେଉଁ ରୂପରେ ତାଙ୍କୁ ଆପଣା ଭକ୍ତିର ଅର୍ଘ୍ୟ ଅର୍ପଣ କରିଥାଏ ସେ ସେହି ରୂପରେହିଁ ତାହା ଗ୍ରହଣ କରିଥା'ନ୍ତି । ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ୍ କହୁଛନ୍ତି :

''ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।।''
(୪/୧୧)

ଅର୍ଥାତ୍, ''ଯିଏ ଯେଉଁ ରୂପରେ ମୋତେ ପୂଜାର୍ଚ୍ଚନା କରିଥାଏ, ମୁଁ ସେହି ରୂପରେହିଁ ତାକୁ ଦେଖାଦିଏ ଓ ଆଶୀର୍ବାଦ କରିଥାଏ । ହେ ପାର୍ଥ ! ମନୁଷ୍ୟମାନେ ସବୁପ୍ରକାରେ ମୋତେହିଁ ଅନୁସରଣ କରିଥା'ନ୍ତି ।''

(କ୍ରମଶଃ)

❑❑❑

# ପ୍ରତିଶ୍ରୁତ ସମୟର

## ଶାନ୍ତି ମହାନ୍ତି

ହେ ସ୍ୱପ୍ନର ଯାଦୁକର !
ଅନନ୍ତ ସ୍ୱପ୍ନର ମାଧୁରିମା ଦେଇ
ରଚିଲ ଜୀବନ ମୋର ।

ମୁଁ ଯେମିତି କେଉଁ ଅଧୀରା ନଈର
ପୁଲକ ଭରା ସେ ଗୀତ,
ଶୁଣୁଛି ମଧୁରେ ଗାଉଛ ଅଧୀରେ
ଅନନ୍ତ ଛନ୍ଦେ ନିରତ ।

ଲାଗୁଛି ଯେମିତି ହୃଦୟ ତ ମୋର
ଆଉ କା' ସ୍ୱପ୍ନର ଘର
ମୁଁ କେବଳ ତାଙ୍କ ପ୍ରକାଶର ବିନ୍ଦୁ
ପ୍ରତିଶ୍ରୁତ ସମୟର ।



ବିଶ୍ୱ ଅଙ୍ଗନେ ମୋ' ନିଜ ଠିକଣା
ଖୋଜୁଛି ମୁଁ ବାରବାର ।
ଲାଗୁଛି ଯେମିତି ମୁଁ କାହାର ଅବା
ବିଶ୍ୱାସୀ ମଧୁକର;
ପରଶି ଦେବାର ଆନନ୍ଦକୁ ନେଇ
ରହିଛି ମୁଁ ଉଜାଗର ।

ପ୍ରତି ପଲକରେ ଝରି ପଡୁଥିବା
ବିନ୍ଦୁ ବିନ୍ଦୁ ମହୁଝର,
ସ୍ୱପ୍ନ ସଜଳ ନୟନେ ମୁଁ ଦେଖେ
ତୁମର ସେ ଉପହାର ।
ଅବିରତେ ସେହି ଝରଣା ଯେମିତି
ବହୁଛି ହୃଦୟେ ମୋର । ❑

ଇତିହାସର କେତୋଟି ମୁହୂର୍ତ୍ତ :

# ବଳବାନ୍ ବନାମ କ୍ଷୁଦ୍ରାଦପି କ୍ଷୁଦ୍ର

## ମନୋଜ ଦାସ

ଖ୍ରୀଷ୍ଟପର ପ୍ରଥମ ଶତାବ୍ଦୀରେ ରୋମାନ୍ ସୈନ୍ୟଦଳର ନେତୃତ୍ୱ ନେଉଥିଲେ ଦୁର୍ଦ୍ଧର୍ଷ ସେନାପତି ଟାଇଟାସ୍ । ସେ ସମ୍ରାଟ ଆସନରେ ବି ବସିଲେ । ତାଙ୍କର ସବୁଠୁ ବଡ଼ କୃତିତ୍ୱ ହେଲା ଜେରୁଜେଲମ୍ ବିଜୟ । ସେଠାକାର ସମସ୍ତ ଇହୁଦୀ ମନ୍ଦିର ଧ୍ୱଂସ କରି ପ୍ରତି ମନ୍ଦିରର ଖଣ୍ଡିଏ ଖଣ୍ଡିଏ ପଥର ବା ଶିଳ୍ପ ନେଇ ଆସି ରୋମରେ ତାଙ୍କ ପ୍ରାସାଦରେ ସଜାଇ ରଖିଥିଲେ ।

କେହି ଜଣେ ବନ୍ଧୁ କହିଲେ, ''ତୁମେ ଜେରୁଜେଲମ୍ ଦଖଲ କରି ବିଜେତା ସୁଲଭ କର୍ମ କରିଛ । ସେଥିପାଇଁ ଅଭିନନ୍ଦନର ଯୋଗ୍ୟ । କିନ୍ତୁ ମନ୍ଦିରଗୁଡ଼ିକ ଧ୍ୱଂସ କରିବାର ପ୍ରୟୋଜନ ନଥିଲା । ଈଶ୍ୱରଙ୍କ ଭିନ୍ନ ଭିନ୍ନ ନାମ ଥାଇପାରେ । କିନ୍ତୁ ଈଶ୍ୱର ହେଲେ ଈଶ୍ୱର । ତାଙ୍କ ପାଇଁ ନିର୍ମିତ ଇମାରତ୍‌ସବୁ ଭାଙ୍ଗିବା ଠିକ୍ ନୁହେଁ ।''

ହସିଲେ ଟାଇଟାସ୍ । ''ତୁମେ କହୁଛ ଇହୁଦୀମାନଙ୍କ ଈଶ୍ୱର ବି ଈଶ୍ୱର ? ଯଦି ସେ ଈଶ୍ୱର ହୋଇଥିବେ, ତେବେ ତାଙ୍କ ଶକ୍ତି ମୋଠୁ ବହୁତ କମ୍ । ନହେଲେ ସେ ମୋ ସହ ଲଢ଼ିଥା'ନ୍ତେ ।'' କଣ୍ଠରେ ବିଦ୍ରୁପ ଫୁଟାଇ ସମ୍ରାଟ କହିଲେ ।

''ଈଶ୍ୱର ଏଡ଼େ ଶକ୍ତିବାନ୍ ଯେ ତୁମ ସହ ଲଢ଼ିବାକୁ ସେ ପସନ୍ଦ କରିବେ ନାହିଁ ।'' ବନ୍ଧୁ କହିଲେ ।

ଗମ୍ଭୀର ଭାବରେ ଟାଇଟାସ୍ କହିଲେ, ''ଚୁପ୍ କର । ମୋତେ ପରାଜିତ କଲା ଭଳି ବଳବାନ୍ କେହି ନାହାନ୍ତି – ମଣିଷ ବା ଦେବତା ଭିତରେ । ମାରିବା ତ ଦୂରର କଥା ।''

''ସମ୍ରାଟ, କାହାକୁ ହେଲେ ମାରିବା ପାଇଁ ବି ବଳବାନ୍‌ର ଆବଶ୍ୟକତା ନ ପଡ଼ିପାରେ । ଈଶ୍ୱରଙ୍କ ସୃଷ୍ଟିର କ୍ଷୁଦ୍ରତମ ଜୀବଟିଏ ମଧ୍ୟ ଜଣେ ମହାବଳବାନ୍‌ର ମୃତ୍ୟୁର କାରଣ ହୋଇପାରେ ।'' କହିଲେ ବନ୍ଧୁ ।

''କ'ଣ କହିଲ ?'' ବଜ୍ରନାଦ ଭଳି ପ୍ରଶ୍ନ କଲେ ଟାଇଟାସ୍ ।

ବନ୍ଧୁ ମଧ୍ୟ ଶଙ୍କି ଗଲେ । ସେ କହିଲେ, ''ବିଶ୍ୱାସ କର, ମୁଁ ଭାବି ଚିନ୍ତି କିଛି କହି ନାହିଁ । ମୋ ପାଟିରୁ କଥାଟି କେମିତି କେଜାଣି ବାହାରି ଗଲା !''

ଅଟ୍ଟହାସ୍ୟ କଲେ ଟାଇଟାସ୍ । ''ବର୍ତ୍ତମାନ ତୁମେ ଏଇ ଭଳି ସଫେଇ ନଦେଇ ଆଉ କ'ଣ କରନ୍ତ ? କିନ୍ତୁ ତୁମେ ଯାହା କହିଲ, ଜାଣ ତା'ର ଶାସ୍ତି କ'ଣ...?''

ଟାଇଟାସ୍ ଆଉ କିଛି କହିବା ପୂର୍ବରୁ କ୍ଷୁଦ୍ର କୀଟଟିଏ ତାଙ୍କ ନାକରେ ପଶି ଗଲା । ସେ ତାକୁ ବାହାର କରିବାକୁ ଯେତେ ଚେଷ୍ଟା କଲେ, ପାରିଲେ ନାହିଁ । କ୍ରମେ ଯାତନାରେ ଅଧୀର ହୋଇ ସେ ଶଯ୍ୟାଶାୟୀ ହେଲେ ।

ସେ ଶଯ୍ୟାରୁ ସେ ଆଉ ଜୀବନ୍ତ ଉଠିଲେ ନାହିଁ ।

('ମନୋଜ ଦାସ ପରିବେଷିତ ଅର୍ଦ୍ଧଶତ କିଶୋର
କାହାଣୀ'ରୁ ସଂଗୃହୀତ, ପୃ. ୧୪୭-୧୪୮)❑

ସୌନ୍ଦର୍ଯ୍ୟର ତପସ୍ୟା :

# ଏକଲବ୍ୟର ସାଧନା

## (୫)

["Truth Cures." ''ପରମ ସତ୍ୟ ଆରୋଗ୍ୟ ବିଧାନ କରିଥାଏ ।''
(MCW, Vol. 15, p. 172) – ଶ୍ରୀମା
(୧୯୫୭ରେ ପଣ୍ଡିଚେରୀ ନିକଟସ୍ଥ 'ଜବାହାରଲାଲ ଇନିଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟଗ୍ରାଜୁଏଟ୍ ମେଡ଼ିକାଲ୍ ଏଡୁକେଶନ୍ ଏଣ୍ଡ ରିସର୍ଚ୍ଚ'(JIPMER)ର ଉଦ୍‌ଘାଟନ ଦିବସରେ ଶ୍ରୀମା'ଙ୍କ ପ୍ରଦତ୍ତ ବାଣୀ)]

### ରୋଗବ୍ୟାଧିର ପ୍ରତିରୋଧ ଓ ପ୍ରତିକାର (କ) :

ଶରୀରଚର୍ଚ୍ଚାର ତପସ୍ୟା-ମାର୍ଗରେ ଆମକୁ ପ୍ରଥମରୁହିଁ ତିନୋଟି ମୁଖ୍ୟ ବିଷୟ ପ୍ରତି ଧ୍ୟାନ ଦେବାକୁ ହେବ । (୧) ଶରୀରର ଯାବତୀୟ ସ୍ୱାଭାବିକ କ୍ରିୟାକଳାପର କ୍ଷେତ୍ରରେ ଏକ ନିୟନ୍ତ୍ରଣ ଓ ଶୃଙ୍ଖଳା ଅର୍ଜନ; (୨) ଶରୀରର ସକଳ ଅଙ୍ଗପ୍ରତ୍ୟଙ୍ଗ ତଥା ସେସବୁର ସଞ୍ଚାଳନ କ୍ରିୟାରେ ଏକ ପୂର୍ଣ୍ଣାଙ୍ଗ, ପଦ୍ଧତିଯୁକ୍ତ ଓ ସୁଷମ ବିକାଶଲାଭ ଏବଂ (୩) ଶରୀର ମଧ୍ୟରେ ଯେଉଁଠି ଯାହା ଦୋଷତ୍ରୁଟି ଓ ବିକୃତି ରହିଛି ସେସବୁର ସଂଶୋଧନ ।

ପ୍ରଥମ ଦୁଇଟି ସମ୍ବନ୍ଧେ ଅଧୁନା ଆମେମାନେ ବିଭିନ୍ନ ସୂତ୍ରରୁ ଯଥେଷ୍ଟ ମୌଳିକ ଜ୍ଞାନ ଆହରଣ କରି ପାରିଛୁ । ତେଣୁ ଏବେ ତୃତୀୟଟି ଉପରେ ମନୋଯୋଗପୂର୍ବକ ଏକାଗ୍ର ହେବୁ ।

ପ୍ରଥମତଃ ଆମେ ସମସ୍ତେ, ଅର୍ଥାତ୍ ଯୋଗମାର୍ଗରେ ପଦାର୍ପଣ କରିଥିବା ଅଭୀପ୍ସୁଗଣ ଏଥିରେ ଏକମତ ଯେ ଆମର ଶାରୀରିକ ଚର୍ଚ୍ଚା ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ସୁସ୍ଥ, ସବଳ, ସୁନ୍ଦର, କର୍ମଠ ଓ ସଚେତନ ଶରୀର ଗଠନ କରିବା ଯଦ୍ୱାରା ପୃଥିବୀ ବାତାବରଣରେ ସତତ କ୍ରିୟାଶୀଳ ଅତିମାନସ ଶକ୍ତିର ଏକ ଉପଯୁକ୍ତ ମାଧ୍ୟମ ହୋଇଉଠିବା ଏବଂ ସଂସାରରେ ଆମର ପ୍ରତିଟି କର୍ମକୁ ସୁଚାରୁରୂପେ ସମ୍ପାଦନପୂର୍ବକ ଶ୍ରୀମା'ଙ୍କୁ ଅର୍ପଣ କରିବା ।*

ତେଣୁ ଶରୀର ଚର୍ଚ୍ଚାର ଅଭ୍ୟାସ ଆରମ୍ଭ କରିବା ପୂର୍ବରୁ ଆମେ ନିଶ୍ଚିତ ରୂପେ (ଏକ ସାଧାରଣ ଡାକ୍ତରୀ ପରୀକ୍ଷା ଦ୍ୱାରା) ଆମ ଶରୀରର କିଛି ଦୋଷତ୍ରୁଟି ଓ ବିକୃତି ରହିଛି କି ନାହିଁ ଜାଣିବୁ ଏବଂ ଯଦି ସେପରି କିଛି ଥାଏ, ସେଇଟିକୁ ସଂଶୋଧନ କରିବାକୁ ଆନ୍ତରିକ ପ୍ରଚେଷ୍ଟା କରିବୁ । ଏହି ପ୍ରଚେଷ୍ଟାରେ ଆମମାନଙ୍କର ପ୍ରଧାନ ଅନ୍ତରାୟ ହେଉଛି 'ଭୟ'; ନତୁବା ଅନ୍ୟ ଏକ ଅନ୍ତରାୟ ସ୍ୱରୂପ ଦଣ୍ଡାୟମାନ ହୋଇଥାଏ ବ୍ୟାଧିଟିକୁ ଲୁଚାଇ ରଖିବାର ପ୍ରବଣତା ଯଦ୍ୱାରା ଅନ୍ୟମାନଙ୍କର ସମାଲୋଚନାର ପାତ୍ର ନ ହେବାର ଏକ ଆଳ । କିନ୍ତୁ ପ୍ରକୃତରେ କହିବାକୁ ଗଲେ 'ଭୟ'ହିଁ ଏସବୁର ମୂଳ କାରଣ ।

କେତେକ କ୍ଷେତ୍ରରେ ଆମେ ଏଇ ଧରଣର ଯୁକ୍ତି ବାଢ଼ିଥାଉ : ''ଶ୍ରୀମା'ଙ୍କ ଉପରେ ବିଶ୍ୱାସ-ଭରସା ରଖିଛି, ସବୁ ଠିକ୍ ହୋଇଯିବ । ବାହାରର କୌଣସି ଅବଲମ୍ବନର ଆବଶ୍ୟକତା ନାହିଁ । ତା'ଛଡ଼ା ଡାକ୍ତରଙ୍କୁ ଦେଖାଇଲେ ସେମାନେ ନିଶ୍ଚିତ ରୂପେ ଔଷଧ ଖାଇବାକୁ କହିବେ, ଅପରେସନ୍ ଆଦିର ଆବଶ୍ୟକତା ରହିଛି ବୋଲି କହିବେ, ଇତ୍ୟାଦି, ଇତ୍ୟାଦି ।''

ଏପରି ଅନେକ କ୍ଷେତ୍ରରେ ଦେଖାଯାଇଛି ଯେ ଆମମାନଙ୍କ ଭିତରୁ କେତେକଙ୍କର ଅନ୍ତ୍ରବୃଦ୍ଧି (hernia)ର ପ୍ରବଣତା ରହିଥିଲା, କେତେକଙ୍କର ଶରୀରର ଆଭ୍ୟନ୍ତରୀଣ ଅଙ୍ଗରେ ବା ନିଭୃତ ଅଙ୍ଗରେ ଆବୁ (tumour or cyst) ହେବାକୁ ଆରମ୍ଭ କରିଥିଲା । ଡାକ୍ତରୀ ପରୀକ୍ଷାରେ ଧରା

---

* ''କୁର୍ବନ୍ନେବେହ କର୍ମାଣି ଜିଜୀବିଶେଚ୍ଛତଂ ସମାଃ । ଏବଂ ତ୍ୱୟି ନାନ୍ୟଥେତୋଽସ୍ତି ନ କର୍ମ ଲିପ୍ୟତେ ନରେ ॥'' (ଈଶୋପନିଷଦ୍, ଶ୍ଲୋକ - ୨) (ଅର୍ଥାତ୍, ଏହି ସଂସାରରେ କର୍ମ କରୁ କରୁହିଁ ଶହେ ବର୍ଷ ବଞ୍ଚିବା ଉଚିତ । ଏହାହିଁ ତୋ' ପାଇଁ ବିଧିବିଧାନ, ଏତତ୍ ବ୍ୟତୀତ ଅନ୍ୟ କିଛି ନାହିଁ । କର୍ମ ମଣିଷ ପାଇଁ ଏକ ବନ୍ଧନ ନୁହେଁ ।)

ପଡ଼ିବାରୁ ଏସବୁର ପ୍ରାଥମିକ ଚିକିତ୍ସା ପରେ ସେମାନେ ଖୁବ୍ ସହଜରେ ଆରୋଗ୍ୟ ହୋଇ ଉଠିଛନ୍ତି । କେତେକେ ପ୍ରାକୃତିକ ଚିକିତ୍ସା ଫଳରେ, ଆବଶ୍ୟକୀୟ ଯୋଗ-ବ୍ୟାୟାମ ତଥା ଅନ୍ୟାନ୍ୟ ସତର୍କତାମୂଳକ ବିଧାନ ଅବଲମ୍ବନରେ ଆରୋଗ୍ୟ ଲାଭ କରିଛନ୍ତି । କିନ୍ତୁ ଯେଉଁମାନେ ଦୀର୍ଘଦିନ ଧରି ବ୍ୟାଧିଟିକୁ ସଚେତନ ଭାବରେ ଲୁଚାଇ ରଖିଥିଲେ, ସେମାନଙ୍କ ମଧ୍ୟରୁ ଅନେକଙ୍କ କ୍ଷେତ୍ରରେ ବ୍ୟାଧିଟି କମ୍ ମାତ୍ରାରେ ବିପଜ୍ଜନକ ଅବସ୍ଥାରେ ରହିଥିବାରୁ ଅସ୍ତ୍ରୋପଚାର କରି ଆରୋଗ୍ୟ ଲାଭ କଲେ, କିନ୍ତୁ କେତେକଙ୍କର ବ୍ୟାଧିଟି ମାରାତ୍ମକ ଅବସ୍ଥାରେ ଅସ୍ତ୍ରୋପଚାର ପରେ ମଧ୍ୟ ବେଶ୍ ଭୋଗିବାକୁ ହୋଇଥିଲା, ଶେଷରେ ଅତ୍ୟନ୍ତ ପୀଡ଼ା ସହ୍ୟ କରି ଦୀର୍ଘଦିନ ଶଯ୍ୟାଶାୟୀ ହୋଇ ପଡ଼ିଥିଲେ । ଏପରି ଅବସ୍ଥାରେ ଚିକିତ୍ସକର ଚିକିତ୍ସା ମଧ୍ୟ ବେଶ୍ ଆୟାସସାଧ୍ୟ ହୋଇ ଉଠିଥାଏ ।

ଏସବୁ କଥା କହିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆମେମାନେ ଏ ବିଷୟରେ ଆଦୌ ଭୟ କରିବୁ ନାହିଁ କି ଆଦୌ ଅବହେଳା କରିବୁ ନାହିଁ । ଶ୍ରୀମା'ଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ଆମେ ଏହାକୁ ନିରାମୟ କରିବୁ । ଏହି ପରିପ୍ରେକ୍ଷୀରେ ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କର ଏକ ଅପରୂପ ଉଦାହରଣ ଚିରସ୍ମରଣୀୟ; ସାରମର୍ମଟି ଏହିପରି :

ଛୋଟ ପିଲାଟିର ଦେହରେ ବଥଟିଏ ଦେଖାଦେଲା । ଜନ୍ମଦାତ୍ରୀ ମା'ର ନଜରରେ ପଡ଼ିଛି । ସେ ଆବଶ୍ୟକୀୟ ଉପଚାର କରିବାରେ ତତ୍ପର ହେଲା । ବଥଟି ପାଚିବାକୁ ଆରମ୍ଭ କଲା, ଫାଟି ଯିବା ଅବସ୍ଥାରେ ଉପନୀତ ହେବା ମାତ୍ରେ ମାଆ ପିଲାଟିକୁ ଜୋର୍ କରି ନିଜ ଆୟତ୍ତରେ ରଖି ବଥଟିକୁ ଦୁଇ ହାତ ଅଙ୍ଗୁଳିରେ ନିର୍ମମ ଭାବରେ ଚିପି ସେଥିରୁ ବିଷାକ୍ତ ପୂଜ-ରକ୍ତକୁ ସମୂଳେ ନିଃସାରଣ କରିଦେଲା । ମାଆ ଏହି କର୍ମଟିକୁ ସମ୍ପାଦନ କରୁଥିବା ବେଳେ ପିଲାଟି ଅସମ୍ଭବ ଭାବରେ ଚିତ୍କାର କରି ମାଆର ମଥା ଚୂଳ ଟାଣି, ଗୋଡ଼ ହାତ ଛାଟି, ମାଆକୁ ଗୋଇଠା ମାରି ତଥା ହାତରେ ତାକୁ ମାଡ଼ ମାରି ଚାଲିଥାଏ । ମାଆର କିନ୍ତୁ ସେଥିପ୍ରତି ତିଳେମାତ୍ର ଭ୍ରୂକ୍ଷେପ ନଥାଏ, ତା'ର ସମ୍ପୂର୍ଣ୍ଣ ଏକାଗ୍ରତା ରହିଥାଏ ବଥଟିକୁ ଫଟାଇ ପିଲାଟିକୁ ଏକେବାରେ ରୋଗମୁକ୍ତ କରାଇବ । ଏହି ଘଟଣାରୁ ଆମେ କ'ଣ ପିଲା ପ୍ରତି ତା' ଜନ୍ମଦାତ୍ରୀର ନିଷ୍ଠୁରତା ଥିଲା ବୋଲି କହିବା ! ପରମୁହୂର୍ତ୍ତରେ ମାଆ ପିଲାଟିକୁ କୋଳାଗ୍ରତ କରି ସ୍ନେହ-ମମତାର ବାରି ସିଞ୍ଚନ କରିଦିଏ କି ନାହିଁ ? ରୋଗମୁକ୍ତ ଶିଶୁଟି ମଧ୍ୟ ପରମ ଆଶ୍ୱାସନାରେ ମାଆକୁ ଜାବୁଡ଼ି ଧରି ତା'ର ପରମ ସୁଖପ୍ରଦ ଆଶ୍ରୟ ଲାଭ କରେ କି ନାହିଁ !

ବାବାଜିଙ୍କର କହିବା ଉଦ୍ଦେଶ୍ୟ ଶ୍ରୀମା'ଙ୍କ ଉପରେ ଆମର ବିଶ୍ୱାସ-ଭରସା ରହିଥିଲେ ମଧ୍ୟ କେତେକ କ୍ଷେତ୍ରରେ ଶ୍ରୀମା' ନିଷ୍ଠୁର ଭାବରେ ଉପଯୁକ୍ତ ଚିକିତ୍ସା (ଏପରିକି ଅସ୍ତ୍ରୋପଚାର) କରିବାକୁ ଅନୁମତି ଦେଇଥା'ନ୍ତି । ଏସବୁର ଆବଶ୍ୟକତା ସ୍ଥଳବିଶେଷରେ ଅପରିହାର୍ଯ୍ୟ ହୋଇଥାଏ ।

ଯାହା ବି ହେଉ ଆମେ ଯୋଗପଥରେ ଥରେ ଯେତେବେଳେ ପାଦ ଦେଇଛୁ, ଯେକୌଣସି ପ୍ରକାର ରୋଗବ୍ୟାଧି ଆମ ମଧ୍ୟରେ ଦେଖା ଦେଲେ ମଧ୍ୟ ଆମେ 'ଭୟ'କୁ କେବେ ହେଲେ ପ୍ରଶ୍ରୟ ଦେବୁ ନାହିଁ । କେତେ ପ୍ରକାର ରୋଗ ରହିଛି । ଶ୍ରୀମା'ଙ୍କ ଉକ୍ତିରେ, ''ରୋଗଟି ଭୟଙ୍କର ବୋଲି ଧାରଣା କରାଯାଉଥିଲେ ମଧ୍ୟ ଅତି ସହଜରେ ଆରୋଗ୍ୟ କରିହୁଏ । ପୁଣି କେତେକ ରୋଗକୁ ଆଦୌ ଗୁରୁତ୍ୱ ଦିଆଯାଉ ନଥିଲେ ମଧ୍ୟ ସେଇଟି ଆରୋଗ୍ୟ କରିବାକୁ ସବୁଠାରୁ ଅଧିକ ନଛୋଡ଼ବନ୍ଦା ଭାବରେ ବାଧା ପ୍ରଦାନ କରିଥାଏ ।''

ବାବାଜି ଶ୍ରୀ ରାମକୃଷ୍ଣ ଦାସ ଥରେ କଥାଛଳରେ ଉପସ୍ଥିତ ଭକ୍ତବୃନ୍ଦଙ୍କୁ ହସ ହସ ମୁହଁରେ ଏହି ମର୍ମରେ କହିଥିଲେ, ''କ'ଣ କହିଲେ ! ଆମ ଶରୀର ରୂପାନ୍ତର ହେବ, ଅଥଚ କିଛି ବାଧାବିପତ୍ତିର ସମ୍ମୁଖୀନ ହେବା ନାହିଁ ! ରୋଗବ୍ୟାଧି ଆସିବ, ଏପରିକି ଅନେକ ପ୍ରକାରର ରୋଗବ୍ୟାଧି ଦେଖାଦେବ; ଆମମାନଙ୍କୁ ସେସବୁର ସମ୍ମୁଖୀନ ହୋଇ ନିରାମୟର ସୂତ୍ର ବାହାର କରିବାକୁ ହେବ । ଏ କ୍ଷେତ୍ରରେ ଭୟ ପାଇବାର କୌଣସି ପ୍ରଶ୍ନ ଉଠୁ ନାହିଁ । ମା'ଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରହିଥିବ ଏବଂ ରୋଗ ଦୂରୀକରଣ ନିମିତ୍ତ ଆନ୍ତରିକ ପ୍ରଚେଷ୍ଟା ବି ରହିଥିବ ।''

ପ୍ରତିଜ୍ଞା ଦେବୀ ନିତି ଦ୍ୱିପ୍ରହର ସମୟରେ ସମାଧିର ଫୁଲ ସଜାଇବା କାମ ଶେଷ କରି ଆଶ୍ରମ ଅଗଣାରେ ଥିବା ସିମେଣ୍ଟ ବେଞ୍ଚରେ କିଛି ସମୟ ସକାଶେ ବସୁଥିଲେ । ସେହି ବେଞ୍ଚରେ ଆମେ ଦୁଇ, ତିନିଜଣ ମଧ୍ୟ ବସିଥାଉ । ଥରେ ସେହି ସମୟରେ ସ୍ୱତଃପ୍ରବୃତ୍ତ ଭାବରେ ସେ ଆମକୁ ଏହି ମର୍ମରେ କହିଥିଲେ, ''ଜାଣିଛ, ଆମେ ଯେଉଁମାନେ ମା'ଙ୍କୁ ଧରିଛୁ, ବେଶ୍ ଶାରୀରିକ ଦୁଃଖକଷ୍ଟ ଭୋଗିବୁ । ଏପରିକି କ୍ୟାନ୍ସର ବ୍ୟାଧିରେ ଆମକୁ ବେଶୀ ଭୋଗିବାକୁ ହେବ । ରୋଗବ୍ୟାଧିର ଅଦିବ୍ୟ ଶକ୍ତି ଏହି ପୃଥିବୀପୃଷ୍ଠରୁ ସମୂଳେ ଧ୍ୱଂସ ହୋଇଯିବା

ପୂର୍ବରୁ ମା'ଙ୍କ ସନ୍ତାନମାନଙ୍କୁ ବେଶ୍ ଭଲ ଭାବରେ ଦହଗଞ୍ଜ କରିବ । ତେଣୁ ଆମେ ନିର୍ଭୀକ ରହିବା ।''

ଏହି ପରିପ୍ରେକ୍ଷୀରେ ଆମେ ଦେଖୁଛୁ କେତେକ ବରେଣ୍ୟ ସାଧକ-ସାଧିକା ସେମାନଙ୍କ ଜୀବନର ଅନ୍ତିମ ପର୍ଯ୍ୟାୟରେ କିପରି ରୋଗ-କଷ୍ଟ ଭୋଗିଛନ୍ତି, କିନ୍ତୁ ସେମାନଙ୍କର ମୁଖମଣ୍ଡଳରେ ତିଳେ ମାତ୍ର ଅସନ୍ତୋଷର ଭାବ ନାହିଁ, ଭ୍ରୂକୁଞ୍ଚନ ନାହିଁ – କେତୋଟି ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା :

ପବିତ୍ର-ଦା' ଜୀବନର ଅନ୍ତିମ ପର୍ଯ୍ୟାୟରେ ମେରୁଦଣ୍ଡରେ କ୍ୟାନ୍‌ସରଜନିତ ରୋଗରେ ପୀଡ଼ିତ ହୋଇଥିଲେ, ଚାଲିପାରୁ ନଥିଲେ; ମା'ଙ୍କ ପାଖକୁ ଆସୁଥିବା ବେଳେ ଆଣ୍ଠେଇ ଆଣ୍ଠେଇ ଆସୁଥିଲେ । ଦିନେ ହେଲେ ବି ମା'ଙ୍କ ପାଖରେ ନିଜର ଦୁଃଖଯନ୍ତ୍ରଣାରୁ ଉଦ୍ଧାର ପାଇବାର ପ୍ରାର୍ଥନା କରି ନଥିଲେ । ନୀରବରେ ତଥା ସନ୍ତୋଷ ମନରେ ସେସବୁ ଭୋଗି ଚାଲିଥିଲେ । ... କିନ୍ତୁ ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ଅନବରତ ସେ ଯାହା କରି ଚାଲିଥିଲେ, ସେହି କର୍ମ ଉପରେ ଶ୍ରୀମା'ଙ୍କର ମନ୍ତବ୍ୟ ଏହି ମର୍ମରେ ଥିଲା : 'A great and difficult thing Pavitra has done. None has done in the spiritual history.'

ନଳିନୀ-ଦା'ଙ୍କର ଆଖି ଅପରେସନ ହୋଇଥିଲା । ଦିନେ କଥାଛଳରେ ତାଙ୍କର ସେବକଙ୍କ ମଧ୍ୟରୁ ଜଣେ କହିଥିଲେ, ''ନଳିନୀ-ଦା', ଆପଣଙ୍କ ସାଥିରେ ଯେଉଁମାନଙ୍କର ଆଖି ଅପରେସନ ହୋଇଥିଲା ସେମାନେ ତ ସମସ୍ତେ ଏବେ ସୁସ୍ଥ, ଆପଣ ଏମିତି ଭୋଗୁଛନ୍ତି କାହିଁକି ?'' ନଳିନୀ-ଦା' ହସ ହସ ମୁହଁରେ ନୀରବ ରହିଥିଲେ ।... ତାଙ୍କ ଜୀବନର ଅନ୍ତିମ ମୁହୂର୍ତ୍ତରେ ନୀରଦବରଣ ତାଙ୍କୁ କଥା ପ୍ରସଙ୍ଗରେ ପଚାରି ବସିଥିଲେ, ''ନଳିନୀ-ଦା', ଆପଣ ଏବେ ଚେତନାର କେଉଁ ସ୍ତରରେ ରହିଛନ୍ତି ?'' ତତ୍‌କ୍ଷଣାତ୍ ତାଙ୍କର ସ୍ୱତଃସ୍ଫୂର୍ତ୍ତ ଭାବେ ଉତ୍ତର ଥିଲା : ''ଅଧିମାନସ ସ୍ତରରେ ।'' – ''ସେ ସ୍ତରରେ ରହି ଆପଣ କେଉଁ କର୍ମରେ ବ୍ୟସ୍ତ ଅଛନ୍ତି ?''– ''ଆଶ୍ରମର ସୁରକ୍ଷା କର୍ମରେ ।''...

ଏକଦା ପ୍ରଣବ-ଦା'ଙ୍କୁ ଜନୈକ ସାଧକ ପଚାରି ଥିଲେ, ''ଦାଦା, ଆପଣ ତ ଅନେକଙ୍କର ଆଣ୍ଠୁ ବ୍ୟଥା ରୋଗର ନିରାମୟ କରି ଦେଇଛନ୍ତି, ନିଜେ ଏମିତି କାହିଁକି ଭୋଗୁଛନ୍ତି ? କ'ଣ ଅନ୍ୟମାନଙ୍କର ଦୁଃଖଯନ୍ତ୍ରଣାକୁ ନିଜେ ବରଣ କରି ନେଇଛନ୍ତି ?'' – ଦାଦାଙ୍କ ଉତ୍ତର ଥିଲା : ''ହେଇଥିବ, ଜାଣେନି ।'' – ଦାଦାଙ୍କର ଯେମିତି ଆଣ୍ଠୁବ୍ୟଥା, ଜନୈକା ବୟୋଜ୍ୟେଷ୍ଠା ସାଧିକା ମଧ୍ୟ ସେହିପରି ଭୋଗୁଥିଲେ । ସେଦିନ ପ୍ଲେ-ଗ୍ରାଉଣ୍ଡ ମଧ୍ୟରେ ବିପରୀତ ପାର୍ଶ୍ୱରୁ ଦୁଇ ଜଣ ଚାଲି ଚାଲି ଆସୁଥିଲେ, ପ୍ଲେ-ଗ୍ରାଉଣ୍ଡର ମଧ୍ୟସ୍ଥଳରେ ପରସ୍ପରକୁ ଭେଟିଲେ – ସାଧିକା ଜଣଙ୍କ ଦାଦାଙ୍କୁ କୌତୁକମିଶା ହସ ହସ ମୁହଁରେ କହିଲେ, 'ଦାଦା, ଦେଖୁଛନ୍ତି ତ ଆମେ କିପରି ଚାଲୁଛୁ ?' ଦାଦା ସଙ୍ଗେ ସଙ୍ଗେ ଏହି ମର୍ମରେ କହିଥିଲେ, 'କିଛି ପରବାୟ ନାହିଁ, ଆମ ଗୁରୁଦେବ ବି ଖଞ୍ଜ ଥିଲେ, ଆମେ ବି ସେମିତି ହୋଇଛୁ ।''

ଆମେ ଯେଉଁମାନେ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସର୍ବାନ୍ତଃକରଣରେ ନିଜର ଆରାଧ୍ୟ ଦେବତା ବୋଲି ସ୍ୱୀକାର କରି ନେଇଛୁ, – ଆମମାନଙ୍କର ନିଶ୍ଚିତ ରୂପେ ଏହି ଅଖଣ୍ଡ ବିଶ୍ୱାସ ରହିଥିବା ଏକାନ୍ତ ଆବଶ୍ୟକ ଯେ ଏକ ମହାନ୍ ଦିବ୍ୟଶକ୍ତି ସର୍ବଦା ଆମମାନଙ୍କ ସହ ରହିଛି ଏବଂ ପ୍ରତି ମୁହୂର୍ତ୍ତରେ ସାହାଯ୍ୟ କରି ଚାଲିଛି । ସୁତରାଂ କସ୍ମିନ୍‌କାଳେ କୌଣସି ବାଧାବିପତ୍ତିରେ ଆମମାନଙ୍କର ଆଦୌ ଭୟ ରହିବା ଉଚିତ ନୁହେଁ ।

'ସୌନ୍ଦର୍ଯ୍ୟର ତପସ୍ୟା'ରେ ଆମେ ଏବେ ସମର୍ପଣର ମାର୍ଗ (ବିଲେଇ ଛୁଆର ମନୋଭାବ) ସହ ତପସ୍ୟାର ମାର୍ଗ (ବାନର ଶିଶୁର ମନୋଭାବ)କୁ ମଧ୍ୟ ଅଭ୍ୟାସ କରିବାରେ ଅଧ୍ୟବସାୟୀ ହେବା – ଅର୍ଥାତ୍ ଶ୍ରୀମା'ଙ୍କର ଜଣେ ଶିଶୁ ଓ ତାଙ୍କର ଜଣେ ବୀର ଯୋଦ୍ଧା ହୋଇ ଉଠିବାକୁ ହେବ ଏବଂ ଏଥିସହିତ 'ସାବିତ୍ରୀ'ର ନିମ୍ନୋକ୍ତ ଉଦ୍ଧୃତିଟି ବି ସ୍ମରଣରେ ରଖିବାକୁ ହେବ :

"He comes unseen into our darker parts  
And, curtained by the darkness,  
does his work,  
A subtle and all-knowing guest and guide,  
Till they too feel the need and will to change.  
All here must learn to obey a higher law,  
Our body's cells must hold  
the Immortal's flame."

(Savitri, p. 35)

ଅର୍ଥାତ୍ ''ସେ (ପରମପ୍ରଭୁ) ଆମର ତମସାଚ୍ଛନ୍ନ ଅଂଶସବୁ ମଧ୍ୟକୁ ଅଦୃଶ୍ୟ ଭାବରେ ଆସନ୍ତି ଏବଂ ତମସାର ଅନ୍ତରାଳରେ ରହି ତାଙ୍କ କାର୍ଯ୍ୟ କରି ଚାଲନ୍ତି, ସେ ଆମର

ଏକ ଅତି ସୂକ୍ଷ୍ମ ଅନ୍ତର୍ଦର୍ଶୀ ଏବଂ ସର୍ବଜ୍ଞ ଅତିଥି ତଥା ପଥପ୍ରଦର୍ଶକ ହୋଇ ସେପର୍ଯ୍ୟନ୍ତ କର୍ମରତ ରହିଛନ୍ତି ଯେପର୍ଯ୍ୟନ୍ତ ଆମର ସେହିସବୁ ତମସାଚ୍ଛନ୍ନ ଅଂଶ ମଧ୍ୟ ରୂପାନ୍ତରିତ ହୋଇ ଉଠିବାର ଯଥାର୍ଥ ଆବଶ୍ୟକତା ଓ ସଂକଳ୍ପକୁ ସର୍ବାନ୍ତଃକରଣରେ ଅନୁଭବ ନ କରିଛନ୍ତି । ଏଠାରେ (ଅର୍ଥାତ୍ ଏହି ଭୌତିକ ଜଗତରେ) ପ୍ରତ୍ୟେକ ବସ୍ତୁକୁ ସର୍ବତୋଭାବେ ଏକ ଉଚ୍ଚତର ବିଧାନର ଆଜ୍ଞା ପାଳନ କରିବା ସକାଶେ ଶିକ୍ଷା ଲାଭ କରିବାକୁ ହେବ, ଆମ ଶରୀରର କୋଷାଣୁସବୁକୁ ସେହି ପରମ ଅମରତ୍ୱର ଅଗ୍ନିଶିଖା ଧାରଣ କରିବାକୁ ହେବ ।''

(କ୍ରମଶଃ)

ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ - ୨୦୨୩

ଆସନ୍ତା ୨୦୨୩, ଜାନୁଆରୀ ୨୪, ୨୫ ଏବଂ ୨୬ ତାରିଖ ତିନିଦିନ ବ୍ୟାପୀ ଚୌରାଳିଶତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ **ଝାରସୁଗୁଡ଼ା** ଜିଲ୍ଲାର ଶ୍ରୀଅରବିନ୍ଦ ମହିଳା ପାଠଚକ୍ର **ମାତୃଜ୍ୟୋତି** ପରିସରରେ ଅନୁଷ୍ଠିତ ହେବାକୁ ଯାଉଅଛି ।

ଏପରି ଏକ ବିରାଟ ରାଜ୍ୟସ୍ତରୀୟ ଆଧାତ୍ମିକ ସମ୍ମିଳନୀ ଅନୁଷ୍ଠିତ କରିବାର ସୁଯୋଗ ପାଇ ଆମ୍ଭେମାନେ ନିଜକୁ ଧନ୍ୟ ମନେ କରୁଛୁ ତଥା ଦିବ୍ୟ ଜନନୀଙ୍କର କରୁଣା ପ୍ରାର୍ଥନା କରି ପ୍ରସ୍ତୁତି କାର୍ଯ୍ୟ ଜାରି ରଖିଛୁ ।

ଏହି ସମ୍ମିଳନୀରେ ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କ ରଚିତ ''**ସମର୍ପଣ ଓ ବାଧାବିଘ୍ନ**'' ପୁସ୍ତକଟି ଉପରେ ଦଳଗତ ଆଲୋଚନା ହେବା ପାଇଁ ସ୍ଥିର କରାଯାଇଛି । ସମ୍ମିଳନୀକୁ ଆସିବା ପୂର୍ବରୁ ଶିବିରାର୍ଥୀମାନେ ପୁସ୍ତକଟିକୁ ଉତ୍ତମରୂପେ ଅଧ୍ୟୟନ କରି ଆଲୋଚନାରେ ଅଂଶ ଗ୍ରହଣ କରିବା ସକାଶେ ପ୍ରସ୍ତୁତ ହୋଇ ଆସିବାକୁ ଅନୁରୋଧ । ଏହି ସମ୍ମିଳନୀରେ ଓଡ଼ିଶାର ସମସ୍ତ ମାତୃପ୍ରେମୀ, ବିଶେଷ କରି ମହିଳା ପାଠଚକ୍ର ଏବଂ ଅନ୍ୟାନ୍ୟ ପାଠଚକ୍ରର ଭଉଣୀ ଓ ଭାଇଙ୍କୁ ବହୁସଂଖ୍ୟାରେ ଯୋଗଦେବା ନିମନ୍ତେ ବିନମ୍ର ନିବେଦନ ।

ଶିବିରାର୍ଥୀମାନେ ଆବଶ୍ୟକ ଶୀତବସ୍ତ୍ର ସାଥିରେ ନେଇ ଆସିବା ପାଇଁ ତଥା ସମ୍ମିଳନୀର ଆଦ୍ୟରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହିବାକୁ ଅନୁରୋଧ । ଦୟାକରି ସାନପିଲାଙ୍କୁ ସାଙ୍ଗରେ ଆଣିବେ ନାହିଁ । ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରିପାରନ୍ତି ।

ଆପଣମାନଙ୍କର
ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସଭ୍ୟାବୃନ୍ଦ,
ମାତୃଜ୍ୟୋତି, ଝାରସୁଗୁଡ଼ା

**ଯୋଗାଯୋଗ :**
ଡା: ବିଜୟିନୀ ମହାପାତ୍ର : ୯୪୩୭୦୨୩୪୨୬ : ଅଞ୍ଜନା ଅପା : ୯୫୫୬୭୦୫୮୮୧;
ରୀନା ଅପା : ୯୪୩୮୩୩୪୪୩୬; ସୁନୀତା ମିଶ୍ର : ୭୬୮୧୮୮୨୩୫; ସୁନୀତି ଅପା : ୯୪୩୭୮-୫୦୯୬୬; ବିଜୟ ପାଲ : ୭୮୫୨୯ ୪୩୮୦୮; ସୁରେନ୍ଦ୍ର ବେହେରା : ୯୦୪୦୪୬୩୭୧୯

# ବଡ଼ରୁ ଛୋଟ ଯାଏଁ ସବୁ ଜୀବଜନ୍ତୁ

## ରସ୍‌କିନ୍ ବଣ୍ଡ

ମୋର ଭାଇ ଭଉଣୀ କେହି ନଥିଲେ । ତେଣୁ ସେମାନଙ୍କ ସହିତ ମୁଁ ବଢ଼ି ଉଠି ନାହିଁ । ବରଂ ମୋ ଜେଜେବାପାଙ୍କର ପୋଷା ଜନ୍ତୁମାନଙ୍କ ଭିତରେ ମୁଁ ବଡ଼ ହୋଇ ଉଠିଛି । ସେମାନଙ୍କ ଭିତରେ ଥିଲେ ମାଙ୍କଡ଼ଟିଏ, କଇଁଛ, ଗୋଟାଏ ଗୋଖର ସାପ ଓ ଶିଙ୍ଗଥିବା ବଡ଼ ପକ୍ଷୀଟିଏ (hornbill); ପରେ ପରେ ଅନ୍ୟଜନ୍ତୁ ବି ଆସିଲେ । ଏଇପରି ବିଚିତ୍ର ଜୀବଙ୍କ ସମାବେଶ ମୋ ଜେଜେଙ୍କୁ ଭଲ ଲାଗେ । ଅନ୍ୟମାନଙ୍କର କିଛି କିଛି ଆପତ୍ତି ଥିଲା ଅବଶ୍ୟ, ମାତ୍ର ଯେହେତୁ ସେ ଘରଟା ଥିଲା ଜେଜେଙ୍କର* ତେଣୁ କାହାର କିଛି ଓଜର-ଆପତ୍ତିକୁ ସେ ଗୁରୁତ୍ୱ ଦେଉ ନଥିଲେ । ବିଶେଷ କରି, ସେ ଘରେ ବେଶୀଭାଗ ରହୁଥିଲେ ମହିଳା – ମୋ ଜେଜେମା', କେତେବେଳେ କେମିତି ଆସୁଥିଲେ ମୋର ମାଉସୀ, ପିଉସୀ; ସେମାନଙ୍କୁ କେମିତି କ'ଣ କହି ମନେଇବାକୁ ହେବ, ସେଇଟା ଆମକୁ ଭଲ ଜଣାଥିଲା । ପୋଷା ଧଳା ମୂଷା କି ଗୁଣ୍ଡୁଚି ମୂଷା ଯଦି କେବେ ଜେଜେମାଙ୍କୁ ବେଶୀ ହଇରାଣ କରୁଥିଲେ ଓ ସେ ବିରକ୍ତ ହୋଇ ତଡ଼ିଦେବାକୁ ଚାହୁଁଥିଲେ, ମୁଁ ସେମାନଙ୍କୁ ନେଇ ପଣସଗଛର କୋରଡ଼ରେ ଲୁଚାଇ ରଖୁଥିଲି, ତାଙ୍କ ରାଗ କମିଗଲେ ସେମାନଙ୍କର ଉତ୍ପାତ ପୁଣି ଆରମ୍ଭ ହୋଇ ଯାଉଥିଲା । କାରଣ ଜେଜେମାଙ୍କର ସହନଶୀଳତା ଟିକିଏ ଅଧିକ ଥିଲା । ସେସମୟରେ ଚାରିଚକିଆ ଗାଡ଼ି ଖୁବ୍ ବେଶୀ ନଥିଲା, ପୁଣି ହିମାଳୟର ପାଦଦେଶରେ, କହିବାକୁ ଗଲେ ଆହୁରି କମ୍, ବରଂ ଘୋଡ଼ା ଦ୍ୱାରା ଟଣା ଗାଡ଼ି ମଣିଷଙ୍କ ପାଇଁ ଓ ଜିନିଷପତ୍ର ନେବା ପାଇଁ ବ୍ୟବହୃତ ହେଉଥିଲା । ପାହାଡ଼ିଆ ନଦୀରେ ବନ୍ୟା ଆସିଲେ ଆମେ ସେଇ ଅଶ୍ୱଟଣା ଟାଙ୍ଗାରୁ ଓହ୍ଲାଇ ଖାଲିଗୋଡ଼ରେ ଡେଇଁ ଆଗେ ସ୍ରୋତ ପାରି ହୋଇଯାଉ ଓ ଗାଡ଼ିଟି ଜିନିଷପତ୍ର ଧରି ଆଗେଇ ଚାଲେ ଆମ ପଛେ ପଛେ ।

ଜେଜେଙ୍କର ଦୁଇଟି ବଡ଼ ଧରଣର ଡେନ୍-କୁକୁର ଥିଲେ, ଶିକାରରେ ଯାଉଥିଲେ ତାଙ୍କ ସଙ୍ଗରେ, ମାତ୍ର ଏତେ ନିରୀହ ଜନ୍ତୁ ଯେ ସେମାନଙ୍କ ପିଠିରେ ବସି ଜଙ୍ଗଲ ରାସ୍ତାରେ ଯାଇହୁଏ । ମାତ୍ର ତାଙ୍କର ଆହାର ଥିଲା ଅତିମାତ୍ରାରେ ଅଧିକ । ତେଣୁ ସେମାନଙ୍କୁ ଜେଜେ ଧନୀ ପରିବାରକୁ ଦେଇ ଦେଲେ । ସବୁଠୁ ବେଶୀ ଦୁଷ୍ଟାମି କରୁଥିଲା ଟୋଟୋ । ଟୋଟୋ ଥିଲା ଲାଲମୁହାଁ ମାଙ୍କଡ଼ ଛୁଆ – ଚେହେରାଟା ଛୋଟ, ଆଖି ଦୁଇଟି ଭିତରକୁ ପଶିଯାଇ ଥିଲେ ବି ଖୁବ୍ ଉଜ୍ଜ୍ୱଳ, ଦୁଷ୍ଟାମିରେ ଭରା, ଦାନ୍ତଗୁଡ଼ିକ ଚିକ୍ ଚିକ୍ ଧଳା । ପ୍ରଥମେ ଆମେ ଟୋଟୋକୁ ରଖିଛୁ ବୋଲି ଲୁଚାଇଥିଲୁ ଜେଜେମାଙ୍କ ପାଖରୁ । ମାତ୍ର ଟୋଟୋ ତାଙ୍କର wall paper ସବୁ ଛିଣ୍ଡାଇ ପକାଇଲା, ଯାହା ଜେଜେମା ଯତ୍ନ କରି ଘରର କାନ୍ଥରେ ଲଗାଇଥିଲେ । ଫଳରେ ଟୋଟୋ ତାଙ୍କ ନଜରରେ ପଡ଼ିଲା ଓ ସେ କହିଲେ, 'ଏଇଟାକୁ ଏଇକ୍ଷଣି ବିଦା କର' । ଜେଜେ ମାସରେ ଥରେ ସାହାରାନ୍‌ପୁର ଯାଇ ତାଙ୍କର ପେନ୍‌ସନ୍ ଆଣୁଥିଲେ । ସେଥର ସେ ଟୋଟୋକୁ ଗୋଟାଏ ଫିଟାଥିବା କନା ବ୍ୟାଗରେ ଭର୍ତ୍ତି କରି ସାଙ୍ଗରେ ନେଇ ଗଲେ । ସେ ବାଟଯାକ ବ୍ୟାଗ୍ ସହିତ ନାନାପ୍ରକାର ଡିଆଁଡେଇଁ ତଥା ଲମ୍ଫ ପ୍ରଦାନ କରି ସଙ୍ଗିଯାତ୍ରୀମାନଙ୍କର ମନୋରଞ୍ଜନ କଲା, ମାତ୍ର ଟିକଟ କଲେକ୍‌ଟର ଯେତେବେଳେ ଟିକେଟ ଯାଞ୍ଚ କରିବାକୁ ଆସିଲେ, ଟୋଟୋ ଥଳିର ରଶିକୁ ଢିଲା କରି ତା'ର ମୁହଁ ଦେଖାଇଲା, ଦାନ୍ତ ନିକୁଟି ହସିଲା । ଭଦ୍ରଲୋକ ଜଣକ ପ୍ରଥମେ ଚମକି ପଡ଼ିଲେ, ତା'ପରେ ରାଗିଯାଇ କହିଲେ, 'କୁକୁରଟେ ସାଙ୍ଗରେ ନେଉଛ, ତା'ର ଟିକଟ କାହିଁ ?' ଜେଜେ ଯେତେ ବୁଝାଇଲେ : ସେ ଚାରିଗୋଡ଼ିଆ କୁକୁର ନୁହେଁ, ମାଙ୍କଡ଼ଟାଏ – ଯିଏ ଏ ଥଳିର ସାମଗ୍ରୀ ଭଳି । ତଥାପି ଫଳ କିଛି ହେଲା ନାହିଁ । ଟିକଟ କଲେକ୍‌ଟର ତାଙ୍କଠୁ ତିନିଟଙ୍କା ଚାରିଅଣା ନେଲା ଟୋଟୋର ଟିକଟ ବାବଦରେ । ଜେଜେ ବିରକ୍ତ ହୋଇ ବ୍ୟାଗ୍‌ରୁ

* ମୋ ଜେଜେଙ୍କ ପରିବାର ରହୁଥିଲେ ଡେରାଡୁନ୍‌ରେ । ସେ ଭାରତୀୟ ରେଳବାଇ ବିଭାଗରେ ଆଗେ କାମ କରୁଥିଲେ । ମୋର ମାତାପିତା ରହୁଥିଲେ ବର୍ମାଦେଶରେ । ସେସମୟରେ ଭାରତବର୍ଷ ପରି ବର୍ମା ମଧ୍ୟ ବ୍ରିଟିଶ ସରକାରଙ୍କ ଅଧୀନସ୍ଥ ଥିଲା । ଜେଜେ ରେଳବାଇରୁ ପେନ୍‌ସନ୍ ପାଉଥିଲେ ।

ଅପେକ୍ଷାକୃତ ଛୋଟ ଜୀବନ୍ତ କଇଁଛଟିଏ ବାହାର କରି ସେଇ ଟିକଟ କଲେକ୍ଟର ଆଗରେ ଥୋଇ ଦେଲେ ଓ ଉଷ୍ମକଣ୍ଠରେ ପଚାରିଲେ, 'ହଁ, କହି ଦିଅନ୍ତୁ ଏଇଟା ପାଇଁ ଆପଣ କେତେ ନେବେ, ଯେହେତୁ ମାଙ୍କଡ଼ ଛୁଆଟା ପାଇଁ ଟିକଟ ଖର୍ଚ୍ଚ ନେଇ ସାରିଲେଣି । କଲେକ୍ଟର ନିଜ ଜାଗାରୁ ଦୁଇପାହୁଣ୍ଡ ଆଗେଇ ଆସି ଜିଅନ୍ତା କଇଁଛଟିକୁ ଗାଡ଼େଇ ଚାହିଁଲେ ଓ ମନ୍ତବ୍ୟ କଲେ, 'ଏସବୁ କୀଟପତଙ୍ଗ(Insect)ଙ୍କ ପାଇଁ କିଛି ଟିକଟ ଖର୍ଚ୍ଚ ନାହିଁ ।'...

ଜେଜେମା ଟୋଟୋର ବୁଦ୍ଧିମତ୍ତାକୁ କିଛି ଗଠନମୂଳକ କାମରେ ଲଗାଇବାକୁ ଚେଷ୍ଟା କଲେ । ମୂଷା ଧରିବା କାମ ସେଥି ମଧ୍ୟରୁ ଗୋଟିଏ । ମାତ୍ର ମୂଷା ଧରିବା ଅପେକ୍ଷା ଆଉ ଆଉ ଜିନିଷ ଆବିଷ୍କାର କରିବାରେ ସେ ମୁଣ୍ଡ ଖେଳାଇଲା । ଜେଜେମା ଟୋଟୋକୁ ଘୋଡ଼ାଙ୍କ ପାଇଁ ରଖାଯାଇଥିବା ଛଣ-କୁଟା ଘରୁ ବାହାର କରିଆଣି ଭାଡ଼ି ଉପରେ ଯେଉଁଠି ତାଙ୍କର ଫଳରୁ ପ୍ରସ୍ତୁତ ନାନାପ୍ରକାର ଜାମ୍-ଜେଲି ଆଦି ବୋତଲରେ ପଶି ସାଇତା ହୋଇଥାଏ, ସେଇ ଜାଗାରେ ଗୋଟିଏ ରଶି ଦେଇ ବାନ୍ଧି ଦେଲେ ଯେମିତି ମୂଷାପଲ ତା' ଭୟରେ ପଳେଇ ଯିବେ । ମାତ୍ର ଟୋଟୋ ଭାବିଲା – ମୁଁ ଏମିତି କ'ଣ ଭୁଲ୍ କରିଛି ଯେ ମୋତେ ଏଠାରେ ରଶିଦେଇ ବାନ୍ଧି ରଖା ଯାଇଛି ? ସେ କାହିଁକି ମୂଷା ଧରିବାକୁ ଯିବ ? ରାତିଯାକ ମଜାରେ ଶୋଇ ସକାଳୁ ଉଠିଛି । ମୂଷିକମାନେ ମନଇଚ୍ଛା ଏଣେ ତେଣେ ଧାଇଁବୁଲି ସକାଳ ହେବା ଆଗରୁ ନିଜ ନିଜ ଗାତକୁ ଚାଲି ଗଲେଣି । ଟୋଟୋକୁ ଲାଗିଲାଣି ଭୋକ । ସେ ଉଣ୍ଡିଲା – ଏସବୁ ଡବା ବୋତଲରେ କ'ଣ ଅଛି ? ଦେଖିଲା ଭଲ ଭଲ ଖାଇବା ଜିନିଷ; ଡବା ଓ ବୋତଲର ଠିପି ଖୋଲି ସେ ଅଧିକାଂଶ ଜିନିଷ ନିଜ ପେଟ ପୂଜାରେ ଲଗାଇଲା । ପରଦିନ ସକାଳେ ଟୋଟୋ କେତେଟା ମୂଷା ମାରିଛି ଦେଖିବାକୁ ଜେଜେମା ଯେମିତି ଭାଡ଼ିର କବାଟ ଖୋଲିଛନ୍ତି, ଦେଖିଲେ ଟୋଟୋ ମୂଷା ମାରିବା ତ ଦୂରର କଥା, ନିଜେ ଆରାମରେ ବସି ଗୋଟାକ ପରେ ଗୋଟାଏ ଜାମ୍ ବୋତଲ ଖାଲି କରି ଚାଲିଛି । ଜେଜେମା ରାଗିକରି ଟୋଟୋ ଉପରକୁ ଏମିତି ଗୋଟିଏ ବାଡ଼ି ଫୋପାଡ଼ିଲେ ଯେ ସ୍ୱୟଂ ଇନ୍ଦ୍ରଦେବ ବି ଏତେ କ୍ଷିପ୍ରବେଗରେ କେବେ ବଜ୍ର ଫୋପାଡ଼ି ନଥିବେ !

...ଯା'ହେଉ କିଛିଦିନ ଭିତରେ ଜେଜେମାଙ୍କର ସେ ବିରାଗ ଚାଲିଗଲା, ଟୋଟୋ ପୁଣି ତାଙ୍କର ପ୍ରିୟ ହୋଇ ଉଠିଲା । ଦୁଷ୍ଟାମି ମଝିରେ ମଝିରେ କଲେ ବି ଟୋଟୋର ବୁଦ୍ଧି ଥିଲା । ମୁଁ ଯେମିତି ଉଷୁମ ପାଣିରେ ଗାଧୋଇ ଥାଏ, ସେ ବି ସେମିତି ପ୍ରଥମେ ଗୋଡ଼ଟିଏ ବଢ଼ାଇ ପରଖ କରେ ପାଣି କେତେ ଗରମ ଅଛି । ତା'ପରେ ପରେ ଦୁଇଗୋଡ଼ ବୁଡ଼ାଇ, ଧୀରେ ଉଷୁମ ପାଣିରେ ଚବ୍‌ଚବ୍ କରେ, ବହୁ ସମୟ ଧରି । ସାବୁନ୍ ଲଗାଇ ଗାଧୋଇ ପାଧୋଇ ଟବ୍‌ରୁ ବାହାରେ, ଟିକିଏ ଝାଡ଼ି ହୋଇ ସିଧା ରୋଷେଇଘର ଚୁଲି ପାଖରେ ହାଜର । ତା'ପରେ ନିଆଁପୁହାଁଇ ସୁସ୍ଥ ହୋଇ ବାହାରେ । ଦୈବାତ୍ ଜଳ ଅଭିଷେକ ବେଳେ କାହାର ଯଦି ନଜର ପଡ଼ିଯାଏ ଓ ସେ ଯଦି ହସିଦିଏ ଟୋଟୋ କିଛି ସମୟ ପାଇଁ ରୁଷିଯାଏ ।

ଥରେ ତା'ର ଅତିବୁଦ୍ଧିମତ୍ତା ଯୋଗୁଁ ସେ ଗରମ ପାଣିରେ ସିଦ୍ଧ ହେବାକୁ ଯାଉଥିବା ବେଳେ ଜେଜେମା'ଙ୍କ ନଜରରେ ପଡ଼ି ବଞ୍ଚିଗଲା । ଆମର ଗୋଟାଏ ବେଶ୍ ବଡ଼ ଧରଣର ପାତ୍ର ଥିଲା, ସେଥିରେ ଭିନ୍ନ ଭିନ୍ନ କାମ ପାଇଁ ପାଣି ଗରମ ହୁଏ । ଦିନେ ଅଳ୍ପ ଆଞ୍ଚ ଉପରେ ପାତ୍ରଟି ରଖା ଯାଇଛି, ଟୋଟୋ ସେଠାରେ ଯାଇ ହାଜର, କେହି ନଥିବାର ଦେଖି ଢାଙ୍କୁଣୀଟି ଖୋଲିଛି, ଉଷୁମ ବାମ୍ଫ ବାହାରୁଛି ଦେଖି ଭାବିଛି ସେଥିରେ ପଶି ଗାଧୋଇବ ମୁଣ୍ଡ ଗଳାଇ ତା' ପରେ ବେଶୀ ଗରମ ନାହିଁ ଦେଖି ତା' ଭିତରେ ପଶିଛି ଓ ଧୀରେ ଦେହଟା ପାତ୍ର ଭିତରେ ଓ ମୁହଁଟା ପାତ୍ରର ବେକ ଉପରକୁ ରଖିଛି । ଟିକିଏ ପରେ ସେ ଘରକୁ ଜେଜେମା ପଶି ଯାଇଛନ୍ତି ଓ ଦେଖିଛନ୍ତି ଯେ ଟୋଟୋର ଖାଲି ମୁହଁଟି ଅଛି ଓ ଦେହଟା ଦେଖା ଯାଉନି – ଏ ଘଟଣାକୁ ଅଦ୍ଭୁତ ମନେକରି ଓ ସାଥେ ସାଥେ ଅବସ୍ଥା ବୁଝିପାରି ସେ ତାକୁ ଟେକି ଉଠାଇ ଆଣିଛନ୍ତି – ବିଚରା ଟୋଟୋ ଆସନ୍ନ ମୃତ୍ୟୁ କବଳରୁ ରକ୍ଷା ପାଇଗଲା । ତା' ନହେଲେ ତ ସେଦିନ ସିଏ ଗରମ ଜଳରେ ସିଦ୍ଧ ହୋଇ ଯାଇଥା'ନ୍ତା । ମର୍କଟଟି ମଣିଷକୁ ଅନୁକରଣ କରିଛି ଅଥଚ ତା' ଭଳି ପରିଣାମଦର୍ଶୀ ହେବା ଭଳି ବୁଦ୍ଧି ପାଇ ନାହିଁ ! ଗାଧୋଇବାକୁ ଓ ପାଣିରେ ବୁଡ଼ିବା ସଉକ ସେ ଶିଖି ନେଲା ମଣିଷ ପାଖରୁ । ଶେଷରେ ନିମୋନିଆ ଧରିଲା ଓ ସେଥିରୁ ସେ ଉଧୁରି ପାରିଲା ନାହିଁ । ଶେଷବେଳକୁ ଜେଜେମା'ଙ୍କର କୋଳରେ ମୁଣ୍ଡରଖି ଶୋଇ ଥିଲା । ଟୋଟୋ ଆମ ପାଖରେ ମାତ୍ର ବର୍ଷଟିଏହିଁ ରହିଥିଲା ।

ଜେଜେମାଙ୍କର ସହନଶୀଳତା କଥା କହୁଥିଲି । ଜେଜେବାପା ଯେତେଗୁଡ଼ିଏ ଜୀବଜନ୍ତୁ – ଏମିତିକି ବାଘଛୁଆ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରତି ସେ ସଦୟ ଥିଲେ, ମାତ୍ର ସରୀସୃପ ଓ

ସର୍ପଜାତୀୟ ପ୍ରାଣୀଙ୍କ ପ୍ରତି ଭୟଙ୍କର ବିଜାତୀୟ ଭାବ ଥିଲା ତାଙ୍କର । ଏମିତିକି ଏଣୁଅ ଜାତୀୟ ବହୁଚିତ୍ରିତ ଜୀବ ଆଉ ସାପକୁ ପାଳିବାକୁ ଜମା ପ୍ରଶ୍ରୟ ଦେଉ ନଥିଲେ । ଜେଜେବାପା ଥରେ ସାପୁଆକେଳା ପାଖରୁ ଛ'ଟଙ୍କାରେ ଗୋଖର ସାପଟାଏ କିଣିଥିଲେ,– ସାପଟି ବେଶ୍ ଛୋଟ, ଲମ୍ୱା ପ୍ରାୟ ଚାରିଫୁଟ । ତାକୁ କାନ୍ଧରେ ଗାମୁଛା ପରି ଗୁଡ଼ାଇ ଜେଜେ ଆସି ଘରେ ପହଞ୍ଚିଲେ । ଯେମିତି ତା' ଉପରେ ଜେଜେମାଙ୍କ ଦୃଷ୍ଟି ପଡ଼ିଛି, କହିବାକୁ ଗଲେ ମୂର୍ଚ୍ଛା ହୋଇଯିବା ଅବସ୍ଥାରେ ପାଟି କରି ଉଠିଲେ, 'ତୁମ ବେକ ମୋଡ଼ିଦେବ ସିଏ !'

ତାକୁ ପାଳିବା ନପାଳିବା ଉପରେ କିଛି ସମୟ ବଚସା ଚାଲିଲା । ଜେଜେମା ପାଟିକଲେ – ''ତାକୁ ଗାଧୁଆ ଘରେ ବନ୍ଦ କରି ରଖ, ଯେଉଁଠୁ କିଣିଥିଲ, ସେଇଠି ନେଇ ଦେଇ ଆସ । ଅନନ୍ୟୋପାୟ ହୋଇ ଜେଜେ ବଜାରକୁ ଦୌଡ଼ିଲେ, ମାତ୍ର ଲୋକଟିକୁ ପାଇଲେ ନାହିଁ । ଫେରି ଆସିଲେ ଯେମିତି – ଜେଜେମା' ପୁଣି କହିଲେ, 'ଯେମିତି ଆଣିଥିଲ, ସେମିତି ନେଇ ନଦୀ ସେପଟ ଜଙ୍ଗଲରେ ଛାଡ଼ିଦେଇ ଆସ ।' ଜେଜେ କହିଲେ, 'ତାକୁ ଆଗେ କିଛି ଖାଇବାକୁ ଦେଇସାରେ ତା'ପରେ ନେଇ ଜଙ୍ଗଲ ପାଖରେ ଛାଡ଼ି ଦେବି ।' ହୁଏତ ଭାବିଥିଲେ କୁକୁଡ଼ାଟିଏ ମାରି ତା'ର ପର ବାହାର କରି ସାପକୁ ଭୋଜନ ପାଇଁ ଦେବେ । ମାତ୍ର ଗାଧୁଆ ଘର ଖୋଲି ଦେଖିଲା ବେଳକୁ ସେ ନାହିଁ, କେଉଁଆଡ଼େ ଚାଲି ଯାଇଛି । କହିଲେ 'ଭୁଲବଶତଃ ମୁଁ ଗାଧୁଆ ଘର ଝରକାଟା ବନ୍ଦ କରିବାକୁ ଭୁଲି ଯାଇଥିଲି'; ମୁଁ, ଆମ ରୋଷେଇଆ, ମାଳୀ ଆଦି ସମସ୍ତେ ଘର, ବାଡ଼ି ସବୁଆଡ଼େ ଖୋଜିଲୁ, କେଉଁଠି ପାଇଲୁ ନାହିଁ । ଦିନକ ପରେ ଜେଜେଙ୍କ ଭଉଣୀ 'ମାବେଲ୍' ପିଉସୀ ଆସିଲେ । ମୋର ଖାଲି ନୁହେଁ ଜେଜେଙ୍କର ବି ଭୟ ଥିଲା ଯଦି ମାବେଲ୍ ପିଉସୀଙ୍କ ଆଗକୁ ବା ପାଦ ପାଖକୁ ଅକସ୍ମାତ୍ ସାପଟି ଆସିଯାଏ ତେବେ କ'ଣ ହେବ ? ଏମିତି ତ ସିଏ ଅତି ମାତ୍ରାରେ ଭୟାଳୁ ଓ ତରକା; ଯଦି ସତରେ ସେଭଳି କିଛି ଘଟେ, ତେବେ ? – ଦୁଇ, ଚାରି ଦିନ ଚାଲିଗଲା, ଦିନେ ସନ୍ଧ୍ୟା ହେବାକୁ କିଛି ସମୟ ବାକି ଅଛି, ମାବେଲ୍ ପିଉସୀ ବଗିଚା ଆଡୁ ଧଇଁସଇଁ ହୋଇ ଦୌଡ଼ି ଆସିଲେ, ଡରରେ ମୁହଁଟା ପୂରା ଶେତା ପଡ଼ି ଯାଇଛି, ପାଟିରୁ କଥା ବାହାରୁନି । ଆମେସବୁ ପଚାରିବାକୁ ଲାଗିଲୁ କ'ଣ ଏମିତି ଘଟିଲା ? କିଛି ସମୟ ସ୍ତବ୍ଧତା ଭିତରେ କଟାଇ ସେ କହିଲେ ଯେ ମସ୍ତବଡ଼ ବଡ଼ ନୀଳ ଆଖିରେ ବିରାଟ ସାପଟାଏ ଗାଢ଼ ଦୃଷ୍ଟିରେ ତାଙ୍କୁ ଚାହିଁଲା । ସେ କହିଲେ ଦିନ ବେଳା ପିଜୁଳି ଗଛରେ ଭଲ ଭଲ ପିଜୁଳି ଓହଳି ଥିବାର ସିଏ ଦେଖିଥିଲେ, ସନ୍ଧ୍ୟା ହେବା ପୂର୍ବରୁ ସେ ସେଥିରୁ କିଛି ତୋଳିବାକୁ ଯାଇଛନ୍ତି ଓ ସେତିକିବେଳେ ଗଛ ଡାଳରୁ ସାପଟିକୁ ଓହଳି ଥିବାର ଦେଖିଛନ୍ତି । ସେଇ ସାପଟା ବି ତଳକୁ ମୁଣ୍ଡ କରି କଟମଟ କରି ଚାହିଁଛି ତାଙ୍କୁ । ତା' ପରଦିନ ସକାଳୁ ସେ ତାଙ୍କ ପୁଡ଼ି-ପୁଟୁଳା ବାନ୍ଧି ଯିବାକୁ ବାହାରି ପଡ଼ିଲେ – ସିଏ ସାପ ସାଙ୍ଗରେ ଏକା ଘରେ ବାସ କରିବେ ନାହିଁ – କସ୍ମିନ୍‌କାଳେ ବି ନୁହେଁ । ଯା'ହେଉ ବୁଝାଇ ସୁଝାଇ ତାଙ୍କ ଯାତ୍ରା ଆଉ ଦୁଇ, ଚାରିଦିନ ଘୁଞ୍ଚାଇ ଦିଆଗଲା । ବଗିଚାରେ ସାପକୁ ତନ୍ନ ତନ୍ନ କରି ଖୋଜା ଚାଲିଲା ।

ଇତ୍ୟବସରେ ସାପଟି ଜାଲିଦିଆ କୁକୁଡ଼ା ଘରେ ପଶି ଗଞ୍ଜା, କୁକୁଡ଼ା ଓ କିଛି କୁକୁଡ଼ା ଛୁଆଙ୍କୁ ଆତ୍ମସାତ୍ କରି ସାରିଛି । ଦୁଇଦିନ ପରେ ମୋ ଆଖିରେ ପଡ଼ିଲା ଏକ ଅଦ୍ଭୁତ ଦୃଶ୍ୟ – ଗୋଖରଟି ଆସି ଡ୍ରେସିଂ ଟେବୁଲ ଉପରେ ଫଣା ଟେକି ନିଜର ପ୍ରତିବିମ୍ବ ଦେଖୁଛି, ଏତେ ତନ୍ମୟଭାବେ ନିଜର ରୂପରେ ମୁଗ୍ଧ ହୋଇ ଦର୍ପଣରେ ନିଜର ପ୍ରତିଛବିକୁ ସେ ଚାହିଁ ରହିଛି ଯେ କାହାରି ପ୍ରତି ଟିକିଏ ଦୃଷ୍ଟି ନାହିଁ । ମୁଁ ଦୌଡ଼ିଯାଇ ଜେଜେଙ୍କ ହାତ ଧରି ଟାଣି ଟାଣି ଆଣିଲି ଏଇ ଅପୂର୍ବ ଦୃଶ୍ୟଟା ଦେଖାଇବାକୁ, ମାତ୍ର ସେତେବେଳକୁ ସେ ଅନ୍ୟତ୍ର ଘୁଞ୍ଚି ଯାଇଛି । ଏ ଘଟଣା ପରେ ତାକୁ ମାଳୀ ଓ ଘରର ଚାକର-ବାକର କେତେଥର ଦେଖିଲେଣି, ମାତ୍ର ତାକୁ ଧରିବାର ସୁଯୋଗ ମିଳୁ ନାହିଁ । ତା'ପରେ ଥରେ ନିଜେ ଜେଜେ ବି ଗୋଖରଟିକୁ ଡ୍ରେସିଂ ଟେବୁଲର ଦର୍ପଣରେ କୁଣ୍ଡଳୀ ପକାଇ ବେକ ଟେକି ନିଜ ଚେହେରାକୁ ଅପଲକ ନୟନରେ ଚାହିଁ ରହିବାର ଦେଖିଲେ । ଏ ବିଷୟରେ ଆମର କଥାବାର୍ତ୍ତା ଶୁଣି ମାବେଲ୍ ପିଉସୀ ତା'ପରଦିନ ସକାଳୁ ସକାଳୁ ବାହାରି ଗଲେ – ଏ ଆପଦରୁ ଯେତେ ଶୀଘ୍ର ମୁକୁଳିବେ ସେତେ ମଙ୍ଗଳ ।

ଜେଜେ କହିଲେ, 'ଯାହାହେଉ ଏବେ ତା'ର ଦୁର୍ବଳତା ଆମେ ଜାଣିଗଲୁ । ଦେଖାଯାଉ କ'ଣ କରି ପାରିବା ତାକୁ ନେଇ ।' ଜେଜେମା ଏପରି ହାଲୁକା ମନ୍ତବ୍ୟରେ ଖୁସି ହୋଇ ପାରିଲେ ନାହିଁ, ତେଣୁ ଜେଜେ ପୁଣି କହିଲେ, 'ନା, ନା, ମୁଁ କହୁଥିଲି ଜନ୍ତୁଟା ବହୁତ ଗର୍ବୀ ହୋଇ ଯାଇଛି – ଏକେବାରେ ନିର୍ଭୟ, ତେଣୁ ତାକୁ ଧରିବା କଷ୍ଟ ହେବନି ।'

କିଛିଦିନ ଧରି ସେପରି କିଛି ଘଟିଲା ନାହିଁ । ଗୋଖର

ସାପଟି ମନଇଚ୍ଛା ବଗିଚାରେ ଚଲାବୁଲା କଲା, ଗଛ ସନ୍ଧିରେ ବା ଶାଖା ଡାଳରେ ଗୁଡ଼ାଇ ହୋଇ ମଣିଷଙ୍କୁ ଡରାଇଲା । ଜେଜେ ଗୋଟାଏ ବଡ଼ ଯନ୍ତା ତିଆରି କରାଇଲେ, ତହିଁରେ ଲୋଭନୀୟ କୁକୁଡ଼ାଟିଏ ଓ ଅନ୍ୟାନ୍ୟ ସର୍ପର ଖାଦ୍ୟ ଉପଯୋଗୀ ପଦାର୍ଥ ରଖିଲେ, ସର୍ବୋପରି ଗୋଟିଏ ବଡ଼ ମାପର ଦର୍ପଣ ଖଞ୍ଜିଲେ, ଯେଉଁଥିରେ ସାପଟି ନିଜର ପ୍ରତିଚ୍ଛବି ଭଲଭାବେ ଦେଖି ପାରିବ । ଦୁଇ, ଚାରିଦିନ ପରେ ମୁଁ ବଗିଚା ବାଟ ଦେଇ ସ୍କୁଲ ଯିବାକୁ ବାହାରିଛି , ମୋ ଆଖିରେ ପଡ଼ିଲା ଗୋଖରଟି ନୂଆ ଯନ୍ତା ଭିତରେ ଥିବା ସେଇ ଆଇନା ସାମନାରେ ସ୍ଥିର ହୋଇ ବସି ସ୍ୱ-ପ୍ରତିବିମ୍ବକୁ ଚାହିଁ ରହିଛି । ମୋତେ ଲାଗିଲା ସେ ଯେମିତି ନିଜ ରୂପରେ ମୁଗ୍ଧ ହୋଇ ହସୁଛି । ମୁଁ ଯାଇ ଜେଜେଙ୍କୁ ମଧ୍ୟ ଖବର ଦେଲି । ଜେଜେ ଆସିଲେ, ସେଇ ଜାଲିଦିଆ ଯନ୍ତାଟିର ଦରଜାଟିକୁ ସାବଧାନରେ ହୁକ୍ ଦେଇ ବନ୍ଦ କରିଦେଲେ । ବଗିଚାର ମାଳୀ ଓ ଆଉ ଜଣେ ଦୁଇଜଣଙ୍କୁ ଡାକି ସେଇ ଯନ୍ତାଟିକୁ ଟେକି ନେଇ ତା' ପାଇଁ ନିର୍ଦ୍ଦିଷ୍ଟ ଥିବା ଘୋଡ଼ା ଗାଡ଼ିରେ ଅତି ସାବଧାନ ସହକାରେ ଥୋଇ ଦେଲେ, ଯେମିତି ସାପ ସତର୍କ ହୋଇ ବାହାରି ଯିବାକୁ ଚେଷ୍ଟା ନକରେ । ସେମାନେ ସେ ଗାଡ଼ିଟିକୁ ନଦୀପାର କରାଇ ସେପଟେ ଥିବା ଜଙ୍ଗଲରେ ପଶିଲେ । ଗାଡ଼ି ଉପରୁ ସେମିତି ସେମାନେ ଅତି ଧୀରେ ଯନ୍ତାଟିକୁ ଖସାଇ ଥୋଇ ଦେଲେ, ଅନତିଦୂରରେ ପଛକୁ ଘୁଞ୍ଚି ଯାଇ ଯନ୍ତାର କବାଟଟିକୁ ଲମ୍ବା କାଠି ଦେଇ ଖୋଲି ଦେଲେ । ଆଶ୍ଚର୍ଯ୍ୟର କଥା, ଗୋଖରଟିର ଟିକିଏ ବି ଚଞ୍ଚଳତା ନାହିଁ, ଯେମିତି ସିଏ ନିଜ ଚେହେରାର ପ୍ରେମରେ ବନ୍ଧା ପଡ଼ି ଯାଇଛି । ସେ ଯନ୍ତାରୁ ବାହାରି ଯିବାକୁ କିଛି ତରତର ହେଲା ନାହିଁ, ଆମେ ବି କେହି ଦର୍ପଣଟିକୁ ଘୁଞ୍ଚାଇବାକୁ ଚେଷ୍ଟା କଲୁ ନାହିଁ, ଦୂରରୁ ଖାଲି ଛିଟିକିଣିଟି ଖୋଲି ଦେଲୁ । ଜେଜେ ପରେ ଜେଜେମା'ଙ୍କୁ କହିଲେ – ଗୋଖରଟି ନିଶ୍ଚୟ ଯନ୍ତାରୁ ଚାଲି ଯାଇଥିବ ।

କିଛିଦିନ ପରେ ଆମ ଘର ଲୋକ ଓ ସାଇପଡ଼ିଶା ଦିନେ, ଦୁଇଦିନ ପର୍ଯ୍ୟନ୍ତ ମଝିରାତିରେ ଏକ ଅଦ୍ଭୁତ ଶବ୍ଦ ହେଉଥିବା ଯୋଗୁଁ ଶୋଇ ପାରିଲେ ନାହିଁ । ଶବ୍ଦଟିର ଉତ୍ସ ଖୋଜି ଖୋଜି ଗୋଟିଏ ଜାଗାରେ ପହଞ୍ଚିଲୁ : ଜେଜେଙ୍କର ଝରକାର ବାହାର ପାଖ ଥାକରେ ଥିବା ବଡ଼ କାଚ ବୋତଲରୁ ଶବ୍ଦଟି ଆସୁଛି । ଦେଖିଲା ବେଳକୁ ସେଇ କାଚ ଜାର୍‌ରେ ଗୋଟାଏ ଉପରେ ଗୋଟାଏ ଚାପି ହୋଇ ବସିଛନ୍ତି କେତୋଟି ବ୍ରାହ୍ମଣୀ ବେଙ୍ଗ, ଶିଶୁ ଅବସ୍ଥାରୁ ସେମାନଙ୍କୁ ଉଠାଇ ନେଇ ଜେଜେ ସେଥିରେ ରଖି ଦେଇଛନ୍ତି, ବଡ଼ ହୋଇ ସେମାନେ ନିଜର ସ୍ୱଭାବାନୁଯାୟୀ ଜୋର୍‌ରେ ବୋବେଇଲେ ଯାହା କାନ ଫଟାଇ ଦେଲା ଭଳି ଶବ୍ଦର ସମ୍ମେଳନ ଥିଲା । ପଡ଼ୋଶୀମାନେ ବିରକ୍ତ ହୋଇ ଜେଜେଙ୍କୁ ବହୁତ ଗାଳି ମନ୍ଦ କଲେ ଓ କାଚ ବୋତଲଟି ଉଠାଇବାକୁ ଯାଉଥିଲା ବେଳେ ଜେଜେ ପହଞ୍ଚି ଗଲେ – ଏତେ ବଡ଼ ବଡ଼ ବେଙ୍ଗ ଯେ ଥାଇ ପାରନ୍ତି ସେମାନେ ଦେଖି ଆଶ୍ଚର୍ଯ୍ୟ ହେଲେ । ଏଇ ତକରାଳରେ ବଡ଼ କାଚ ଜାର୍‌ରେ ଘୋଡ଼ଣୀ ଦେବା କଥା ସମସ୍ତେ ଭୁଲିଗଲେ ଫଳରେ ସେଇ ରାତିରେ ସେଗୁଡ଼ିକ ଖପ୍‌ଖାପ୍ ଡେଇଁ ବାହାରି ଗଲେ ନିଜ ପୁରୁଣା ବାସସ୍ଥାନ ପୋଖରୀକୁ । ସେତିକିରେ ଶେଷ ହେଲା ସେ ପର୍ବ ।

ମୁଁ ପ୍ରତିଦିନ ସେଇ ପୋଖରୀ ହୁଡ଼ାକୁ ଯାଏ । ବେଶ୍ ପ୍ରଶସ୍ତ ପୋଖରୀ, ସେଥିରେ ଗଉଡ଼ ଟୋକା ମଇଁଷି ନେଇ ପଶେ । ବେଳେବେଳେ ଅନେକ ମଇଁଷି ପଶି ଘଣ୍ଟା ଘଣ୍ଟା ଧରି ପାଣିରେ ଠିଆ ହୋଇଥା'ନ୍ତି । ମୁଁ ଜୋତା ଖୋଲି କୂଳ ପାଖାପାଖି ଅଳ୍ପ ପାଣିରେ ପଶି କଇଁଫୁଲ ତୋଳି ଆଣେ, ଦେଖେ ଗଉଡ଼ ପିଲାଟି ମଇଁଷିକୁ ପାଣିରେ ଛାଡ଼ି ଦେଇ ମଜାରେ ବଂଶୀ ବଜାଏ, ଗୀତ ବୋଲେ । ବେଳେବେଳେ ମଇଁଷି ପିଠିରେ ଶୋଇ ଉପରକୁ ଚାହିଁ ଆନନ୍ଦରେ ଗୀତ ଗାଉଥାଏ, ମୋତେ ଦେଖିଲେ ଖୁସିରେ ହସି ଦିଏ ।

ବୟସରେ ମୋ'ଠାରୁ ଟିକିଏ ବଡ଼ ହେବ, ଭୟଶୂନ୍ୟ ହୋଇ ପାଣିରେ ପହଁରୁ ଥାଏ, ତାକୁ ଦେଖି ମୋର ବି ପହଁରିବାକୁ ଇଚ୍ଛା ହେଲା, ମାତ୍ର ସେ ପାଣି ମଇଳା ଓ ମାଟିଆ – ଆଉ ମୋତେ ପହଁରି ଆସେ ନାହିଁ । ପିଲାଟି ଇସାରା କରି ମୋତେ କହେ ପହଁରା ଶିଖାଇ ଦେବ ବୋଲି । ମାତ୍ର ଏସବୁ ସ୍ଥାନୀୟ ପିଲାଙ୍କ ସହ ମିଶିବା ପାଇଁ ମୋତେ ଘରୁ ଆକଟ କରା ଯାଇଛି, ବିଶେଷ କରି ଜେଜେମାଙ୍କ ଦ୍ୱାରା । ମୁଁ ଭାବିଲି ଜେଜେବାପା ଏତେ ବେଶୀ ବାଛ ବିଚାର କରନ୍ତି ନାହିଁ, ସେ ନିଶ୍ଚେ ମୋ ପକ୍ଷ ନେବେ । ଏପରି ଭାବି ପୋଷାକପତ୍ର ଉତାରି ଖାଲି ଖଣ୍ଡେ ଭିତର ଜାମା, ପ୍ୟାଣ୍ଟ୍ ପିନ୍ଧି ତା' ସହିତ ପାଣିରେ ପଶି ଧୀରେ ଧୀରେ ପହଁରା ଶିଖିଗଲି । ନାଁଟା ଥିଲା ତା'ର ରାମୁ । ଥରେ ମୁଁ ଓ ରାମୁ ପୋଖରୀ କୂଳରେ ପଡ଼ିଥିବା ପଥର ଖଣ୍ଡ ସନ୍ଧିରେ ଅଣ୍ଡା ଦେଇ କଇଁଛଟିଏ ଜଗି ବସି ଥିବାର ଦେଖିଲୁ । ରାମୁର ପରାମର୍ଶରେ ସେ ନେଲା ଅଣ୍ଡାତକ ଓ ମୁଁ ଆଣିଲି କଇଁଛ । କଇଁଛଟା ନେଇ ମୁଁ ଜେଜେଙ୍କୁ ଦେଲି : ଜାଣିଥିଲି, କଇଁଛ ପୋଷିବାରେ ତାଙ୍କର ଅନେକ ଆଗ୍ରହ ।

କଇଁଛଟି ପାଇ ସେ ତାଙ୍କ ବଗିଚାରେ ପୁରୁଣା ଟବ୍‌ଟିଏ ରଖି ତା' ଭିତରେ ପାଣି ଭର୍ତ୍ତି କରି କିଛି ଟେକା ପଥର ଜମାଇ କଇଁଛଟିକୁ ରଖିଲେ । ମାତ୍ର ସେଇଟା ଦିନରେ ବେଶୀ ଭାଗ ସମୟ ବାହାରେ ବୁଲେ, ଘର ଭିତରେ ବି ଏଣେ ତେଣେ ବୁଲେ; କୁକୁରମାନେ ତା'ର ସ୍ୱାଧୀନ ଭ୍ରମଣରେ ଅସୁବିଧା ସୃଷ୍ଟି କଲେ ସେ ତା'ର ବର୍ମରୂପୀ ଟାଣ ଖୋଳପା ଭିତରେ ମୁଣ୍ଡ ଓ ଗୋଡ଼କୁ ପୂରାଇ ଦେଇ ପଥର ପରି କିଛି ସମୟ ପଡ଼ି ରହେ । ଆତ୍ମରକ୍ଷା କରିବାରେ ସେ ସ୍ୱାବଲମ୍ବୀ । ରାମୁ ଓ ମୁଁ ଦୁହେଁ ଦୁଇଟି ଅଲଗା ଅଲଗା ମଇଁଷି ଉପରେ ବସି ଦୌଡ଼-ପ୍ରତିଯୋଗିତା କରୁ । ମାତ୍ର ସ୍ୱଭାବତଃ ସେଗୁଡ଼ିକ ଅଳସୁଆ । ଟିକିଏ ଚାଲିବା ପରେ ଗୋଟାଏ ଜାଗାରେ ଥ' ହୋଇ ଠିଆ ହୋଇ ପଡ଼ିବେ, କାହାର ସାଧ ଅଛି ସେମାନଙ୍କୁ ସେ ଜାଗାରୁ ଘୁଞ୍ଚାଇବ ? ରାମୁ ସହିତ ମୋର ବନ୍ଧୁତା ନିବିଡ଼ ହେଲା, ସେ ଯାହା କରେ ମୁଁ ଅନୁକରଣ କରେ, ସେ ଯାହା କହେ ମୁଁ ବିଶ୍ୱାସ କରେ । ସେ କହିଲା, ''ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁର ହେବା ଭଲ ନୁହେଁ, କାରଣ ଆମର ସବୁ ଦେବଦେବୀଙ୍କ ପାଖରେ କିଛି ନା କିଛି ପୋଷା ଜନ୍ତୁ ରହିଛନ୍ତି ।'' ମୁଁ ପଚାରିଲି – ଆଉ ଏ ଗୁଣ୍ଡୁଚି ମୂଷା ? ରାମୁ କହିଲା, ହଁ, ସେ ତ ଆମ ଭଗବାନଙ୍କର ବହୁତ ପ୍ରିୟ, ତା' ପିଠି ଉପରେ ଯେଉଁ ଗାର ଭଳି ଦାଗ ରହିଛି, ତା' ଉପରେ ଖୁସି ହୋଇ ଆମ ଈଶ୍ୱର ତ ତାକୁ ଆଉଁସି ଦେଇଛନ୍ତି, ସେଇ ଆଙ୍ଗୁଳିର ଚିହ୍ନ ଏବେଯାଏଁ ସବୁ ଗୁଣ୍ଡୁଚି ବହନ କରୁଛନ୍ତି ।'' ମୋ ଜେଜେ ବି କହିଲେ, ''ଜୀବଜନ୍ତୁଙ୍କର ବି ବଞ୍ଚି ରହିବାର ଅଧିକାର ଅଛି, ଆମେ ତାଙ୍କୁ ତ ମାରୁଛୁ, ପୁଣି ସେମାନଙ୍କ ବାସସ୍ଥାନ ଜଙ୍ଗଲ କାଟି ସଫା କରି ଦେଉଛୁ । ଯେହେତୁ ଗଛଲତାର ଗହଳି କମି କମି ଯାଉଛି, ସେମାନେ ବାଧ୍ୟ ହୋଇ ଏକ ଜାଗାରୁ ଅନ୍ୟ ଜାଗାକୁ ଚାଲି ଯାଉଛନ୍ତି । ଆମ ଭଳି ମଣିଷମାନଙ୍କ ଅବିବେକୀ କାରବାରରେ ଠେକୁଆ, ହରିଣ ଆଦି ନିରୀହ ପ୍ରାଣୀ, ପକ୍ଷୀ ଓ ମାଙ୍କଡ଼ ଆଦି ବାସହରା ହେଉଛନ୍ତି । ପ୍ରକୃତରେ ଦେଖିବାକୁ ଗଲେ ବଣଜଙ୍ଗଲ ତ ସେଇମାନଙ୍କର ।'' ଅକ୍ଷର ପରିଚୟ ନଥିଲେ ବି ରାମୁ ଲୋକକଥା ଓ ପୁରାଣର ଅନେକ କାହାଣୀ ଜାଣେ, ମୋତେ କହି ଶୁଣାଏ । ତା'ରି ପାଖରୁ ଶୁଣି ଶୁଣି ମୋର ବି ହିନ୍ଦୁଧର୍ମର କାହାଣୀମାନ ମନେ ରହି ଯାଇଛି ।

ରାମୁ ତ ପଢ଼ାଲେଖା ଜାଣି ନଥିଲା, ମୁଁ ଡେରାଡୁନ୍ ଛାଡ଼ିବା ପରେ ଆଉ ଯୋଗାଯୋଗ ରଖି ହେଲା ନାହିଁ, ଏବେ ବି ମୋର ତା' କଥା ମନେ ପଡ଼େ, କେଇ ପୁରୁଷରୁ ସେମାନେ କ୍ରୀତଦାସ ଭଳି ଗୋଲାମ, ଅଥଚ ଅଭାବବୋଧ ନାହିଁ – ସଦାବେଳେ ହସଖୁସିଭରା ଚେହେରା ।

(‘All Creatures Great and Small’ର ଛାୟାରେ ଲିଖିତ ।) ❑

*ପ୍ରଶ୍ନ : ଇତର ପ୍ରାଣୀମାନଙ୍କର ମଣିଷମାନଙ୍କ ପ୍ରତି ଯେଉଁ ଭଲ ପାଇବା ରହିଛି, ସେଇଟି ପୁଣି କେଉଁ ପ୍ରକାରର ?*

**ଶ୍ରୀମା :** ପ୍ରାୟ ବୁଦ୍ଧିହୀନ ଲୋକମାନଙ୍କର ଭଗବାନଙ୍କ ପ୍ରତି ଯେଉଁ ଭଲ ପାଇବା ରହିଥାଏ, ଇତର ପ୍ରାଣୀମାନଙ୍କର ମଣିଷମାନଙ୍କ ପ୍ରତି ପ୍ରାୟ ସେହିପରି ଏକ ଭଲ ପାଇବା ରହିଥାଏ । ସେହି ଭଲ ପାଇବା ଭିତରେ ଶ୍ଲାଘାଭାବ ଥାଏ, ଆସ୍ଥା ଥାଏ ଏବଂ ଏକ ନିରାପଦତା-ବୋଧ ମଧ୍ୟ ରହିଥାଏ ।... ...

ଇତର ପ୍ରାଣୀମାନଙ୍କ ମନ ସମ୍ପୂର୍ଣ୍ଣ ଭାବରେ ଅଳ୍ପ ବିକଶିତ ଅବସ୍ଥାରେ ରହିଥାଏ । ମଣିଷମାନଙ୍କ ପରି ସେମାନେ ଅନବରତ ନାନା ଚିନ୍ତା ଓ ଭାବନା ଭିତରେ ପଶି ମୋଟେ ଧନ୍ଦି ହୁଅନ୍ତି ନାହିଁ । ଉଦାହରଣସ୍ୱରୂପ, ସେମାନଙ୍କ ପ୍ରତି କେହି ଦୟାପରବଶ ହୋଇ କିଛି କଲେ ସେମାନେ ସେଥିପ୍ରତି ବଡ଼ ସ୍ୱତଃପ୍ରେରିତ ଭାବରେ କୃତଜ୍ଞତା ପ୍ରକାଶ କରି ଥାଆନ୍ତି ଏବଂ ସେମାନଙ୍କ ମଧ୍ୟରେ ଆସ୍ଥା ଭାବଟି ମଧ୍ୟ ରହିଥାଏ । ତେଣୁ ସେମାନଙ୍କର ଭଲ ପାଇବା ସେଇଟି ଦ୍ୱାରା ତିଆରି ହୋଇଥାଏ ଏବଂ ତାହା କାଳକ୍ରମେ ଏକ ଦୃଢ଼ ମମତା ଭାବରେ ବି ପରିଣତ ହୁଏ, ତୁମର ପାଖେ ପାଖେ ରହିବା ଲାଗି ଏକ ଅପ୍ରତିରୋଧ୍ୟ ଆବଶ୍ୟକତାରେ ପରିଣତ ହୋଇଯାଏ ।

(ମାତୃ ରଚନାବଳି, ଖଣ୍ଡ - ୫, ପୃଷ୍ଠା : ୩୬୨- ୩୬୪)

ଚେତନାର ଦିଗ୍‌ବଳୟ :

# ପରମାତ୍ମା ଉଦ୍ଦେଶ୍ୟରେ ଆତ୍ମ-ବିସ୍ମୃତର ଅଭିଯୋଗ

***ପ୍ରଶ୍ନ :*** *ଜୀବ ପରମାତ୍ମାଙ୍କର ଅଂଶ ସ୍ୱରୂପ । ଅତଏବ ଏ ଅଜ୍ଞତାର ନାଟକ ପ୍ରଦର୍ଶନ କରି, ତାକୁ ବିବର୍ତ୍ତନ ନାମରେ ନାମିତ କରି, କର୍ମଫଳ ରୂପକ ନିୟମରେ ନିଜକୁ ନିକ୍ଷେପ କରି ବାରଂବାର କ୍ଷତବିକ୍ଷତ ହେବାରେ ଆନନ୍ଦ-ସ୍ୱରୂପଙ୍କର କେଉଁ ଆନନ୍ଦ ନିହିତ ?*

**ଉତ୍ତର :** ସୃଷ୍ଟିର ବା ଜୀବନର ଯାଥାର୍ଥ୍ୟ ସମ୍ପର୍କରେ ସଚେତନ ତଥା ଅନୁସନ୍ଧିତ୍ସୁ ହୋଇ ଉଠୁଥିବା ଆମ ପର୍ଯ୍ୟାୟର ଜିଜ୍ଞାସୁଙ୍କୁ ଏ ପ୍ରଶ୍ନ କେବେ କେବେ ବିଚଳିତ କରିବା ଅନିବାର୍ଯ୍ୟ । ଥରେ ଥରେ ଜଣେ ଅଧେ ମହାପୁରୁଷ ବି କହି ପକାଇଛନ୍ତି – ତାଙ୍କ ଉପରେ ଭଗବାନ୍ ମାନବ ଜୀବନର ଦାୟିତ୍ୱଟି ଛାଡ଼ି ଦେଇଥିଲେ ସେ ତାହାକୁ ଅପେକ୍ଷାକୃତ ଉତ୍ତମ ରୂପେ ତୁଲାଇ ଥା'ନ୍ତେ; ମଣିଷଙ୍କୁ ଏଡ଼େ ହଲାପଟା ହେବାକୁ ପଡ଼ନ୍ତା ନାହିଁ !

କୁହାଯାଇପାରେ, ପରମାତ୍ମା ସମ୍ପୂର୍ଣ୍ଣ ସ୍ୱାଧୀନ । ନିଜ ସ୍ୱାଧୀନ ଇଚ୍ଛାରେ ଭଲ କାମଟିଏ କରିବାକୁ ଯାଇ କେଉଁଠି ବୋଧହୁଏ ଟିକିଏ ଭୁଲ୍ କରି ପକାଇବା ଫଳରେ ବିଭ୍ରାଟ ହୋଇ ଯାଇଛି ପରା ! ତେବେ ଏଭଳି ସମ୍ଭାବନା ପରିବେଷଣ କରିବା ମାତ୍ରେ ପ୍ରଶ୍ନ ଉଠିବ, ପରମାତ୍ମା ପୁଣି ଭୁଲ୍ କରିବେ କେମିତି ? ତେବେ ଏ ପ୍ରଶ୍ନର ମଧ୍ୟ ଉତ୍ତର ସମ୍ଭବ – ବେଶ୍ ଦାର୍ଶନିକ ଉତ୍ତର : ପରମାତ୍ମା ସମ୍ପୂର୍ଣ୍ଣ ସ୍ୱାଧୀନ; ଭୁଲ୍ କରିବାର ସ୍ୱାଧୀନତା ନ ଥିଲେ ସେ ସମ୍ପୂର୍ଣ୍ଣ ସ୍ୱାଧୀନ ହେବେ କିପରି ?

ଆମ ବୁଦ୍ଧି ଓ ଜ୍ଞାନକୁ ଭିତ୍ତି କରି ଆପଣଙ୍କ ପ୍ରଶ୍ନର ଏମନ୍ତ ନାନାବିଧ ଉତ୍ତର ପ୍ରସ୍ତୁତ କରାଯାଇପାରେ; କିନ୍ତୁ ସେସବୁ ହେବ ଭଗବାନଙ୍କ ପାଇଁ ଓକିଲାତି କରିବା ଭଳି ବିକଳ ପ୍ରଚେଷ୍ଟା । ବୁଦ୍ଧି ଏବଂ ଜ୍ଞାନ ଏ ଅସୀମ ସୃଷ୍ଟିର କିୟଦଂଶ ମାତ୍ର ଏବଂ ସୃଷ୍ଟି ଆରମ୍ଭ (?) ହେବାର ବହୁ-ବହୁ କାଳ ପରେ, ମଣିଷଜାତି ପ୍ରସ୍ତୁତ ହେବାର ବହୁ ଯୁଗ ପରେ ଏ ଗୁଣମାନ ବିକଶିତ ହୋଇଛନ୍ତି । ଅତଏବ ଏକ ଅତୀବ ସସୀମ ଆୟୁଧ ସାହାଯ୍ୟରେ ଅମାପ ଅସୀମକୁ ମାପଚୁପ କରିବା ଏବଂ ତା'ର କାର୍ଯ୍ୟକଳାପର ଆଭିମୁଖ୍ୟ ନିରୂପଣ କରିବା ଅସମ୍ଭବ ଆଶା ।

ତଥାପି ଆପଣଙ୍କ ପ୍ରଶ୍ନ-ନିହିତ ରହସ୍ୟର ହେତୁ ଉପଲବ୍ଧି କରାଯାଇପାରେ; ଅନେକେ କରିଛନ୍ତି ମଧ୍ୟ । ସମସ୍ୟା ହେଲା, ସେମାନେ ସିନା ଉପଲବ୍ଧି କରିଛନ୍ତି, କିନ୍ତୁ ସେମାନେ ଆମକୁ ତାହା କରାଇ ଦେଇ ପାରିବେ ନାହିଁ; ସେମାନେ କହିବେ, ବର୍ଣ୍ଣନା ଦ୍ୱାରା ବା ଅନ୍ୟ କୌଣସି ମତେ ମଲ୍ଲୀର ମହକ ତୁମକୁ ଉପଲବ୍ଧି କରାଇ ଦେଇ ହେବ ନାହିଁ; ସ୍ୱୟଂ ତୁମକୁ ମଲ୍ଲୀ ଆଘ୍ରାଣ କରିବାକୁ ହେବ; ଅର୍ଥାତ୍ ପରମାତ୍ମାଙ୍କ କାର୍ଯ୍ୟକଳାପ, ତାଙ୍କ ଆଭିମୁଖ୍ୟର ବ୍ୟାଖ୍ୟା ଖୋଜି ପାଇବା ନିମନ୍ତେ ପରମାତ୍ମାଙ୍କୁ ଉପଲବ୍ଧି କରିବାକୁ ହେବ । ସେତେବେଳେ ବୁଝିବ, ତୁମେ ନିଜେହିଁ ପରମାତ୍ମା ଭାବରେ ଯାହା କରିବାର କରିଛ; ନିଜ ଇଚ୍ଛାରେ ବିସ୍ମୃତ ହୋଇ ରହିଛ; ଏ ପରିସ୍ଥିତି ତୁମରି ଲୀଳା ! ଏକଦା ତୁମେ ଏକ ବା ଅଦ୍ୱିତୀୟ ଥିଲ । ନିଜ ଖୁସିରେ ଦିନେ ନିଜ ସହିତ ଲୁଚକାଳି ଖେଳିବା ସକାଶେ ସ୍ଥିର କଲ । ନିଜର ନିଜତ୍ୱରୁ କିଞ୍ଚିତ୍‌କୁ ଅସଂଖ୍ୟ ସତ୍ତାରେ ପରିଣତ କଲ ଏବଂ ସେମାନଙ୍କୁ ତୁମଠାରୁ ଦୂରେଇ ଯିବାର ସ୍ୱାଧୀନତା ଦେଲ । ତୁମେ ସମ୍ପୂର୍ଣ୍ଣ ସଚେତନ; ତୁମଠୁଁ ଦୂରେଇ ଦୂରେଇ ଯାଇ ତୁମରି ସତ୍ତାମାନେ ହୋଇ ଗଲେ ଅଚେତନ । ତୁମେ ଜ୍ଞାନ; ଦୂରେଇ ଦୂରେଇ ଯାଇ ସେମାନେ ହେଲେ ଅଜ୍ଞାନ; ତୁମେ ଅମର, ଦୂରେଇ ଦୂରେଇ ଯାଇ ସେମାନେ ପାଇଲେ ମୃତ୍ୟୁର ସ୍ୱାଦ । ତତ୍ପରେ ତୁମେ ଦିନେ ତୁମର ସେ ବିଚ୍ଛୁରିତ, ଆତ୍ମ-ବିସ୍ମୃତ ସତ୍ତାମାନଙ୍କୁ ଦେଲ ନିର୍ଦ୍ଦେଶ : ''ହେଲା ! ଏଥର ଫେରିଆସ !'' ବାସ୍, ଆରମ୍ଭ ହେଲା ବିବର୍ତ୍ତନ : ଅର୍ଥାତ୍ ଅଚେତନତାରୁ ଚେତନା ଭିତରକୁ, ଅଜ୍ଞାନରୁ ଜ୍ଞାନ ଭିତରକୁ, ମୃତ୍ୟୁରୁ ଅମରତା ଭିତରକୁ ପ୍ରତ୍ୟାବର୍ତ୍ତନ ।

ମଝେ ମଝେ ପରମାତ୍ମା ତାଙ୍କର ଏ ଆତ୍ମ-ବିସ୍ମୃତ ସତ୍ତାମାନଙ୍କୁ, ଅର୍ଥାତ୍ ଆମକୁ ଆମ ଜୀବନର ଲକ୍ଷ୍ୟ ସମ୍ପର୍କରେ ଚେତାଇ ଦେବା ନିମନ୍ତେ ଅବତାର ରୂପେ ଆସନ୍ତି – ନିଜ ସଂକଳ୍ପରେ କିଞ୍ଚିତ୍ ଆତ୍ମ-ବିସ୍ମୃତ ହୋଇ । ଆମରି ଭଳି କ୍ଲେଶ ଭୋଗନ୍ତି । ମନେ ପକାନ୍ତୁ ଶ୍ରୀରାମ ବା ଶ୍ରୀକୃଷ୍ଣଙ୍କ ଜୀବନଗାଥା ।

ଆମେ ଆତ୍ମ-ବିସ୍ମୃତ ସତ୍ତାମାନେ ଜନ୍ମଜନ୍ମାନ୍ତର ଧରି ସୁଖଦୁଃଖର ଅର୍ବୁଦ ଅଭିଜ୍ଞତା ସଞ୍ଚୟ କରି କରି, ଆମର ନାନାବିଧ

ଅଜ୍ଞାନ ଅଭିଳାଷ ସମ୍ପର୍କରେ ଧୀରେ ଧୀରେ ମୋହମୁକ୍ତ ହୋଇ ସେହି ପ୍ରତ୍ୟାବର୍ତ୍ତନ ଅବ୍ୟାହତ ରଖିଛୁ । ଯିଏ ମୋହମୁକ୍ତ ପ୍ରାଜ୍ଞ, ସେ ତୁରନ୍ତ ମୂଳ ସତ୍ତା ସହ ଏକ ହେବାର ରାସ୍ତା ଖୋଜି ନିଏ । ଆପଣ ସେହି ରାସ୍ତାର ଶେଷରେ ଉପନୀତ ହେଲେ ଆପଣଙ୍କ ପ୍ରଶ୍ନର ଉତ୍ତର ଉପଲବ୍ଧି କରିବେ ।

ଏମନ୍ତ ପ୍ରଶ୍ନରେ ଧନ୍ଦି ହେଉଥିବା ଆମ ଭଳି ମଣିଷମାନଙ୍କୁ ଜଣେ ମହାନ୍ ଅଧ୍ୟାତ୍ମ ପୁରୁଷଙ୍କ ପରାମର୍ଶର ମର୍ମ ଏହିପରି : ''ଦେଖ, ଯେତେବେଳେ ଭଗବାନ୍ (ପରଂବ୍ରହ୍ମ ବା ପରମାତ୍ମା) ଏ ସୃଷ୍ଟି ଆରମ୍ଭ କଲେ ସେତେବେଳେ ତୁମେ ତାଙ୍କୁ ପରାମର୍ଶ ଦେବା ନିମନ୍ତେ ନ ଥିଲ । ସୁତରାଂ ସିଏ ଯାହା ଚାହିଁଛନ୍ତି କରିଛନ୍ତି । ବର୍ତ୍ତମାନ ଏହାକୁ ଅଥବା ତୁମ ଜୀବନଧାରାକୁ ସୁଧାରିବା ନିମନ୍ତେ ଅଥବା ନିଜ ଚେତନାରେ ସମତା ଶାନ୍ତି ପ୍ରତିଷ୍ଠା ନିମନ୍ତେ ଯାହା ଯେତିକି କରିପାରିବ, ସେତିକି କର !''

— **ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ,
ପୃ. ୯୯-୧୦୧) ❑


The Mother of all godheads and all strengths
Who, mediatrix, binds earth to the Supreme.

*(Savitri, p. 313)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

tarika

AYURVEDIC HERBAL REMEDIES

**Pimple / Acne Remover**

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**

Controls hair loss and improves hair growth
*Regular use prevents hair thinning and receding hair line*

**Gum oil**

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIV, No. 1** **R.N.I. No. 18163/70.**
Navaprakash (Monthly), January, 2023 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

## ବିଶେଷ ସୂଚନା :

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




**ସାବିତ୍ରୀ**

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**